

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

**The Dhwani Pratidhwani**

website : www.dhwanipratidhwani.net
email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୬ ଜୁଲାଇ ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 06 JULY 2023
Vol.No. 35 ■ No. 177■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ସଂଖ୍ୟା ଖେଳରେ ବାଜି ମାରିନେଲେ ଅଜିତ



ନୂଆଦିଲ୍ଲୀ,୫/୦୭ :ରବିବାର ସେ ଅନ୍ୟ ୮ ବିଧାୟକଙ୍କ ସରକାରଙ୍କୁ ସମର୍ଥନ କରିଥିଲେ। ଫଳରେ ଏନସିପି ଦି'ଫାଳ ହୋଇ ଯାଇଥିଲା। ଶରଦ ପାୱାର ଏହାକୁ ଗ୍ରହଣ ନ କରି ଆଜି ବିଧାୟକ ଦଳ ବୈଠକ ଡାକିଥିଲେ। ଅଜିତ ପାୱାର ମଧ ସମାନ ପଦକ୍ଷେପ ନେଇଥିଲେ। ଅପ୍ରତ୍ୟାଶିତ ଘଟଣାକ୍ରମରେ ମହାରାଷ୍ଟ୍ରର କ୍ଷମତାସୀନ ବିଜେପି ଓ ଏକନାଥ ସିନ୍ଦେଙ୍କ ଶିବସେନା ସରକାରଙ୍କୁ ସମର୍ଥନ କରିଥିବା ଏନସିପିର ବିଦ୍ରୋହୀ ନେତା ଅଜିତ ପାୱାର ସଂଖ୍ୟା ଖେଳରେ ଆଗୁଆ ହୋଇ ଯାଇଛନ୍ତି। ସେ ନିଜର ଦାଦା ଶରଦ ପାୱାରଙ୍କ ବିରୋଧରେ ବିଦ୍ରୋହ ଘୋଷଣା କରି ମହାରାଷ୍ଟ୍ରର ଉପ ମୁଖ୍ୟମନ୍ତ୍ରୀ ହୋଇଥିଲେ। ରବିବାର ସେ ଅନ୍ୟ ୮ ବିଧାୟକଙ୍କ ସରକାରଙ୍କୁ ସମର୍ଥନ କରିଥିଲେ। ଫଳରେ ଏନସିପି ଦି'ଫାଳ ହୋଇ ଯାଇଥିଲା। ଶରଦ ପାୱାର ଏହାକୁ ଗ୍ରହଣ ନ କରି ଆଜି ବିଧାୟକ ଦଳ ବୈଠକ ଡାକିଥିଲେ। ଅଜିତ ପାୱାର ମଧ ସମାନ ପଦକ୍ଷେପ ନେଇଥିଲେ। ଶରଦ ପାୱାର ବନାମ ଅଜିତ ପାୱାର ଲଢ଼େଇକୁ ସମସ୍ତେ ଚାହିଁଥିବା ବେଳେ ଏବେ ନୂଆ ଟ୍ୱିଷ୍ଟ ଆସିଛି। ଦଳ ବଦଳ ନିରୋଧ ଆଇନକୁ ମାତ ଦେବା ପାଇଁ ଅଜିତ ▶▶ପୃଷ୍ଠା ୭

## ଏନସିପିର ଚିହ୍ନ ପାଇଁ ନିର୍ବାଚନ କମିଶନଙ୍କ ନିକଟରେ ଦାବି କଲେ ଅଜିତ ପାୱାର

ନୂଆଦିଲ୍ଲୀ,୫/୦୭ : ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି(ଏନସିପି)ର ପ୍ରତିଷ୍ଠାତା ଶରଦ ପାୱାରଙ୍କୁ ଝଟକା ପରେ ଝଟକା ଲାଗୁଛି। ପ୍ରଥମେ ପୁତୁରା ଅଜିତ ପାୱାର ଦଳରେ ବିଦ୍ରୋହ କରିଥିବା ବେଳେ ଅଧିକାଂଶ ବିଧାୟକ ମଧ ସିନିୟର ପାୱାରଙ୍କ ସାଥ ଛାଡ଼ି ଦେଇଛନ୍ତି। ଏହି ଡବଲ ଝଟକାକୁ ମୁକୁଳି ନଥିବା ୮୩ ବର୍ଷୀୟ ପାୱାରଙ୍କ ଆଗରେ ଆଉ ଏକ ଚ୍ୟାଲେଞ୍ଜ ପହଞ୍ଚି ଯାଇଛି। ବିଦ୍ରୋହ ଘୋଷଣା କରି ମହାରାଷ୍ଟ୍ରର ବିଜେପି ସରକାରକୁ ସମର୍ଥନ କରିଥିବା ଅଜିତ ପାୱାର ଏବେ ଏନସିପିର ଦଳୀୟ ଚିହ୍ନ ଓ ନାଁ ଉପରେ ସଂପୂର୍ଣ୍ଣ ନିୟନ୍ତ୍ରଣ ରଖିବାକୁ ପ୍ରକ୍ରିୟା ଆରମ୍ଭ କରି ଦେଇଛନ୍ତି। ତାଙ୍କ ସହ ଏନସିପିର ୪୦ରୁ ଅଧିକ ବିଧାୟକ ରହିଥିବା ସେ ଦାବି କରି ଦଳୀୟ ଚିହ୍ନ ଓ ନାଁ ପାଇଁ ନିର୍ବାଚନ କମିଶନଙ୍କ ନିକଟରେ ଦାବି ଜଣାଇଛନ୍ତି। ଏନସିପି ଉପରେ ଆଉ ଶରଦ ପାୱାର ଓ ତାଙ୍କୁ ସମର୍ଥନ କରୁଥିବେ ନେତାଙ୍କର କୌଣସି ପ୍ରକାରର ଅଧିକାର ନାହିଁ ବୋଲି ଅଜିତ ପାୱାର ପରୋକ୍ଷରେ ସଙ୍କେତ ଦେଇଛନ୍ତି। ଅଜିତ ପାୱାର ଏନସିପିକୁ ଦଖଲ କରିବା ପାଇଁ ଦାବି ଜଣାଇବା ପରେ ନିର୍ବାଚନ କମିଶନ ଗୋଟିଏ ବିବାଦ ମାମଲା ପଞ୍ଜିକୃତ କରିଥିବା ଜଣାପଡ଼ିଛି। ସୂତ୍ର ଅନୁସାରେ, ଅଜିତ ପାୱାରଙ୍କ ଗୋଷ୍ଠୀ ନିର୍ବାଚନ କମିଶନଙ୍କୁ ଦେଇଥିବା ଚିଠିରେ ୪୦ରୁ ଅଧିକ ବିଧାୟକ ଓ ସାଂସଦଙ୍କ ଦସ୍ତଖତ ରହିଛି। ଏନସିପି ମହାରାଷ୍ଟ୍ର ବିଧାନସଭା ନିର୍ବାଚନରେ ୫୩ଟି ଆସନ ଜିତିଥିଲା। ▶▶ପୃଷ୍ଠା ୭

# ଡିଏନ୍ ଗ୍ରୁପରେ ପଶିଲା ଇନ୍‌କମ୍ ଟ୍ୟାକ୍ସ

## କର୍ମଚାରୀଙ୍କ ଘରୁ ମିଳିଲା ୩୦ କୋଟି




ଭୁବନେଶ୍ୱର, ୦୫/୦୭ (ନି.ପ୍ର): ବ୍ୟବସାୟିକ ପ୍ରତିଷ୍ଠାନର ନିର୍ଦ୍ଦେଶକ ସମେତ କଂପାନୀର ବରିଷ୍ଠ ଅଧିକାରୀଙ୍କ ଘରେ ରେଡ୍ କରାଯାଇଛି। ଭୁବନେଶ୍ୱରର ଏକ ବ୍ୟବସାୟିକ ପ୍ରତିଷ୍ଠାନ ଡିଏନ୍ ହୋମ୍ସ ଗ୍ରୁପରେ ଇନ୍‌କମ୍ ଟ୍ୟାକ୍ସ ରେଡ୍ ହୋଇଛି। ଭୁବନେଶ୍ୱର ଆଇଆରସି ଭିଲେଜରେ ଥିବା ଡିଏନ୍ ଗ୍ରୁପର ମୁଖ୍ୟ କାର୍ଯ୍ୟାଳୟ ସମେତ ୨୦ଟି ସ୍ଥାନରେ ଆୟକର ଚଢ଼ଉ ଚାଲିଥିବା ସୂଚନା ମିଳିଛି। ଟିକସ ଫାଙ୍କିବା ଅଭିଯୋଗରେ ଏହି ରେଡ୍ କରାଯାଇଥିବା ଜଣାପଡ଼ିଛି। ଆଜି ସକାଳେ ବ୍ୟବସାୟିକ ପ୍ରତିଷ୍ଠାନର ନିର୍ଦ୍ଦେଶକ ସମେତ କଂପାନୀର ବରିଷ୍ଠ ଅଧିକାରୀ ଓ ନିକଟ ସମ୍ପର୍କୀୟଙ୍କ ଘର ଓ କାର୍ଯ୍ୟାଳୟରେ ରେଡ୍ କରାଯାଇଛି। ରେଡ୍ ବେଳେ ୟୁନିଟ୍-୪ ସ୍ଥିତ ପୋଷ୍ଟାଲ କଲୋନୀରେ ଥିବା ଜଣେ କର୍ମଚାରୀଙ୍କ ଘରୁ ନଗଦ ୩୦ କୋଟି ଟଙ୍କା କରାଯାଇଛି। ଏହାସହ ଦେଢ଼ ଶହ ଫାଇଲ ଜବତ କରାଯାଇଥିବା ସୂଚନା ମିଳିଛି। ଜବତ ହୋଇଥିବା ୩୦ କୋଟି ଟଙ୍କା ୩ଟି ବାକ୍ସରେ ରଖାଯାଇଥିଲା। ଯାହାକୁ ଦେଖି ଇନ୍‌କମ୍ ଟ୍ୟାକ୍ସର ଅଧିକାରୀ ତାଜୁବ ହୋଇଯାଇଥିଲେ। ବିପୁଳ ପରିମାଣ ଟଙ୍କା ଜବତ ପରେ ଘଟଣାସ୍ଥଳରେ ଇନ୍‌କମ୍ ଟ୍ୟାକ୍ସର ବରିଷ୍ଠ ଅଧିକାରୀମାନେ ପହଞ୍ଚି ଯାଞ୍ଚ ଆରମ୍ଭ କରିଛନ୍ତି। ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ବିଭିନ୍ନ ସ୍ଥାନରେ ଡିଏନ୍ ଗ୍ରୁପର ମଲ୍ ଏବଂ ହାଉସିଂ ପ୍ରୋଜେକ୍ଟ ରହିଛି । ଡିଏନ୍ ଗ୍ରୁପ ରାଜ୍ୟର ଏକ ପ୍ରମୁଖ ତଥା ପ୍ରଭାବଶାଳୀ ବ୍ୟାବସାୟିକ ପ୍ରତିଷ୍ଠାନ ବୋଲି କୁହାଯାଉଛି । ଏହି ସଂସ୍ଥା ନିଜର କନଷ୍ଟ୍ରକସନ୍ ସହ ଅନ୍ୟ ବ୍ୟବସାୟରେ କୋଟି କୋଟି ଟଙ୍କା ଲଗାଇଥିବା ସୂଚନା ମିଳିଛି। ଇନ୍‌କମ୍ ଟ୍ୟାକ୍ସ ରେଡ୍ ନେଇ ଡିଏନ୍ ଗ୍ରୁପ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିନାହିଁ।

# ରତ୍ନଭଣ୍ଡାର ଖୋଲିବା ନେଇ ହାଇକୋର୍ଟଙ୍କ ନୋଟିସ୍: ପରବର୍ତ୍ତୀ ଶୁଣାଣୀ ଅଗଷ୍ଟ ୭ରେ




ଭୁବନେଶ୍ୱର, ୦୫/୦୭ (ନି.ପ୍ର): ଶ୍ରୀମନ୍ଦିର ରତ୍ନଭଣ୍ଡାର ଖୋଲିବା ମାମଲାରେ ନେଇ ହାଇକୋର୍ଟରେରେ ଆଜି ଶୁଣାଣୀ ହୋଇଛି । ମାମଲାର ଶୁଣାଣୀ କରି ହାଇକୋର୍ଟ ଜବାବ ରଖିବା ପାଇଁ ପ୍ରତିପକ୍ଷ ୪ ଜଣଙ୍କୁ ନୋଟିସ ଜାରୀ କରିଛନ୍ତି । ଶ୍ରୀମନ୍ଦିର ପରିଚାଳନା କମିଟି ଅଧ୍ୟକ୍ଷ, ମୁଖ୍ୟ ପ୍ରଶାସକଙ୍କୁ ନୋଟିସ ଜବାବ ଦାଖଲ କରିବାକୁ ନୋଟିସ ଜାରୀ କରାଯାଇଛି । ସେହିପରି ଏଏସ୍‌ଆଇ ଡିଜି ଓ ଏଏସ୍‌ଆଇ ଅଧୀକ୍ଷକଙ୍କୁ ମଧ ଜବାବ ଦାଖଲ କରିବାକୁ ନୋଟିସ ଜାରୀ କରିଛନ୍ତି । ଉଲ୍ଲେଖନୀୟ ଯେ ବିଜେପିର ପୂର୍ବତନ ରାଜ୍ୟ ସଭାପତି ସମୀର ମହାନ୍ତିଙ୍କ ଦ୍ୱାରା କରାଯାଇଥିବା ଆବେଦନର ଶୁଣାଣୀ କରି ହାଇକୋର୍ଟ ଏହି ନୋଟିସ ଜାରୀ କରିଛନ୍ତି । ଅଗଷ୍ଟ ୭ରେ ମାମଲାର ପରବର୍ତ୍ତୀ ଶୁଣାଣି ପାଇଁ ଦିନ ଧାର୍ଯ୍ୟ କରାଯାଇଛି ।

## ଟିଟିଲାଗଡ଼ରୁ ମିଳିଲେ ଭୁବନେଶ୍ୱରରୁ ନିଖୋଜ ଦୁଇ ଛାତ୍ର

ଭୁବନେଶ୍ୱର, ୦୫/୦୭ (ନି.ପ୍ର): ରାଜଧାନୀ ଭୁବନେଶ୍ୱରରୁ ମଙ୍ଗଳବାର ନିଖୋଜ ଦୁଇ ଦଶମ ଶ୍ରେଣୀ ଛାତ୍ର ବଲାଙ୍ଗୀର ଜିଲ୍ଲା ଟିଟିଲାଗଡ଼ରୁ ବୁଧବାର ଠାବ ହୋଇଛନ୍ତି । ଠାବ କରାଯାଇଥିବା ଦୁଇ ଦଶମ ଶ୍ରେଣୀ ଛାତ୍ର ହେଲେ ପୃଥ୍ୱୀରାଜ ପ୍ରଧାନ ଓ ସୋନୁ କୁମାର। ସେମାନେ ଭୁବନେଶ୍ୱର ଚନ୍ଦକା ଅଂଚଳର ଏକ ଇଂରାଜୀ ମାଧ୍ୟମିକ ସ୍କୁଲ୍ ର ଛାତ୍ର। ଟିଟିଲାଗଡ଼ରୁ ଠାବ ହେଲା ପରେ ପୃଥ୍ୱୀରାଜ ଓ ସୋନୁ କହିଛନ୍ତି ଉଭୟଙ୍କୁ ଅଚେତ କରି ଭୁବନେଶ୍ୱରରୁ ନିଆଯାଉଥିଲା। ସେମାନେ କିନ୍ତୁ କୌଶଳ କ୍ରମେ ଦୁର୍ବୃତଙ୍କ ନିକଟରୁ ଖସି ଆସି ପରିବାର ଲୋକଙ୍କୁ ଜଣାଇଥିଲେ। ପରିବାର ଲୋକଙ୍କ ଠାରୁ ସୂଚନା ମିଳିବା ପରେ ଚନ୍ଦକା ପୁଲିସ ଟିଟିଲାଗଡ଼ ଅଭିମୁଖେ ଯାଉଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ସବୁଦିନ ପରି ମଙ୍ଗଳବାର ଦିନ ପୃଥ୍ୱୀରାଜ ଓ ସୋନୁ ସ୍କୁଲ୍ ଯାଇ ଆଉ ଘରକୁ ଫେରି ନଥିଲେ। ଦୁଇ ନାବାଳକ ଛାତ୍ର। ସ୍କୁଲ୍ ଛୁଟି ହେବାର ଦୀର୍ଘ ସମୟ ଧରି ଘରକୁ ନଫେରିବାରୁ ପରିବାର ଲୋକେ ମଙ୍ଗଳବାର ସନ୍ଧ୍ୟା ପରଠାରୁ ଆଜି ସକାଳ ପର୍ଯ୍ୟନ୍ତ ଖୋଜିଖୋଜି ନୟାନ୍ତ ହୋଇଯାଇଥିଲେ। ପରିବାର ଲୋକଙ୍କ ପକ୍ଷରୁ ସ୍ଥାନୀୟ ଚନ୍ଦକା ଥାନାରେ ଅଭିଯୋଗ ଆଣିବା ପରେ ପୁଲିସ ନିଖୋଜ ୨ ଛାତ୍ରଙ୍କୁ ଖୋଜିବା ଆରମ୍ଭ କରିଥିଲା।

# ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ବାସଭବନ ଘେରିଲା ଛାତ୍ର କଂଗ୍ରେସ

## ପରିବା ହାର ପିନ୍ଧି ପ୍ରତିବାଦ ଜଣାଇଲେ, ବାସଭବନକୁ ଟମାଟୋ ମାଡ କଲେ

ଭୁବନେଶ୍ୱର, ୦୫/୦୭ (ନି.ପ୍ର): ଦରଦାମ୍ ବୃଦ୍ଧି ପ୍ରତିବାଦରେ ଛାତ୍ର କଂଗ୍ରେସ ପକ୍ଷରୁ ଖାଦ୍ୟ ଯୋଗାଣ ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକଙ୍କ ବାସଭବନ ଘେରାଉ କରାଯାଇଛି । ବୁଧବାର ଅପରାହ୍ନରେ ଛାତ୍ର କଂଗ୍ରେସ ସଭାପତି ୟାସିର ନୱାଜଙ୍କ ନେତୃତ୍ୱରେ ଶହ ଶହ କର୍ମୀ ବେକରେ ପରିବା ମାଳ ପକାଇ ଶୋଭାଯାତ୍ରାରେ କଂଗ୍ରେସ ଭବନରୁ ବାହାରିଥିଲେ। ଶୋଭାଯାତ୍ରାରେ ଆସି ସେମାନେ ମନ୍ତ୍ରୀ ଅତନୁ ସବ୍ୟସାଚୀଙ୍କ ସରକାରୀ ବାସଭବନ ସମ୍ମୁଖରେ ବିକ୍ଷୋଭପ୍ରଦର୍ଶନ କରିବା ସହ ମନ୍ତ୍ରୀଙ୍କ ବାସ ଭବନକୁ ଟମାଟ ସହ ପରିବା ମାଡ କରଛନ୍ତି। ବିକ୍ଷୋଭକାରୀମାନେ ମନ୍ତ୍ରୀଙ୍କ ବାସଭବନ ଭିତରକୁ ଧଶେଇ ପଶିବାକୁ ଉଦ୍ୟମ କରିବା ବେଳେ ପୋଲିସ୍ ସେମାନଙ୍କୁ ଅଟକାଇଥିଲା। ଫଳରେ ପୋଲିସ୍ - ବିକ୍ଷୋଭକାରୀ ଧସ୍ତାଧସ୍ତି ହୋଇଥିଲା। ଏହି ଅବସରରେ ଛାତ୍ର କଂଗ୍ରେସ ସଭାପତି କହିଛନ୍ତି ଯେ ଆଜି ଓଡ଼ିଶାରେ ପରିବାଦର ବଢ଼ିବାପାଇଁ କେବଳ ନବୀନ ସରକାରହିଁ ଦାୟୀ। ୨୩ ବର୍ଷ ଭିତରେ ଆବଶ୍ୟକୀୟ ଶୀତଳ ଭଣ୍ଡାର କରିବା ପାଇଁ ନବୀନ ସରକାର ବ୍ୟବସ୍ଥା କଲେ ନାହିଁ। ଏବେ ବିଧାନସଭାରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ ଓଡ଼ିଶାରେ ୧୩୧ଟି ଶୀତଳ ଭଣ୍ଡାରରୁ ୮୨ଟି ଅଚଳ। ୧୩ ଟି ଜିଲ୍ଲାରେ ଆଦୌ ଶୀତଳ ଭଣ୍ଡାର ନାହିଁ। ୨୦୧୮ ମସିହା ଜାନୁଆରୀ ମାସରେ ନବୀନ ସରକାର ଘୋଷଣା କଲେ ପିପିପି ମୋଡ଼ରେ ୧୫୦ଟି ଶୀତଳ ଭଣ୍ଡାର କରିବାପାଇଁ। ଆଜିର ସ୍ଥିତିରେ ଏବେ ବିଧାନସଭାରେ ଉପସ୍ଥାପିତ ତଥ୍ୟ ଅନୁଯାୟୀ ଓଡ଼ିଶାରେ ୧୩୧ଟି ଶୀତଳ ଭଣ୍ଡାରରୁ ୮୨ଟି ଅଚଳ। ଅନ୍ୟପକ୍ଷରେ ତୈଳ ଦର ବୃଦ୍ଧି ମଧ ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟ ଦର ବୃଦ୍ଧିର ଅନ୍ୟତମ କାରଣ। ପେଟ୍ରୋଲ ଓ ଡିଜେଲ ଦର ବୃଦ୍ଧି ପରିବହନ ଉପରେ ଏପରି ପ୍ରଭାବ ପକାଉଛି ଯେ, ଯାହାଫଳରେ ଅଟା, ଡାଲି, ତେଲ ଓ ଜିରା ପ୍ରଭୃତିର ମୂଲ୍ୟ ଆକାଶ ଛୁଆଁ ହୋଇପଡ଼ିଛି। ଆଜିର ଦିନରେ ମୋଦୀ ଓ ନବୀନ ସରକାର ନାମ ଦରବୃଦ୍ଧିର ପ୍ରତୀକ ଭାବରେ ପ୍ରତୀୟମାନ। ତୁରନ୍ତ ବଜାର ଦର ନିୟନ୍ତ୍ରଣ କରିବାକୁ ଛାତ୍ର କଂଗ୍ରେସ ଦାବି କରୁଛି। ଓଡ଼ିଶାରେ ପନିପରିବା ରଖିବା ପାଇଁ ନବୀନ ସରକାର ଆବଶ୍ୟକୀୟ ଶୀତଳ ଭଣ୍ଡାର ନିର୍ମାଣ କରନ୍ତୁ। ଆଜି ଯାହା ପରିସ୍ଥିତି ହୋଇଛି ମୋଦୀ ଓ ନବୀନ ସରକାର କ୍ଷମତାରେ ରହିବାର ଅଧିକାର ହରାଇଛି ବୋଲି ଶ୍ରୀ ନୱାଜ କହିଛନ୍ତି। ପରିଶେଷରେ ଛାତ୍ର କଂଗ୍ରେସ ପକ୍ଷରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଙ୍କ କୁଶପୁତଳିକା ଦାହ କରାଯାଇଥିଲା ।

# ତାମୁଲିଆ ଓଭର ବ୍ରିଜ ଉପରେ ଦୁଇ ବସ ମୁହାଁମୁହିଁ: ଡ୍ରାଇଭର ସମେତ ୧୬ ଆହତ




ବାଲେଶ୍ୱର, ୦୫/୦୭ (ନି.ପ୍ର): ସହର ଉପକଣ୍ଠ ତାମୁଲିଆସ୍ଥିତ ରେଳ ଓଭର ବ୍ରିଜ ଉପରେ ବୁଧବାର ସକାଳେ ଦୁଇ ବସ ମୁହାଁମୁହିଁ ଧକ୍କା ହେବା ଯୋଗୁଁ ଡ୍ରାଇଭରଙ୍କ ସମେତ ଆହତ ହୋଇଥିବା ୧୬ଜଣ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି । ସକାଳ ପ୍ରାୟ ୮ଟା ୪୫ ସମୟରେ କଟକରୁ ବାରିପଦା ଯାଉଥବା ଓଡି୦୫ଡବ୍ଲ୍ୟୁ/୩୬୯୯ ନଂ ବିଶିଷ୍ଟ 'ଅଜୟ' ବସ ସହ ବାଲେଶ୍ୱରରୁ ବାହାନଗା ଯାଉଥିବା ଓଆର୦୫ଏଭି/୩୦୬୬ ନଂର 'ଶ୍ରୀଅରବିନ୍ଦ' ବସର ଧକ୍କା ହୋଇଥିଲା। ଶ୍ରୀଅରବିନ୍ଦ ବସ ତାମୁଲିଆ ଓଭରବ୍ରିଜର ପ୍ରଥମ ଟର୍ଣ୍ଣିଂ ଅତିକ୍ରମ କରୁଥିବା ବେଳେ ଏହାର ଡ୍ରାଇଭର ସିଟ ପାର୍ଶ୍ୱରେ ଅଜୟ ବସ ଧକ୍କା ଦେଇଥିଲା। ଫଳରେ ଶ୍ରୀଅରବିନ୍ଦ ବସର ଡ୍ରାଇଭର ସମେତ ୧୧ ଜଣ ଓ ଅଜୟ ବସର ଡ୍ରାଇଭର ସମେତ ୫ଜଣ ଆହତ ହୋଇଛନ୍ତି। ▶▶ପୃଷ୍ଠା ୭

# ବଦଳିବ ମୋଦିଙ୍କ ମନ୍ତ୍ରିମଣ୍ଡଳ: ନଡ୍ଡାଙ୍କୁ ଭେଟିଲେ ଏକାଧିକ ମନ୍ତ୍ରୀ ଓ ବରିଷ୍ଠ ନେତା



ନୂଆଦିଲ୍ଲୀ,୫/୦୭ : ଦିନକ ତଳେ ବିଜେପି ୪ ରାଜ୍ୟର ନୂଆ ସଭାପତିଙ୍କ ନାଁ ଘୋଷଣା କରିଥିଲା। ପଞ୍ଜାବ, ତେଲେଙ୍ଗାନା, ଆନ୍ଧ୍ର ପ୍ରଦେଶ ଓ ଝାଡଖଣ୍ଡର ଦାୟିତ୍ୱ ଦଳ ବରିଷ୍ଠ ନେତାଙ୍କୁ ଦେଇଥିଲା। ଆସନ୍ତା ୨୦୨୪ ସାଧାରଣ ନିର୍ବାଚନ ପୂର୍ବରୁ କେନ୍ଦ୍ର କ୍ୟାବିନେଟ ଓ ସାଂଗଠନିକ ଅଦଳବଦଳ କରିବାକୁ ମୁଡରେ ଥିବା ବିଜେପିର ଦିଲ୍ଲୀ ମୁଖ୍ୟାଳୟ ହଠାତ୍ ଚଳଚଞ୍ଚଳ ହୋଇ ଉଠିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ନିଜ କ୍ୟାବିନେଟକୁ ଅଦଳବଦଳ କରିବାକୁ ଯାଉଥିବା ଚର୍ଚ୍ଚା ଭିତରେ ଆଜି ଏକାଧିକ ମନ୍ତ୍ରୀ ଓ ବରିଷ୍ଠ ନେତା ବିଜେପି ଅଧ୍ୟକ୍ଷ ଜେପି ନଡ୍ଡାଙ୍କୁ ଭେଟିଛନ୍ତି। ବରିଷ୍ଠ ନେତାମାନଙ୍କ ସହ ଶ୍ରୀ ନଡ୍ଡା ମଧ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିବା ଜଣାପଡ଼ିଛି। ଦିନକ ତଳେ ବିଜେପି ୪ ରାଜ୍ୟର ନୂଆ ସଭାପତିଙ୍କ ନାଁ ଘୋଷଣା କରିଥିଲା। ପଞ୍ଜାବ, ତେଲେଙ୍ଗାନା, ଆନ୍ଧ୍ର ପ୍ରଦେଶ ଓ ଝାଡଖଣ୍ଡର ଦାୟିତ୍ୱ ଦଳ ବରିଷ୍ଠ ନେତାଙ୍କୁ ଦେଇଥିଲା। ଏହି ନବନିଯୁକ୍ତ ପରେ ସାଂଗଠନିକସ୍ତରରେ ବିଜେପି ଆହୁରି ପରିବର୍ତ୍ତନ କରିବ ଓ ଏହା ପୂର୍ବରୁ ମୋଦିଙ୍କ ମନ୍ତ୍ରିମଣ୍ଡଳ ଅଦଳବଦଳ ହେବ ବୋଲି ରିପୋର୍ଟ ପ୍ରକାଶ ପାଇଛି। ଏସବୁ ଭିତରେ ଆଜି କେନ୍ଦ୍ରମନ୍ତ୍ରୀ ପ୍ରହ୍ଲାଦ ସିଂହ ପଟେଲ ଦଳୀୟ ମୁଖ୍ୟାଳୟରେ ନଡ୍ଡାଙ୍କୁ ଭେଟିଛନ୍ତି। ପଞ୍ଜାବର ନୂଆ ବିଜେପି ସଭାପତି ସୁନୀଲ ଜାଖର ମଧ ପାର୍ଟି ଅଫିସକୁ ଆଜି ଦଳର ମୁଖିଆଙ୍କ ସହ କଥା ହୋଇଛନ୍ତି। ଏମାନଙ୍କ ବ୍ୟତୀତ ଜ୍ୟୋତିରାଦିତ୍ୟ ସିନ୍ଧିଆ ଓ ଆଉ କିଛି କେନ୍ଦ୍ରମନ୍ତ୍ରୀ ମଧ ନଡ୍ଡାଙ୍କୁ ଭେଟିବା ପ୍ରକ୍ରିୟା ଜାରି ରଖିଛନ୍ତି। ମଙ୍ଗଳବାର କେନ୍ଦ୍ରମନ୍ତ୍ରୀ ନିର୍ମଳା ସୀତାରମଣ, ଅର୍ଜୁନ ରାମ ମେଘୱାଲ, ଭୂପେନ୍ଦ୍ର ଯାଦବ ଓ କିରଣ ରିଜିଜୁ ମଧ ଜେପି ନଡ୍ଡାଙ୍କୁ ସାକ୍ଷାତ କରିଥିଲେ। କେନ୍ଦ୍ରମନ୍ତ୍ରୀ ଗଜେନ୍ଦ୍ର ସିଂହ ଶେଖାୱତ ଦଳର ସାଧାରଣ ସମ୍ପାଦକ(ସଂଗଠନ) ବିଏଲ ସନ୍ତୋଷଙ୍କୁ ଭେଟିଥିବା ବେଳେ ଆଉ ଜଣେ ମନ୍ତ୍ରୀ ଏସ୍‌ପିଏସ୍ ବାଘେଲ ବିଜେପି ଅଧ୍ୟକ୍ଷ ନଡ୍ଡାଙ୍କୁ ଭେଟିଛନ୍ତି। ଏପରି ସିରିଜ ଭେଟଘାଟ ସମ୍ପର୍କରେ ବିଜେପି ପକ୍ଷରୁ କିଛି ବି କୁହାଯାଇନି। କିନ୍ତୁ ଆଗକୁ ବିଜେପି ବଡ଼ ଘୋଷଣା ମୁଡରେ ଥିବା ଚର୍ଚ୍ଚା ହେଉଛି।

## ୨୫ ହଜାର ଟଙ୍କା ଲାଞ୍ଚ ନେଇ ଆରଆଇ ଗିରଫ

ମାଲକାନଗିରି, ୦୫/୦୭ (ନି.ପ୍ର): ୨୫ ହଜାର ଟଙ୍କା ଲାଞ୍ଚ ନେବା ବେଳେ ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି ମାଲକାନଗିରି ଜିଲ୍ଲା ସିନ୍ଦ୍ରିମାଳର ରାଜସ୍ୱ ନୀରିକ୍ଷକ ସୀମାଞ୍ଚଳ ସାହୁ। ତାଙ୍କୁ ଗିରଫ କରାଯାଇଛି। ଜମି ଡିମାର୍କେସନ ପାଇଁ ଆରଆଇ ସୀମାଞ୍ଚଳ ସାହୁ ଜଣେ ବ୍ୟକ୍ତିଙ୍କ ଠାରୁ ୨୫ ହଜାର ଟଙ୍କା ଦାବି କରିଥିଲେ। ଆଜି ସେ ମାଲକାନଗିରି ଥାନା ଅନ୍ତର୍ଗତ ଗୌଡ଼ଗୁଡ଼ା ଗ୍ରାମ ସ୍ଥିତ ଉକ୍ତ ବ୍ୟକ୍ତିଙ୍କ ବାସଭବନରୁ ଲାଞ୍ଚ ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଥିଲା। ତାଙ୍କ ଠାରୁ ସଂପୂର୍ଣ୍ଣ ଲାଞ୍ଚ ଅର୍ଥ ଜବତ କରାଯାଇଛି। ଭିଜିଲାନ୍ସ ପକ୍ଷରୁ ସୀମାଞ୍ଚଳ ସାହୁଙ୍କର ସିନ୍ଦ୍ରିମାଳ ସ୍ଥିତ ଅଫିସ ସହିତ ବାଲିମେଳା ସ୍ଥିତ ଘରେ ଚଢ଼ାଉ କରାଯାଇଥିଲା। ସେ ଆୟ ବହିର୍ଭୂତ ସଂପତ୍ତି ଠୁଳ କରିଥିବା ସନ୍ଦେହରେ ଭିଜିଲାନ୍ସ ପକ୍ଷରୁ ଏହି ଚଢ଼ାଉ କରାଯାଇଥିଲା। ଭିଜିଲାନ୍ସ ପକ୍ଷରୁ ଏହି ମାମଲାରେ ଅଧିକ ତଦନ୍ତ ଜାରି ରହିଛି।

# ସାର୍ଟିଫିକେଟ ଦେବାକୁ ୧୦୦୦ ଟଙ୍କା ନେଉଥିଲେ ପ୍ରଧାନଶିକ୍ଷକ: ନିଲମ୍ବିତ ହେଲେ

ମାଲକାନଗିରି, ୦୫/୦୭ (ନି.ପ୍ର): 'ହଜାରେ ଟଙ୍କା ଦିଅ ସାର୍ଟିଫିକେଟ ନିଅ। ଟଙ୍କା ନଦେଲେ ସାର୍ଟିଫିକେଟ ମିଳିବନି। କାହିଁକି ନା ସାର୍ଟିଫିକେଟ ଆଣିବା ପାଇଁ ଟଙ୍କା ଖର୍ଚ୍ଚ ହେଉଛି। ଟଙ୍କା ନେଇ ଆସିଲେ ହିଁ ସାର୍ଟିଫିକେଟ ଦିଆଯିବ।' ଏଭଳି କହି ଚଳିତ ବର୍ଷ ମାଟ୍ରିକ ପାସ୍ କରିଥିବା ପିଲାଙ୍କ ଠାରୁ ୧୦୦୦ ଟଙ୍କା ଲେଖାଏ ଆଦାୟ କରୁଥିବା ମାଲକାନଗିରି ଜିଲ୍ଲା ଗଠନପାଲ୍ଲୀ ସ୍ଥିତ ନବୀନ ଚନ୍ଦ୍ର ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଜଳନ୍ଧର ବେହେରାଙ୍କୁ ନିଲମ୍ବନ କରାଯାଇଛି। ନବୀନ ଚନ୍ଦ୍ର ଉଚ୍ଚବିଦ୍ୟାଳୟର ୨୨ଜଣ ଛାତ୍ରଛାତ୍ରୀ ଚଳିତ ବର୍ଷ ମାଟ୍ରିକ୍ ପରୀକ୍ଷାରେ ପାସ୍ ? କରିଛନ୍ତି। ଗତ ଶନିବାର ଦିନ ଏହି ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟରେ ସ୍କୁଲ ଲିଭିଂ ସାର୍ଟିଫିକଟେ, କଣ୍ଡକ୍ଟ ସାର୍ଟିଫିକେଟ ଓ ବୋର୍ଡ ସାର୍ଟିଫିକେଟ ଦିଆଯାଉଥିଲା। ତେବେ ସାର୍ଟିଫିକେଟ ଦେବା ପାଇଁ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜଳନ୍ଧର ବେହେରା ୮ଜଣ ଗରିବ ଓ ଆଦିବାସୀ ଛାତ୍ରଛାତ୍ରୀଙ୍କ ଠାରୁ ୧ ହଜାର ଟଙ୍କା ଲେଖାଏ ଆଦାୟ କରିଥିଲେ। ▶▶ପୃଷ୍ଠା ୭

# ଓଡିଶା ସାହିତ୍ୟ ଏକାଡେମୀ ସ୍ୱନକ୍ଷତ୍ର ଦିବସ ଉପଲକ୍ଷେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା

କେନ୍ଦୁଝର, ୦୫/୦୭ (ନି.ପ୍ର): ଓଡିଶା ସାହିତ୍ୟ ଏକାଡେମୀର ପ୍ରତିଷ୍ଠା ଦିବସ ଉପଲକ୍ଷେ କେନ୍ଦୁଝର ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ଆନୁକୂଲ୍ୟରେ ତଥା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ସହଯୋଗରେ ମଙ୍ଗଳବାର ଦିନ ଡି.ଏନ୍. ହାଇସ୍କୁଲଠାରେ ଜିଲ୍ଲାସ୍ତରୀୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଉପନିର୍ଦ୍ଦେଶକ, ସୂଚନା ଓ ଲୋକସଂପର୍କ, କେନ୍ଦୁଝର ତଥା ଭାରପ୍ରାପ୍ତ ଜିଲ୍ଲା ସଂସ୍କୃତି ଅଧିକାରୀ ସଂଜୀବ ବାରିକ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ଓଡିଶା ସାହିତ୍ୟ ଏକାଡେମୀର ଜିଲ୍ଲା ସଦସ୍ୟ ପିନାକୀ ମିଶ୍ର, ଡି.ଏନ୍. ହାଇସ୍କୁଲର ପ୍ରଧାନଶିକ୍ଷକ ପ୍ରବୀର କୁମାର ମହାନ୍ତିଙ୍କ ସହଯୋଗରେ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ କନିଷ୍ଠ ବର୍ଗ (ଷଷ୍ଠ ଶ୍ରେଣୀଠାରୁ ସପ୍ତମ) ଏବଂ ବରିଷ୍ଠ ବର୍ଗ (ଅଷ୍ଟମ ଶ୍ରେଣୀଠାରୁ ଦଶମ ଶ୍ରେଣୀ) ରେ ପ୍ରବନ୍ଧ, ବକ୍ତୃତା, କବିତା ଆବୃତ୍ତି, ସାହିତ୍ୟ ସଂପର୍କିତ ସାଧାରଣ ଜ୍ଞାନ ଓ ଅନୁବାଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । କନିଷ୍ଠ ବର୍ଗ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଓଡିଶା ଆଦର୍ଶ ବିଦ୍ୟାଳୟ ଶାଳପଡା, ଆନନ୍ଦପୁର ର ଛାତ୍ର ଦେବରାଜ ପାତ୍ର, କବିତା ଆବୃତ୍ତିରେ ଓଡିଶା ଆଦର୍ଶ ବିଦ୍ୟାଳୟ, ହରିଚନ୍ଦନପୁର ର ଛାତ୍ରୀ ଆଦ୍ୟାଶା ପୃଷ୍ଟି, ବକ୍ତୃତା ପ୍ରତିଯୋଗିତାରେ ଓଡିଶା ଆଦର୍ଶ ବିଦ୍ୟାଳୟ ଶାଳପଡା, ଆନନ୍ଦପୁର ର ଛାତ୍ରୀ ସୁଶ୍ରୀ ପିନୁ ପ୍ରଭା ସାହୁ ଏବଂ ପ୍ରବନ୍ଧ ପ୍ରତିଯୋଗିତାରେ ଓଡିଶା ଆଦର୍ଶ ବିଦ୍ୟାଳୟ, ହରିଚନ୍ଦନପୁର ର ଛାତ୍ର ଓମ୍ ପ୍ରକାଶ ମହାନ୍ତ ପ୍ରଥମ ସ୍ଥାନ ହାସଲ କରିଛନ୍ତି । ସେମାନେ ତା ୯/୭/୨୦୨୩ ରିଖ ଦିନ ଉତ୍କଳ ସଂଗୀତ ମହାବିଦ୍ୟାଳୟ ଭୁବନେଶ୍ୱରଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବାର ଯୋଗ୍ୟତା ହାସଲ କରିଛନ୍ତି । ସେହିପରି ବରିଷ୍ଠ ବର୍ଗ ସାଧାରଣ ଜ୍ଞାନ ପ୍ରତିଯୋଗିତାରେ ଓଡିଶା ଆଦର୍ଶ ବିଦ୍ୟାଳୟ ଶାଳପଡା, ଆନନ୍ଦପୁର ର ଛାତ୍ର ପ୍ରତ୍ୟୁଷ ସାହୁ, କବିତା ଆବୃତ୍ତିରେ ଓମ୍ ମା' ସରସ୍ୱତୀ ବିଦ୍ୟାପୀଠ ଗଁପୁର ର ଛାତ୍ରୀ ଗାୟତ୍ରୀ ହୋତା, ବକ୍ତୃତା ପ୍ରତିଯୋଗିତାରେ ଓଡିଶା ଆଦର୍ଶ ବିଦ୍ୟାଳୟ, ହରିଚନ୍ଦନପୁର ର ଛାତ୍ରୀ ଅମ୍ରିତା ଅନନ୍ୟା ମହାନ୍ତ ଏବଂ ପ୍ରବନ୍ଧ ପ୍ରତିଯୋଗିତାରେ ଓଡିଶା ଆଦର୍ଶ ବିଦ୍ୟାଳୟ, ହରିଚନ୍ଦନପୁର ର ଛାତ୍ରୀ ଦେବସ୍ମିତା ଦିବ୍ୟଲୋଚନୀ ନାୟକ ପ୍ରଥମ ସ୍ଥାନ ହାସଲ କରିଛନ୍ତି ଏବଂ ତା ୧୬/୭/୨୦୨୩ ରିଖ ଦିନ ଉତ୍କଳ ସଂଗୀତ ମହାବିଦ୍ୟାଳୟ ଭୁବନେଶ୍ୱରଠାରେ ଆୟୋଜିତ ହେବାକୁ ଥିବା ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟର ଶାରିରୀକ ଶିକ୍ଷା ନିରୀକ୍ଷକ ଡମ୍ବରୁଧର ମହାନ୍ତ, କନିଷ୍ଠ ସହାୟକ କୌସ୍ତୁଭମଣି ସାହୁ ପ୍ରତିଯୋଗିତା ଆୟୋଜନ ଓ ପରିଚାଳନାରେ ସହଯୋଗ କରିଥିଲେ । ଅବସରପ୍ରାପ୍ତ ପ୍ରାଧ୍ୟାପକ ବିପିନ ବିହାରୀ ମହାପାତ୍ର, ସହକାରୀ ପ୍ରଫେସର ସୁଧା ଦାଶ, ଓଡିଶା ସାହିତ୍ୟ ଏକାଡେମୀର ଜିଲ୍ଲା ସଦସ୍ୟ ପିନାକୀ ମିଶ୍ର, ଶିକ୍ଷାବିତ ଶିଶିର ଚନ୍ଦ୍ର ରାୟ, ରଙ୍ଗାଧର ବେହେରା, ପଣ୍ଡିତ ମଧୁସୂଦନ ମିଶ୍ର, ଡମ୍ବରୁଧର ମହାନ୍ତ ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ନିର୍ବାହ କରିଥିଲେ ।

# ମା' ରମାଦେବୀ ଚେୟାରର ଶୁଭାରମ୍ଭ

ଭୁବନେଶ୍ୱର, ୦୫/୦୭ (ନି.ପ୍ର): ମହିଳାମାନଙ୍କ ଚିରନ୍ତନ ବିକାଶ, ସଶକ୍ତିକରଣ ସମେତ ସମାଜ ବିଜ୍ଞାନ ଗବେଷଣାକୁ ପ୍ରୋତ୍ସାହିତ କରିବା ପାଇଁ ସ୍ୱତନ୍ତ୍ର ଭାବେ ଆରମ୍ଭ ହୋଇଛି ମା' ରମାଦେବୀ ଚେୟାର । ଲିଙ୍ଗଗତ ସମାନତା, ସାମାଜିକ ନ୍ୟାୟ ଓ ମହିଳା ସଶକ୍ତିକରଣ ଉପରେ ଏହି ଚେୟାର ପ୍ରାଧାନ୍ୟ ଦେବ । ମା' ରମାଦେବୀ ଚେୟାରର ଶୁଭାରମ୍ଭ ଅବସରରେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ଶ୍ରୀମତୀ ବାସନ୍ତୀ ହେମ୍ବ୍ରମ୍ ଏହା ପ୍ରକାଶ କରିଛନ୍ତି । ମଙ୍ଗଳବାର ଅପରାହ୍ନରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପରିସରସ୍ଥ ନୂତନ ପ୍ରେକ୍ଷାଳୟରେ ରମାଦେବୀ ଚେୟାର ଅନ ଓମେନ୍ସ ଷ୍ଟଡିଜ୍ ର ଶୁଭାରମ୍ଭ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀମତୀ ହେମ୍ବ୍ରମ୍ କହିଲେ ଯେ ମା'ରମାଦେବୀ ଚୌଧୁରୀଙ୍କ ନାମରେ ବଳୀୟାନ୍ ଏହି ମହାନ୍ ଶିକ୍ଷାନୁଷ୍ଠାନ । ସେ ସ୍ୱୟଂ ଥିଲେ ଜଣେ ନାରୀ ଯୋଦ୍ଧା । ଓଡ଼ିଆ ଜାତିର ସ୍ୱାଧୀନତା ପାଇଁ ତାଙ୍କର ସଂଘର୍ଷ ସଦା ସ୍ମରଣୀୟ । ଆଜି ଆମେ ଯେଉଁ ବିଶ୍ୱବିଦ୍ୟାଳୟ ମାଟିରେ ଠିଆ ହୋଇ ଓମେନ୍ସ ଷ୍ଟଡିଜ୍ ରର ମହତ୍ୱ ବିଷୟରେ ଆଲୋଚନା କରୁଛେ, ତାହା ସେହି ମହିୟସୀ ନାରୀଙ୍କ ନାମରେ ନାମିତ । ୧୯୬୪ ମସିହାରୁ କେତେ ଯେ ନାରୀ ରତ୍ନ ଏହି ଅନୁଷ୍ଠାନ ସୃଷ୍ଟି କରିଛି ତାହାର ହିସାବ ନାହିଁ । ଓଡ଼ିଶାର ଗର୍ବ ସ୍ୱର୍ଗତଃ ବିଜୁବାବୁଙ୍କ ପ୍ରୟାସରେ ପ୍ରତିଷ୍ଠିତ ଏହି ଶିକ୍ଷାନୁଷ୍ଠାନ ପୂର୍ବଭାରତର ପ୍ରଥମ ମହିଳା ମହାବିଦ୍ୟାଳୟ । ଆଜିର ଏହି ଚେୟାରର ଶୁଭାରମ୍ଭ ନାରୀ ଜାଗରଣ, ମହିଳା ସଶକ୍ତିକରଣରୁ କୌଣସିମତେ କମ୍ ନୁହେଁ । ମା'ରମାଦେବୀ ଚେୟାର ସମାଜରେ ନାରୀଭିତିକ ସମସ୍ୟାଗୁଡ଼ିକର ବିଶ୍ଳେଷଣାତ୍ମକ ଓ ତୁଳନାତ୍ମକ ଗବେଷଣା କରି ସମାଧାନର ପ୍ରସ୍ତାବ ରଖିବେ । ହ୍ୟୁମାନିଟିଜ ?, ସମାଜ ବିଜ୍ଞାନ ଆଦି ବିଭିନ୍ନ କ୍ଷେତ୍ରର ସହଭାଗିତାରେ ବହୁବିଷୟକ ଅନୁସନ୍ଧାନ କରିବେ । ବିଭିନ୍ନ ମହିୟସୀ ମହିଳାଙ୍କ ଅବଦାନ ସମେତ ସେମାନଙ୍କ ସଫଳତା ଏଠାର ଆଲୋଚ୍ୟବସ୍ତୁ ହୋଇ ଆଗାମୀ ପିଢ଼ିଙ୍କୁ ପ୍ରୋତ୍ସାହିତ କରିବ । ସାମାଜିକ ବ୍ୟାଧିଗୁଡ଼ିକର ନିରାକରଣ ଓ ନାରୀ-ପୁରୁଷ ଲିଙ୍ଗଗତ ଭେଦଭାବ ଦୂର ସମ୍ଭବ ହୋଇପାରିବ । ଉନ୍ନତ ସମାଜର ମାପକାଠି ଓ ମହିଳା ସଶକ୍ତିକରଣର ପ୍ରକୃତ ପରିଚାୟକରୂପୀ ସାମାଜିକ ସମାନତା ସ୍ଥାପନ ହୋଇପାରିବ । ରମାଦେବୀ ଚେୟାର ଦ୍ୱାରା ସମାହିତ ଗବେଷଣା, ପ୍ରଶିକ୍ଷଣ, ପ୍ରଲେଖନ ଓ ସଂରକ୍ଷଣ ମାଧ୍ୟମରେ ନାରୀ ଜାତିର କଲ୍ୟାଣ ସାଧିତ ହେବ । ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଅପରାଜିତା ଚୌଧୁରୀ ଏହି ଉତ୍ସବରେ ସଭାପତିତ୍ୱ କରି କହିଲେ ଯେ, ଶିକ୍ଷା ମହିଳାମାନଙ୍କୁ ସଶକ୍ତ ଓ କ୍ଷମତାପନ୍ନ କରିପାରିବ । ସେମାନେ ଜୀବନର ବିଭିନ୍ନ କ୍ଷେତ୍ରରେ ନିଜକୁ ପ୍ରତିପାଦିତ କରିପାରିବେ । ମିଳିତ ଜାତିସଂଘ ଦ୍ୱାରା ଘୋଷିତ ୨୦୩୦ ପୋଷଣୀୟ ବିକାଶ ଲକ୍ଷ୍ୟ ମଧ୍ୟରୁ ୧୦ଟି ଲକ୍ଷ୍ୟ ହାସଲ କ୍ଷେତ୍ରରେ ମହିଳାମାନେ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିବେ ବୋଲି ସେ ମତବ୍ୟକ୍ତ କରିଥିଲେ । ନିଖିଳ ଭାରତ ମହିଳା ସମ୍ମିଳନୀର ସେକ୍ରେଟାରୀ ଜେନେରାଲ ଡଃ ମଞ୍ଜୁ କାକ୍ ସମ୍ମାନିତ ଅତିଥିଭାବେ ଯୋଗ ଦେଇ କହିଲେ ଯେ, ମହିଳାମାନେ ସ୍ୱତଃପ୍ରବୃତ ଭାବେ ଘରର ଚାରି କାନ୍ଥରୁ ବାହାରି ନିଜ ନିଜର ସାମାଜିକ, ଅର୍ଥନୈତିକ ଉତ୍‌ଥାନ ଦିଗରେ ଶକ୍ତିଶାଳୀ ଅବଦାନ ପ୍ରକଟ କରିବା ଆଜି ଜରୁରୀ ହୋଇପଡିଛି । ଉତ୍କଳ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ପୂର୍ବତନ ପ୍ରଫେସର ଓ ଓମେନ୍ସ ଷ୍ଟଡିଜ୍ ନିର୍ଦ୍ଦେଶିକା ପ୍ରଫେସର ଆଶା ହଂସ କହିଲେ ଯେ, ମହିଳା ସଶକ୍ତିକରଣ, ଦେଶର ଉନ୍ନୟନ ସହିତ ଓଡିଶାର ଅର୍ଥନୈତିକ ବିକାଶ ମା' ରମାଦେବୀ ଚେୟାର ପ୍ରତିଷ୍ଠାର ମୂଳ ଲକ୍ଷ୍ୟ । ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ପି.ଜି. କାଉନ୍‌ସିଲର ଚେୟାରପର୍ସନ୍ ପ୍ରଫେସର ଚଣ୍ଡୀ ଚରଣ ରଥ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଅକୁଣ୍ଠ ସହଯୋଗ ବଳରେ ମା' ରମାଦେବୀ ଚେୟାର ପ୍ରତିଷ୍ଠା ସମ୍ଭବପର ହୋଇପାରିଛି ବୋଲି ପ୍ରକାଶ କରିଥିଲେ । ମା' ରମାଦେବୀ ଚେୟାର ପ୍ରଫେସର ସୁଚେତା ପ୍ରିୟବାଦିନୀ ସ୍ୱାଗତ ଭାଷଣ ଦେଇଥିଲେ ।

# ଶିଶୁ ଶ୍ରମିକ ଉଚ୍ଛେଦ ପାଇଁ ଜିଲ୍ଲାସ୍ତରୀୟ ସଚେତନତା ବୈଠକ

ସମ୍ବଲପୁର, ୦୫/୦୭ (ନି.ପ୍ର): ଜିଲ୍ଲା ଶିକ୍ଷା ଅଭିଯାନ ସଭାଗୃହ ପରିସରରେ ଜିଲ୍ଲା ପ୍ରଶାସନ ଓ ଏଡ଼. ଏଟ. ଏକସନ ୟୁନିସେଫର ମିଳିତ ସହାୟତାରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ଏଡ଼. ଏଟ ଏକସନର ପ୍ରୋଗ୍ରାମ ମ୍ୟାନେଜର ସରୋଜ କୁମାର ବାରିକ କାର୍ଯ୍ୟକ୍ରମର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ସୂଚନା ଦେଇଥିଲେ । ଏହି ଅବସରରେ ସମ୍ବଲପୁର ମହାନଗର ନିଗମ କମିଶନର ପ୍ରଦୀପ କୁମାର ସାହୁ ନିଜ ବକ୍ତବ୍ୟରେ ସମ୍ବଲପୁରକୁ ଶିଶୁ ଶ୍ରମିକ ମୁକ୍ତ କରିବାକୁ ହେଲେ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଗୁରୁତ୍ୱାରୋପ କରିଥିଲେ । ଅତିରିକ୍ତ ଶ୍ରମ ଅଧିକାରୀ ଶତ୍ରୁଜିତ ସାହୁ ଶିଶୁ ଶ୍ରମିକ ଉଚ୍ଛେଦ ଆଇନ ସମ୍ପର୍କରେ ଉପସ୍ଥିତ ମହଲଙ୍କୁ ଅବଗତ କରାଇଥିଲେ । ଶିଶୁ ଶ୍ରମିକ ଚିହ୍ନଟ ସହ ସେମାନଙ୍କୁ ସମାଜର ମୁଖ୍ୟ ସ୍ରୋତକୁ ଆଣିବା ସହ ସେମାନଙ୍କର ଅନ୍ତର୍ନିହିତ ଗୁଣକୁ ଚିହ୍ନିବା, ଉପଯୁକ୍ତ ଶିକ୍ଷଣୀୟ ପାଠ୍ୟଦାନ ଦିଗରେ ଓ ଧନ୍ଦାମୂଳକ ଶିକ୍ଷା ଦ୍ୱାରା ପ୍ରୋତ୍ସାହନ ଏବଂ ଥଇଥାନର ବ୍ୟବସ୍ଥା ଦିଗରେ ସମସ୍ତଙ୍କ ସହଯୋଗର ଆବଶ୍ୟକ ଜରୁରୀ ବୋଲି ଆୟୋଜିତ ବୈଠକରେ ମତପ୍ରକାଶ ପାଇଥିଲା । ଜିଲ୍ଲାକୁ ଶିଶୁ ଶ୍ରମ ମୁକ୍ତ କରିବା ପାଇଁ ବ୍ଲକ, ପଂଚାୟତ ସ୍ତରରୁ ସଚେତନତା ସହ ବିଭିନ୍ନ କାର୍ଯ୍ୟକ୍ରମ ଗ୍ରହଣ ଓ ସଫଳ ରୂପାୟନ ସମସ୍ତଙ୍କ ନୈତିକ କର୍ତ୍ତବ୍ୟ ହେବା ଉଚିତ ବୋଲି ବୈଠକ ରେ ମତ ପୋଷଣ କରାଯାଇଛି । ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଏସପି ଆଲବିନିସ କେରକେଟା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଶୁଚିସ୍ମିତା ପଟ୍ଟନାୟକ, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ମୁରଲୀଧର ବେହେରା, ଆଦର୍ଶ ସମ୍ପାଦକ ପ୍ରଦୀପ ବେହେରା, ପତଙ୍ଗ ର ଦେବରାଜ ଭୋଇ, ଶିଶୁ ମଙ୍ଗଳ ସମିତିର ଅଧକ୍ଷ ଓ ସଭ୍ୟ ଯୋଗ ଦେଇଥିଲେ । ସମ୍ବଲପୁର ବ୍ୟବସାୟ ସଙ୍ଘର ସଦସ୍ୟମାନେ କାର୍ଯ୍ୟକ୍ରମରେ ଯୋଗ ଦେଇ ଶିଶୁ ଶ୍ରମିକ ମୁକ୍ତ ଦିଗରେ ସେମାନଙ୍କର ଯୋଗଦାନ ରହିବ ବୋଲି ଦୃଢ଼ୋକ୍ତି ପ୍ରକାଶ କରିଥିଲେ । ଏହି କାର୍ଯ୍ୟକ୍ରମରେ ସମସ୍ତ ୯ ଟି ବ୍ଲକର ସିଡିପିଓ, ସୁପରଭାଇଜର, ଅଙ୍ଗନବାଡି କର୍ମୀ, ଆଦ୍ୱିକା କିଶୋର ବାଳିକାମାନେ ଯୋଗ ଦେଇଥିଲେ । କାର୍ଯ୍ୟକ୍ରମକୁ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଗୀତାଞ୍ଜଳି ମହାପାତ୍ର ପରିଚାଳନା କରିଥିବା ବେଳେ ଏଡ଼. ଏଟ ଏକସନର ମିନୁ ଭୋଇ ସହଯୋଗ କରିଥିଲେ । ଶେଷରେ ଏଡ଼. ଏଟ. ଏକସନର ଜିଲ୍ଲା ସଂଯୋଜିକା ସୁନିତା ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ପର୍ଯ୍ୟଟନ କ୍ଷେତ୍ର ପାପକ୍ଷୟର ବିକାଶ କାର୍ଯ୍ୟକୁ ନିଜେ ଦେଖିବାର ପ୍ରତିଶ୍ରୁତି ଦେଲେ ୫ ଟି ସଚିବ

ସୁବର୍ଣ୍ଣପୁର, ୦୫/୦୭ (ନି.ପ୍ର): ମୁଖ୍ୟମନ୍ତ୍ରୀଙ୍କ ବ୍ୟକ୍ତିଗତ ସହାୟକ ତଥା ୫ଟି ସଚିବ ଭି.କେ.ପାଣ୍ଡିଆନଙ୍କ ବହୁ ଚର୍ଚ୍ଚିତ ବିନିକା ଗସ୍ତ ଆଜି ବିନିକାବାସୀଙ୍କ ମନରେ ଗଭୀର ଆଶା ଓ ଆସ୍ଥା ସଂଚାର କରିଛି ଓ ଶ୍ରୀ ପାଣ୍ଡିଆନ ଦୀର୍ଘ ୨୧ବର୍ଷ ପରେ ତାଙ୍କ ପ୍ରଶାସନିକ ବିକାଶର ଏଣ୍ଟୁଡିଶାଳ ବିନିକା ମାଟିରେ ପାଦ ଦେଇ ଭାବବିହ୍ୱଳ ହୋଇ ପଡ଼ିଥିଲେ ।ଅତୀତର ସ୍ମୃତି ଚାରଣ କରି ଶ୍ରୀ ପାଣ୍ଡିଆନ ପର୍ଯ୍ୟଟନ ସ୍ଥଳୀ ପାପକ୍ଷୟ ଘାଟର ପରିବେଶ ସହ ତାଙ୍କର ବ୍ୟକ୍ତିଗତ ଆବେଗ ବିଷୟରେ ନିଜ ବକ୍ତବ୍ୟରେ ପ୍ରକାଶ କରିଥିଲେ । ଏକଦା ନିଜ ମାଙ୍କ ସହ ଏହି ପୁଣ୍ୟପୀଠ କୁ ପରିଦର୍ଶନରେ ଆସିଥିବା ବେଳେ ବିଲ ମଧ୍ୟ ଦେଇ ଆସିଥିଲେ ବୋଲି କହିଥିଲେ ।ସମ୍ପ୍ରତି ଏହାର ବିଭିନ୍ନ ଅବସ୍ଥାର ବିକାଶ ଘଟିଥିଲେ ହେଁ ଆଗାମୀ ଦିନରେ ସାମଗ୍ରିକ ବିକାଶ ପାଇଁ ସେ ବ୍ୟକ୍ତିଗତ ଭାବେ ଉଦ୍ୟମ କରିବେ ବୋଲି ନିଜ ଅଭିଭାଷଣରେ ଦୃଢ ପ୍ରତିଶ୍ରୁତି ଦେଇଥିଲେ ।ବିନିକା ମାଟିରେ ବିନିକାର ଏହି କରିତକର୍ମା ପ୍ରଶାସକଙ୍କ ଉପସ୍ଥିତିରେ ସମବେତ ହଜାର ହଜାର ଜନତାଙ୍କ ମନରେ ଖୁସିର ଲହରୀ ଖେଳିଯାଇଥିଲା ସ୍ୱୟଂ ସହାୟକ ଗୋଷ୍ଠି ସଦସ୍ୟାଙ୍କ ସମେତ ମହିଳା ମାନେ ବିଶେଷ ସଂଖ୍ୟାରେ ଯୋଗଦେଇ ହୁଳହୁଳୀରେ ସ୍ୱାଗତ କରିବା ସହ ସାଧୁବାଦ କୃତଜ୍ଞତା ଜ୍ଞାପନ କରିଥିଲେ ।

ଆଇଏଏସ ପାଇ ଭାରତୀୟ ପ୍ରଶାସନିକ ସେବାରେ ଯୋଗଦେବା ପରେ ସେ ପ୍ରଥମ କରି ଏଠାରେ ପ୍ରଶିକ୍ଷଣ ନେଇଥିଲେ ।ସ୍ୱଳ୍ପ ୪ମାସ ରହଣୀ କାଳରେ ବିନିକାର ବିକାଶ ପାଇଁ କରିଥିବା ବିଭିନ୍ନ କାର୍ଯ୍ୟକ୍ରମରେ ସହଯୋଗ କରିଥିବା ବନ୍ଧୁ ମାନଙ୍କୁ ସ୍ମରଣ କରି ପୁନର୍ବାର ସେମାନଙ୍କୁ ଦେଖି ନିଜ ଘରକୁ ଆସିଥିଲାପରି ମନେ ହେଉଛି ବୋଲି କହିଥିଲେ । ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାର ସଫଳ ରୂପାୟନ ସଂପର୍କରେ ଉପସ୍ଥିତ ଜନସାଧାରଣଙ୍କୁ ବଖାଣିଥିଲେ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆପଣ ମାନଙ୍କ ସୁଖ ଦୁଃଖ ଓ ସମସ୍ୟା ବୁଝିବା ପାଇଁ ମତେ ପଠାଇଛନ୍ତି ବୋଲି କହି ଉପସ୍ଥିତ ମହିଳା ମାନଙ୍କୁ ବିଭିନ୍ନ ପ୍ରକାରର ସରକାରୀ ସୁବିଧା ପଚାରି ବୁଝିଥିଲେ ।ସେ ମିଶନ ଶକ୍ତି ମାମାନଙ୍କ ସ୍ୱାବଲମ୍ବୀ ପାଇଁ ସରକାର ବିନା ସୁଧରେ ୫ଲକ୍ଷ ଟଙ୍କା ପର୍ଯ୍ୟନ୍ତ ଋଣ ଯୋଗାଇ ଦେଉଛନ୍ତି,ସ୍ୱାସ୍ଥ୍ୟ ସେବାର ଉନ୍ନତି ପାଇଁ ୧୦ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବିଜୁ ସ୍ୱାସ୍ଥ୍ୟ କାର୍ଡରେ ସହାୟତା ମିଳୁଛି ଏବଂ ଯେଉଁମାନେ ପାଇନାହାନ୍ତି ଦ୍ୱିତୀୟ ପର୍ଯ୍ୟାୟର ଖୁବ ଶୀଘ୍ର ବିଜୁ ସ୍ୱାସ୍ଥ୍ୟ କାର୍ଡ ପାଇବେ ବୋଲି କହିଥିଲେ ।ବିନିକାର ଏହି ମୁକ୍ତିତୀର୍ଥ ପାପକ୍ଷୟ ଘାଟ ରୂପାନ୍ତରଣ ପ୍ରକ୍ରିୟାରେ ସାମିଲ କରାଯିବ ଏବଂ ଆଗାମୀ ଦିନରେ ଏହା ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିବ ବୋଲି କହିବା ପରେ ସମବେତ ଜନତାଙ୍କ ଉଚ୍ଛସିତ କରତାଳି ଓ ମହିଳାଙ୍କ ହୁଳହୁଳି ଧ୍ୱନୀ ସମଗ୍ର ପରିବେଶ କମ୍ପି ଉଠିଥିଲା ।ଏହାର ଉନ୍ନତିକରଣ ନିଜେ ଦେଖିବେ ଏବଂ ଛଅ ମାସ ମଧ୍ୟରେ ପୁନର୍ବାର ଏହି ପୁଣ୍ୟପୀଠ କୁ ପରିଦର୍ଶନରେ ଆସିବେ ବୋଲି କହିଥିଲେ ।ଏହା ପୂର୍ବରୁ ୫ଟି ସଚିବ ଭି.କେ.ପାଣ୍ଡିଆନ ଯେତେବେଳେ ମୁକ୍ତିରତୀର୍ଥ ପାପକ୍ଷୟ ପରିସର କୁ ପାଦ ଦେଲେ ରାସ୍ତାର ଉଭୟ ପାର୍ଶ୍ୱରେ ଶତାଧିକ ମହିଳା ଫୁଲ ଚନ୍ଦନ ଦେଇ ସ୍ୱାଗତ କରିଥିବା ବେଳେ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଉପହାର ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ।ଶ୍ରୀ ପାଣ୍ଡିଆନ ପ୍ରଥମେ ହନୁମାନ ମନ୍ଦିର ଦର୍ଶନ କରିଥିଲେ ।ପରେ ଶିବ ମନ୍ଦିର ଓ କିମ୍ବଦନ୍ତୀ ବହନ କରିଥିବା ରାଜାଙ୍କ ରୋଗମୁକ୍ତି ସ୍ଥଳ,ବହୁଚର୍ଚ୍ଚିତ ବଟବୃକ୍ଷ ପରିଦର୍ଶନ କରିଥିଲେ ।ତାଙ୍କୁ ଦେଖିବା ପାଇଁ ବ୍ୟାରିକେଟ ପାର୍ଶ୍ୱରେ ଛିଡ଼ା ହୋଇଥିବା ସାଧାରଣ ଜନତାଙ୍କ ସହ କରମର୍ଦ୍ଦନ କରିଥିଲେ ଏବଂ ନିରୀହ ଜନତାଙ୍କ ସୁଖଦୁଃଖ ପଚାରିବା ସହ ତାଙ୍କଠାରୁ ବ୍ୟକ୍ତିଗତ ତଥା ସାମୁହିକ ସମସ୍ୟା ଉପରେ ଅଭିଯୋଗ ପତ୍ର ଗୁଡ଼ିକ ଗ୍ରହଣ କରିଥିଲେ ।ତାଙ୍କ ଗସ୍ତ ଫଳରେ ବିନିକା ଅଞ୍ଚଳ ବିକାଶରେ ଭାଗ୍ୟ ଉଦୟ ହେଲା ବୋଲି ସାରା ଅଞ୍ଚଳବାସୀଙ୍କ ଠାରେ ଆଶା ଓ ଉଦ୍ଦୀପନା ସୃଷ୍ଟି କରିଛି ।ପରେ ୫ଟି ସଚିବ ଶ୍ରୀ ପାଣ୍ଡିଆନ ବିନିକା ବ୍ଲକ ଅନ୍ତର୍ଗତ୍‌ଭଇଁଶୁଣି ଠାରେ ସରକାରଙ୍କ ଅନୁଦାନରୁ ଚାଲିଥିବା ମେଗା ପାଇପ ଜଳଯୋଗାଣ କେନ୍ଦ୍ର ର କାର୍ଯ୍ୟ ଉପରେ ସମୀକ୍ଷା କରିଥିଲେ । ମୁଖ୍ୟମନ୍ତ୍ରୀଙ୍କ ତରଫରୁ ହେଉଥିବା ଜଣକଲ୍ୟାଣ କାର୍ଯ୍ୟକ୍ରମ ଉପରେ ଉପସ୍ଥିତ ଜନସାଧାରଣଙ୍କୁ ଉଦବୋଧନ ଦେଇଥିଲେ ।

# ବିଜେପିର ରେଙ୍ଗାଲି ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ସଂଯୁକ୍ତ ମୋର୍ଚ୍ଚା ବୈଠକ

ସମ୍ବଲପୁର , ୦୫/୦୭ (ନି.ପ୍ର): ଜିଲ୍ଲା ବିଜେପି ପକ୍ଷରୁ ରେଙ୍ଗାଲି ବିଧାନସଭା ନିର୍ବାଚନ ମଣ୍ଡଳୀ ସ୍ତରୀୟ ସଂଯୁକ୍ତ ମୋର୍ଚ୍ଚା ବୈଠକ ଅନୁଷ୍ଠିତ ହୋଇଯାଇଛି । ମୋଦୀ ସରକାରର ୯ ବର୍ଷ ପୂର୍ତ୍ତି ଅବସରରେ ବିଜେପି ପକ୍ଷରୁ ଅନେକଗୁଡ଼ିଏ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି । ମୋଦୀ ସରକାରର ସମସ୍ତ ଜନ କଲ୍ୟାଣକାରୀ ଯୋଜନାକୁ ଲୋକଙ୍କ ପାଖକୁ ପହଞ୍ଚାଇବା ସଙ୍ଗେ ସଙ୍ଗେ ବିଜେପିର ସଂଗଠନକୁ ବୁଥ ସ୍ତରରୁ ରାଷ୍ଟ୍ରୀୟ ସ୍ତର ପର୍ଯ୍ୟନ୍ତ ମଜଭୂତ ଓ ଅଧିକ ସକ୍ରିୟ କରିବା ପାଇଁ ବିବିଧ କାର୍ଯ୍ୟକ୍ରମମାନ ଆୟୋଜନ କରାଯାଇଛି । ସେଥି ମଧ୍ୟରୁ ସଂଯୁକ୍ତ ମୋର୍ଚ୍ଚା ବୈଠକ ଅନ୍ୟତମ । ଆୟୋଜିତ ବୈଠକରେ ବିଜେପିର ସମସ୍ତ ମୋର୍ଚ୍ଚାର ପଦାଧିକାରୀ ଓ କର୍ମୀମାନେ ସାମିଲ ହୋଇ ସମସ୍ତ ବିଷୟରେ ସବିଶେଷ ବିବରଣୀ ଗ୍ରହଣ କରିଥିଲେ । ମୋଦୀ ସରକାରର ଯୋଜନା ଗୁଡିକ ସମାଜର ସମସ୍ତ ବର୍ଗ ର ଲୋକଙ୍କ ପାଇଁ ଉଦ୍ଧିଷ୍ଟ ରହିଛି । ତେଣୁ ଯେଉଁ ମୋର୍ଚ୍ଚା ତାର ତତ୍ ସଂଲଗ୍ନ ଯୋଜନାକୁ ନେଇ ଆଗାମୀ ଦିନରେ ତଳସ୍ତରକୁ ଯାଇ ତାକୁ କାର୍ଯ୍ୟକ୍ଷମ କରାଇବେ । ପରମାଣପୂର୍ ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ ।

## ନିମ୍ନ ମାନର ବାତ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ ଅଭିଯୋଗ

କେନ୍ଦ୍ରାପଡ଼ା, ୦୫/୦୭ (ନି.ପ୍ର): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ପୁରୁଷୋତମପୁର ପଂଚାୟତରେ ନିର୍ମାଣ ହେଉଥିବା ବାତ୍ୟା ଆଶ୍ରୟସ୍ଥଳୀ ଅତି ନିମ୍ନ ମାନର ହେଉଥିବା ସରପଂଚଙ୍କ ସମେତ ଶତାଧିକ ଗ୍ରାମବାସୀ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିଛନ୍ତି । ଅଭିଯୋଗ ମୁତାବକ ବାତ୍ୟା ଆଶ୍ରୟ ସ୍ଥଳୀ ନିର୍ମାଣ କରୁଥିବା ଠିକାଦାର ଓ ଅଫିସର ମାନେ ପାଇଲିଙ୍ଗ ଗଭୀର ୩୦ ମିଟର ଥିବାବେଳେ ସେମାନେ ୧୨ ମିଟର କରୁଛନ୍ତି । ଏଥି ସହିତ ଇଟା ଓ ସିମେଂଟ ନିମ୍ନ ମାନର ଥିବା ଜଣାପଡିବା ପରେ ଗ୍ରାମବାସୀମାନେ ଏହାର ବିରୋଧ କରିବାରୁ ଠିକାଦାର ଏମାନଙ୍କୁ ଧମକ ଦେଉଥିବା ଅଭିଯୋଗ ହୋଇଛି । ତୁରନ୍ତ ଏହି କାର୍ଯ୍ୟର ତଦନ୍ତ କରି ଠିକାଦାରଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସରପଂଚ ପୂର୍ଣ୍ଣିମା ସେଠୀଙ୍କ ନେତୃତ୍ୱରେ ପ୍ରମୋଦ ସେଠୀ, ଜଗବନ୍ଧୁ ସେଠୀ, ଭ୍ରମରବର ସେଠୀ ପ୍ରମୁଖ ଦାବି କରିଛନ୍ତି ।

# ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ପଣ୍ୟାଗାର ନିଗମ ନୂତନ ମୁଖ୍ୟ କାର୍ଯ୍ୟାଳୟ ସୌଧର ଶିଳାନ୍ୟାସ

ଭୁବନେଶ୍ୱର, ୦୫/୦୭ (ନି.ପ୍ର): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୧୯ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ଓଡିଶା ରାଜ୍ୟ ପଣ୍ୟାଗାର ନିଗମ ନୂତନ ମୁଖ୍ୟ କାର୍ଯ୍ୟାଳୟ ସୌଧ ପାଇଁ ଭିତିପ୍ରସ୍ତର ସ୍ଥାପନ କରିଛନ୍ତି । ଓଡିଶା ରାଜ୍ୟ ପଣ୍ୟାଗାର ନିଗମ ୧୯୫୮ ମସିହାରେ ପ୍ରତିଷ୍ଠିତ ହୋଇଥିଲା । ଏହି ନିଗମ ରାଜ୍ୟର ୩୦ଟି ଜିଲ୍ଲାର ୬୮ଟି ସ୍ଥାନରେ ମୋଟ ୫,୨୧,୪୦୦ ମେଟ୍ରିକ ଟନ କ୍ଷମତାବିଶିଷ୍ଟ ଗୋଦାମଘର ପରିଚାଳନା କରି ମୁଖ୍ୟତଃ କୃଷିଜାତ ଦ୍ରବ୍ୟର ବୈଜ୍ଞାନିକ ପଦ୍ଧତିରେ ସଂରକ୍ଷଣ ଓ ସୁଷମ ବଂଟନର ଆନୁଷଙ୍ଗିକ ବ୍ୟବସ୍ଥାକୁ ସହାୟତା ଯୋଗାଇଥାଏ । ଭୁବନେଶ୍ୱରସ୍ଥିତ ପ୍ଲଟ ନମ୍ବର-୨, କଟକ ରୋଡର ଏକ ପ୍ରମୁଖ ସ୍ଥାନରେ ଅବସ୍ଥିତ ଥିବା ନିଗମର ମୁଖ୍ୟ କାର୍ଯ୍ୟାଳୟ ପଣ୍ୟାଗାରଗୁଡିକର ସମସ୍ତ ବ୍ୟବସାୟିକ କାର୍ଯ୍ୟକୁ ପରିଚାଳନା କରିଥାଏ । ନିଗମର ବ୍ୟବସାୟିକ ଅଭିବୃଦ୍ଧି ହେବା ସଙ୍ଗେ ସଙ୍ଗେ ଏହାର କାର୍ଯ୍ୟ ପରିସରର ଆବଶ୍ୟକତାକୁ ପୂରଣ କରିବା ପାଇଁ ମୌଳିକ ସୁବିଧାଯୁକ୍ତ ଭିତିଭୂମି ସୃଷ୍ଟି ନିମନ୍ତେ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଏକ ନୂତନ ୪ ମହଲା ବିଶିଷ୍ଟ ଅଫିସ ବିଲ୍ଡିଂ ନିର୍ମାଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି । ୧୯ କୋଟି ୬୦ ଲକ୍ଷ ଟଙ୍କା ବ୍ୟୟ ଅଟକଳରେ ନିର୍ମାଣ ହେବାକୁଥିବା ଏହି ପ୍ରକଳ୍ପର ନିର୍ମାଣ ଦାୟିତ୍ୱ ଇଡକୋ, ଭୁବନେଶ୍ୱରକୁ ଦିଆଯାଇଛି । କର୍ପୋରେଟ ଅଫିସର କାର୍ଯ୍ୟ ପାଇଁ ଗ୍ରାଉଣ୍ଡ ଓ ପ୍ରଥମ ମହଲା ବ୍ୟବହାର କରାଯିବ ଓ ଦ୍ୱିତୀୟ ଓ ତୃତୀୟ ମହଲା ( ଭଡାସୂତ୍ରରେ ଅନ୍ୟ ସଂସ୍ଥାମାନଙ୍କୁ ଦିଆଯିବ ଯେଉଁଥିରୁ ବହୁ ପରିମାଣର ରାଜସ୍ୱ ମିଳିପାରିବ । ଏହି ପ୍ରକଳ୍ପର ନିର୍ମାଣ କାର୍ଯ୍ୟକୁ ୧୮ ମାସ ମଧ୍ୟରେ ସଂପୂର୍ଣ୍ଣ କରିବା ପାଇଁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି ।କେନ୍ଦ୍ର ସରକାର ଅଧିନସ୍ଥ ଗୋଦାମଗୃହ ବିକାଶ ଏବଂ ନିୟାମକ ପ୍ରାଧିକରଣରେ ପଞ୍ଜୀକରଣ ପାଇଁ ଆବେଦନ କରାଯାଇଥିବା ୫୧ଟି ଗୋଦାମ ମଧ୍ୟରୁ ନିଗମର ୪୫ ଟି ଗୋଦାମ ପଞ୍ଜୀକୃତ ହୋଇଅଛି । ଗୋଦାମଗୁଡିକର ପଞ୍ଜୀକରଣ ବ୍ୟବସାୟିକ ଅଭିବୃଦ୍ଧିକୁ ପ୍ରୋତ୍ସାହିତ କରିବ ଏବଂ କୃଷକ / ଜମାକାରୀମାନେ ଗଚ୍ଛିତ ସାମଗ୍ରୀ ପାଇଁ ହସ୍ତାନ୍ତରଯୋଗ୍ୟ ପଣ୍ୟାଗାର ରସିଦ ମାଧ୍ୟମରେ ବ୍ୟାଙ୍କରୁ ଋଣର ସୁବିଧା ପାଇପାରିବେ । ଓଡିଶା ରାଜ୍ୟ ପଣ୍ୟାଗାର ନିଗମ ଆଗାମୀ ଦିନରେ ନିଜର କାର୍ଯ୍ୟକ୍ରମକୁ ପ୍ରସାରଣ ଓ ସଫଳ ରୂପାୟନ କରି କାର୍ଯ୍ୟକ୍ଷମ ପ୍ରକ୍ରିୟାର ସର୍ବୋଚ୍ଚ ମାନ୍ୟତାକୁ ସୁନିଶ୍ଚିତ କରିବା ସହିତ ପୃଷ୍ଠପୋଷକ ମାନଙ୍କର ଆବଶ୍ୟକତାକୁ ପୂରଣ କରିବା ପାଇଁ ଲକ୍ଷ୍ୟ ରଖିଛି ।

# ଜରାସିଂହା ବୁଢିଆଇ ଠାକୁରାଣୀଙ୍କ କାଦୋ ଯାତ୍ରା ଅନୁଷ୍ଠିତ

ବଲାଙ୍ଗିର, ୦୫/୦୭ (ନି.ପ୍ର): ଦେଓଗାଁ ବ୍ଲକ ଜରାସିଂହାରେ ବହୁ ପ୍ରତୀକ୍ଷିତ କୃଷିଭିତିକ ପର୍ବ ବୁଢ଼ିଆଇ ଯାତ୍ରା ବା କାଦୋଯାତ୍ରା ସୋମବାର ଉଦ୍‌ଯାପିତ ହୋଇଯାଇଛି । ପୂର୍ବ ପ୍ରସ୍ତୁତି ଅନୁସାରେ ସୋମବାର ୧୧ଟା ସମୟରେ ବୁଢ଼ିଆଇ ମନ୍ଦିରରେ ପୂଜା ଆରମ୍ଭ ହୋଇଥିଲା । ୧୨ଟା ସମୟରେ ବଲାଙ୍ଗିର ଜିଲ୍ଲା ତଥା ପଡ଼ୋଶୀ ଜିଲ୍ଲା ଶ୍ରଦ୍ଧାଳୁମାନଙ୍କ ଧାର ଦେଖିବାକୁ ମିଳିଥିଲା । ଯେହେତୁ ଏହା ଏକ କୃଷିଭିତିକ ପର୍ବ ଓ ଏହି ପର୍ବରେ ଚଳିତ ବର୍ଷା ଓ ଚାଷକୁ ନେଇ ଆକଳନ କରାଯିବାର ପରମ୍ପରା ରହିଛି, ତେଣୁ ବହୁ ଚାଷୀ ଓ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା । ଏହି ଐତିହାସିକ ଯାତ୍ରା ପ୍ରତିବର୍ଷ ପରି ଆଷାଢ଼ ଶୁକ୍ଳ ତ୍ରୟୋଦଶୀ ତିଥିରେ ଅର୍ଥାତ ଶନିବାର ଦିନ ଗୋରସ ରୋକା ହେବା ସହ ମନ୍ଦିରରେ ପୂଜା ଆରମ୍ଭ ହୋଇଥିଲା । ଶନିବାର ଦିନ ଗାଁର ସମସ୍ତ ଶ୍ରଦ୍ଧାଳୁ ନିଜ ନିଜ ଘରୁ ଗୋରସ ଆଣିବା ପର ବୁଢ଼ିଆଇ ମନ୍ଦିରରେ ପୂଜାର୍ଚ୍ଚନା କରାଯାଇଥିଲା । ରବିବାର ଦିନ ସନ୍ଧ୍ୟାରେ ପେଠା ବାବୁ ଶଙ୍କର ସିଂ ବାବୁଙ୍କ ଦ୍ୱାରା ସେରନିବଟା ହୋଇଥିଲା । ଏହାପରେ ସମସ୍ତ ଦେହେଲିଆଙ୍କୁ ଲାଟ ବଣ୍ଟାଯିବା ପରେ ତଲେଇବସା ପର୍ବ ପରେ ଉପେନପିଟା କରାଯାଇଥିଲା । ସୋମବାର ଦେହେରୀ ଓ ଝାଙ୍କରଙ୍କୁ ବରଣ କରାଯିବା ପରେ ଯାତ୍ରା ଆରମ୍ଭ ହୋଇଥିଲା । ବୁଢ଼ିଆଇ ଯାତ୍ରାର ମୁଖ୍ୟ ବରୁଆ ଭାବେ ସନ୍ତୋଷ ଥାନପତି ଦାୟିତ୍ୱ ନେଇଥିବା ବେଳେ ଜମିଦାର ଦୁର୍ଗାପ୍ରସାଦ ସିଂଦେଓ, ପୂଜକ ଉଜ୍ଜ୍ୱଳ ଝାଙ୍କର, ସାହାଣି-ନାରାୟଣ ସିଂ ସାହାଣି, ପେଠା ବାବୁ ଶଙ୍କର ସିଂବାବୁ, ମଶାଲ ଶ୍ରୀବହ୍ଷ ସାହୁ, ଛତ୍ରିଆ-ଜୟହିନ୍ଦ ଛତ୍ରିଆ ଭୂମିକା ନେଇଥିଲେ । ପୂର୍ବ ବର୍ଷ ପରି ଚଳିତ ବର୍ଷ ବୁଢ଼ିଆଇ ଯାତ୍ରା ପରିଚାଳନା କମିଟିର ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଯାତ୍ରା ଅନୁଷ୍ଠିତ ହୋଇଥିଲା । ଜରାସିଂହା ଗାଁ ଭିତରେ ଥିବା ବୁଢ଼ିଆଇ ମନ୍ଦିରରେ ଯାତ୍ରା ହୋଇ ହଜାର ହଜାର ଶ୍ରଦ୍ଧାଳୁଙ୍କ ଭିଡ଼ ହୋଇଥିଲେ ମଧ ଦେଓଗାଁ ପୁଲିସ ସହଯୋଗ ଯୋଗୁଁ ଶାନ୍ତିଶୃଙ୍ଖଳାରେ ଯାତ୍ରା ସମାପନ ହୋଇଥିଲା ।

## ବନ ମହୋତ୍ସବ ସପ୍ତାହ ପାଳନ


କେନ୍ଦ୍ରାପଡ଼ା, ୦୪ ଜୁଲାଇ(ହି.ସ.) – କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭାଗବତପୁର ପଂଚାୟତରେ ବନ ମହୋତ୍ସବ ପାଳନ ହୋଇଯାଇଛି । ପଂଚାୟତର ବାଲିଆ ମେଲଣ ପଡିଆ ଓ ଅମୃତ ସରୋବର ରେ ବୃକ୍ଷ ରୋପଣ କରାଯାଇ ଥିଲା । ଏହି ବୃକ୍ଷ ରୋପଣରେ ବଉଳ, ଚାକୁଣ୍ଡା, ଆମ୍ବ, ଆକାଶି, ଜାମୁ, କଦମ୍ବ, ଓସ୍ତ ପ୍ରଭୃତି ରୋପଣ କରାଯାଇ ଥିଲା । ଭାଗବତପୁର ସରପଂଚ ପ୍ରିୟଙ୍କା ପ୍ରୟଦର୍ଶିନୀ ନାୟକଙ୍କ ନେତୃତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ନିର୍ବାହୀ ଅଧିକାରୀ ରାଜେନ୍ଦ୍ର ପ୍ରସାଦ ପଣ୍ଡା ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ ।

# ନୂଆ ପେନ୍‌ସନ୍ ବାତିଲ୍ କରିବା ଦାବିରେ ସମନ୍ୱୟ ସମିତିର ସର୍ବଭାରତୀୟ ଦାବି ଦିବସ ପାଳନ ଓ ଦାବିପତ୍ର ପ୍ରଦାନ

ଭୁବନେଶ୍ୱର, ୦୫/୦୭ (ନି.ପ୍ର): ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘର ଆହ୍ୱାନରେ ଆଜି ତା ୪.୭.୨୦୨୩ରିଖ ଅପରାହ୍ନ ୨ ଘଟିକା ସମୟରେ ରାଜ୍ୟ ସରକାରୀ ସମନ୍ୱୟ ସମିତି ସଭାପତି ପ୍ରଶାନ୍ତ କୁମାର ମହାନ୍ତି ଓ କାର୍ଯ୍ୟାଳୟ ସମ୍ପାଦକ କାହ୍ନୁଚରଣ ମଲ୍ଲିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳଙ୍କ ଜରିଆରେ ୭ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଦିଆଯାଇଅଛି । କର୍ମଚାରୀମାନଙ୍କର ଦୀର୍ଘଦିନର ଦାବି ଯଥା ନୂଆ ପେନ୍‌ସନ୍, ପି.ଏଫ୍.ଆର.ଡି.ଏ ଆଇନ୍ ବାତିଲ୍ କରିବା, ସମସ୍ତ ପ୍ରକାର ଠିକା କର୍ମଚାରୀଙ୍କୁ ରେଗୁଲାର କରିବା, ଖାଲିଥିବା ପଦବୀ ପୂରଣ କରିବା, ଘରୋଇକରଣ ଓ କର୍ପୋରେଟାଇଜେସନ୍ ବନ୍ଦ କରିବା, ସମ୍ପୂର୍ଣ୍ଣ ଭାବେ ନୂଆ ଶିକ୍ଷା କାର୍ଯ୍ୟକ୍ରମକୁ ବାତିଲ୍ କରିବା, ଅଷ୍ଟମ କେନ୍ଦ୍ରୀୟ ବେତନ କମିଶନ ବସାଇବା, ୧୮ ମାସର ପୁରୁଣା ମହଙ୍ଗା ଭତା ତୁରନ୍ତ ଦେବା, ମୃତ କର୍ମଚାରୀଙ୍କ ପରିବାରରୁ ଜଣଙ୍କୁ ନିଯୁକ୍ତି ଦେବା, ବର୍ଦ୍ଧିତ ହାରରେ ଘରଭଡ଼ା ଭତା ଦେବା ଆଦି ଦାବିକୁ ସମର୍ଥନ କରି ଅତିରିକ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଅଛି । ଉକ୍ତ ସଭାରେ ସଭାପତି ପ୍ରଶାନ୍ତ ମହାନ୍ତି, ଅଶ୍ଳିଳ ବ୍ରହ୍ମ, ମନୋଜ ମଲ୍ଲିକ, ବିଷ୍ଣୁପଦ ସେଠୀ, ମିନାକ୍ଷୀ ମହାନ୍ତି, ଅଶୋକ ମୁଦୁଲି ଓ କ୍ଷେତ୍ର ମୋହନ ଦାସ ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ ।


# ଜ୍ୟୋତିର୍ବିଜ୍ଞାନୀ ଓ ଗଣିତଜ୍ଞ ଆର୍ଯ୍ୟଭଟ୍ଟ

ଜ୍ଞାନ-ବିଜ୍ଞାନର ମହନୀୟ ଭୂମି ପବିତ୍ର ଭାରତବର୍ଷ । ପ୍ରାଚୀନ ଭାରତର ମୁନୀ, ଋଷି ଏବଂ ବୈଜ୍ଞାନିକମାନେ ସେମାନଙ୍କ ମହାନ ସାଧନା ବଳରେ ଯେଉଁ ଉଦ୍ଭାବନ ଓ ଆବିଷ୍କାର ସବୁ କରିଯାଇଛନ୍ତି, ସେଗୁଡ଼ିକ ଆଜି ବି ଉପାଦେୟ ସାବ୍ୟସ୍ତ ହୋଇପାରିଛି ।



**ବିଦ୍ୱାନଙ୍କ ଦେଶ ଭାରତ**


ପ୍ରାଚୀନ ଭାରତବର୍ଷର ବିଦ୍ୱାନ ଆର୍ଯ୍ୟଭଟ୍ଟ ଏକାଧାରରେ ଥିଲେ ଜଣେ ମହାନ ବୈଜ୍ଞାନିକ, ବିଚକ୍ଷଣ ଗଣିତଜ୍ଞ ଓ ଜ୍ୟୋର୍ତିବିଜ୍ଞାନୀ । ୪୭୬ ଖ୍ରୀଷ୍ଟାବ୍ଦରେ ମଗଧ ଅନ୍ତର୍ଗତ ପାଟଳୀପୁତ୍ରରେ ଆର୍ଯ୍ୟଭଟ୍ଟଙ୍କ ଜନ୍ମ। ଭାରତର ସୁବର୍ଣ୍ଣଯୁଗ ବୋଲାଉଥିବା ଗୁପ୍ତ ଶାସନ ସମୟରେ ହିଁ ସେନିଜର ଗବେଷଣା ଆରମ୍ଭ କରିଥିଲେ । ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ କରିଥିବା ଆର୍ଯ୍ୟଭଟ୍ଟ ୪୯୯ ଖ୍ରୀଷ୍ଟାବ୍ଦରେ ରଚନା କରିଥିଲେ ଆର୍ଯ୍ୟଭଟ୍ଟ । ପୃଥିବୀ ଗୋଲାକାର ଏବଂ ଏହା ନିଜ ଅକ୍ଷ ଚତୁଃପାର୍ଶ୍ୱରେ ଘୂର୍ଣ୍ଣନ କରିବା ସହ ସୂର୍ଯ୍ୟ ଚତୁଃପାର୍ଶ୍ୱରେ ମଧ୍ୟ ପରିଭ୍ରମଣ କରୁଛି ବୋଲି ଆର୍ଯ୍ୟଭଟ୍ଟ ହିଁ ପ୍ରଥମେ ସିଦ୍ଧାନ୍ତରେ ଉପନୀତ ହୋଇଥିଲେ। ଏତଦ୍ ବ୍ୟତୀତ ଦିବାରାତ୍ର ହେବାର ତଥ୍ୟ, ଋତୁ ପରିବର୍ତ୍ତନର କାରଣ ସଂପର୍କରେ ମଧ୍ୟ ସେ ସୂଚନା ପ୍ରଦାନ କରିଥିଲେ । ଚନ୍ଦ୍ର ପୃଥିବୀର ଉପଗ୍ରହ ଓ ଏହା ପୃଥିବୀ ଚାରି ପଟେ ପରିଭ୍ରମଣ କରୁଥିବା ତଥା ନିଜସ୍ୱ ଆଲୋକ ନ ଥାଇ ଏହା ସୂର୍ଯ୍ୟାଲୋକ ଦ୍ୱାରା ଆଲୋକିତ ହେଉଥିବା କଥା ସେ ହିଁ ପ୍ରଥମେ ସମଗ୍ର ପୃଥିବୀବାସୀଙ୍କୁ ଜଣାଇଥିଲେ । ଏତଦ୍‌ବ୍ୟତୀତ ସୂର୍ଯ୍ୟପରାଗ, ଚନ୍ଦ୍ରଗ୍ରହଣ, ପୃଥିବୀର ପରିସୀମା, ବର୍ଷ ଗଣନା, ମାଧ୍ୟାକର୍ଷଣ ଶକ୍ତି ଇତ୍ୟାଦିର ସଠିକ୍ ତଥ୍ୟ ମଧ୍ୟ ଆର୍ଯ୍ୟଭଟ୍ଟଙ୍କ ଗବେଷଣାର ଅଂଶବିଶେଷ ଥିଲା । ତାଙ୍କ ଦ୍ୱାରା ଲିଖିତ 'ଆର୍ଯ୍ୟସିଦ୍ଧାନ୍ତ' ଗ୍ରନ୍ଥ ବହୁ ଜ୍ୟୋତିବିଜ୍ଞାନ ସମ୍ବନ୍ଧୀୟ ଗବେଷଣା ସହ ହିନ୍ଦୁ କ୍ୟାଲେଣ୍ଡର ପ୍ରସ୍ତୁତିରେ ସହାୟକ ହେଉଛି । ତେବେ କରିଥିଲେ ଆର୍ଯ୍ୟଭଟ୍ଟୀୟ ନାମକ ଏକ ଗବେଷଣା ଲବ୍ଧ ଗ୍ରନ୍ଥ । ଜ୍ୟୋର୍ତିର୍ବିଜ୍ଞାନ, ତ୍ରିକୋଣମିତି, ଗଣିତ ବା ଏରିଥମେଟିକ୍, ବୀଜଗଣିତ ବା ଆଲଜେବ୍ରା ଏବଂ ସମତଳ ତ୍ରିକୋଣମିତି ଆଦି ବିଷୟରେ ନାନାଦି ଦୁର୍ଲଭ ସୂତ୍ରାବଳୀ ଉପସ୍ଥାପନ କରାଯାଇଥିଲା ଉକ୍ତ ପୁସ୍ତକରେ । ଗଣିତ ସହିତ ଜ୍ୟୋତିବିଜ୍ଞାନର ସମ୍ପର୍କ ସ୍ଥାପନ କରିବାରେ ସେ ଥିଲେ ବିଶ୍ୱର ପ୍ରଥମ ବିଦ୍ୱାନ




ବ୍ୟକ୍ତିତ୍ୱ । ତ୍ରାୟୋଦଶ ଶତାବ୍ଦୀରେ ଉକ୍ତ ପୁସ୍ତକଟି 'ଲାଟିନ୍' ଭାଷାରେ ଅନୁଦିତ ହେବା ପରେ ପାଶ୍ଚାତ୍ୟ ଦେଶର ଗଣିତଜ୍ଞମାନେ ଏସବୁ ବିଷୟରେ ଜାଣିବାକୁ ସକ୍ଷମ ହୋଇଥିଲେ। 'ଆର୍ଯ୍ୟଭଟ୍ଟୀୟ' ପୁସ୍ତକର ସୂତ୍ରାବଳୀକୁ ଅନୁକରଣ କରି ପରବର୍ତ୍ତୀ ସମୟରେ ତ୍ରିଭୁଜଙ୍କର କ୍ଷେତ୍ରଫଳ, ଗୋଲକର ଆୟତନ ତଥା ବର୍ଗମୂଳ ଓ ଘନମୂଳ ନିର୍ଣ୍ଣୟ ପଦ୍ଧତିର ସୂତ୍ରପାତ ହୋଇଥିଲା । ସେ ପ୍ରଦାନ କରିଯାଇଥିବା ତ୍ରିଭୁଜ ଏବଂ ବୃତ୍ତ ସ୍ୱନ୍ଧୀୟ ସୂତ୍ରାବଳୀ, ପାଇର ମୂଲ୍ୟ, ତ୍ରିକୋଣମିତି ସମ୍ବନ୍ଧୀୟ ପ୍ରସଙ୍ଗ ଆଜି ପର୍ଯ୍ୟନ୍ତ ଉପାଦେୟ ସାବ୍ୟସ୍ତ ହେଉଛି ।


**ଜ୍ୟୋତିର୍ବିଜ୍ଞାନ ତଥ୍ୟ**

ଜ୍ୟୋତିର୍ବିଜ୍ଞାନ କ୍ଷେତ୍ରରେ ଅନେକ ଅନାଲୋଚିତ ଦିଗ ଓ ତଥ୍ୟ ଆବିଷ୍କାର




ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ସମଗ୍ର ବିଶ୍ୱ ଯେଉଁ ବୈଜ୍ଞାନିକମାନଙ୍କୁ ଉପରୋକ୍ତ ଆବିଷ୍କାର ପାଇଁ ଶ୍ରେୟ ପ୍ରଦାନ କରୁଛି, ସେମାନଙ୍କ ଠାରୁ ହଜାରେ ବର୍ଷ ପୂର୍ବରୁ ଭାରତୀୟ ବୈଜ୍ଞାନିକ ଆର୍ଯ୍ୟଭଟ୍ଟ ଏସବୁର ନିର୍ଭୁଲ ତଥ୍ୟ ପ୍ରଦାନ କରିଯାଇଥିଲେ । କିନ୍ତୁ ବିଡ଼ମ୍ବନାର ବିଷୟ ଏହା ଯେ ପୃଥିବୀର ଇତିହାସ ଲେଖିଥିବା ଐତିହାସିକଗଣ ଭାରତୀୟ ବୈଜ୍ଞାନିକମାନଙ୍କ ଅବଦାନର ପ୍ରକୃତ ମହତ୍ତ୍ୱ ଆଜି ପ୍ରତିପାଦିତ ହୋଇପାରୁନାହିଁ। ପ୍ରାଚୀନ ଭାରତୀୟ ବିଜ୍ଞାନ ଓ ବୈଜ୍ଞାନିକଙ୍କ ମହତ୍ତ୍ୱର ସମୟୋଚିତ ପ୍ରଚାର ଓ ପ୍ରସାର କରାଗଲେ ଏହା ବିଶ୍ୱ ଦରବାରରେ ଉପସ୍ଥାପିତ ଓ ପ୍ରମାଣିତ ହୋଇପାରିବ ।

# ବରଫ ଯୋଗୁଁ ରୋଗ



ଏବେ ଦେଶର ଅଧିକାଂଶ ସହରର ତାପମାତ୍ରା ପ୍ରତିଦିନ ବଢ଼ିବାରେ ଲାଗିଛି । ଫଳରେ ଏଥିରୁ ସାମାନ୍ୟ ଆରାମ ପାଇବା ପାଇଁ ରାସ୍ତାକଡ଼ରେ ବିକ୍ରି ହେଉଥିବା ଥଣ୍ଡା ପାନୀୟ (ସରବତ, ଜୁସ୍) ସହ ଆଇସକ୍ରିମ, ବରଫଗୋଲା ଆଦି ଦୋକାନରେ ଲୋକଙ୍କ ଭିଡ଼ ଦେଖିବାକୁ ମିଳିଲାଣି । ଯଦି ଆପଣ ମଧ୍ୟ ଅସହ୍ୟ ତାତିରୁ ରକ୍ଷା ପାଇବା ପାଇଁ ବରଫ ମିଶ୍ରିତ ଏଭଳି ପାନୀୟକୁ ପିଇବାକୁ ମନ କରୁଛନ୍ତି, ତେବେ ସତର୍କ ହୋଇଯାନ୍ତୁ । କାରଣ ନିକଟରେ ବମ୍ବେ ମହାନଗର ନିଗମ (ବିଏମସି) ଏଭଳି ଦୋକାନମାନଙ୍କରେ ବ୍ୟବହାର କରାଯାଉଥିବା ବରଫର କେତେକ ନମୁନା ସଂଗ୍ରହ କରି ପରୀକ୍ଷା ନିମନ୍ତେ ପଠାଇଥିଲେ । ଏଗୁଡ଼ିକ ଖାଇବା ଉପଯୋଗୀ କି ନାହିଁ ତାହା ପରୀକ୍ଷା କରାଯିବାରୁ ଅଣାଯାଇଥିବା ବରଫ ନମୁନାରୁ ପାଖାପାଖି ୯୫ ପ୍ରତିଶତ ଫେଲ ହୋଇଥିଲା । ଅନ୍ୟପଟେ ୭୪ ପ୍ରତିଶତ ବରଫ ନମୁନାରେ ପେଟ ରୋଗ ସୃଷ୍ଟି କରୁଥିବା ଇ-କୋଲି ବ୍ୟାକ୍ଟେରିଆ ମିଳିଥିଲା । ସୂଚନା ଅନୁସାରେ, ବିଏମସି ବିଭିନ୍ନ ଥଣ୍ଡାପାନୀୟ ଦୋକାନରୁ ୩୬୩ଟି ବରଫ ନମୁନା ସଂଗ୍ରହ କରିଥିଲା । ଯାଂଚ ପରେ ଏଥିମଧ୍ୟରୁ ୩୪୬ ନମୂନା ଖାଇବା ଉପଯୋଗି ନଥିବା ଜଣାପଡ଼ିଥିଲା । ଯାହା ମଧ୍ୟରୁ ୨୭୦ଟି ନମୂନାରେ ଇ-କୋଲି ବ୍ୟାକ୍ଟେରିଆ ରହିଥିଲା । ଏ ସମ୍ପର୍କରେ କେଇଏମ ଡାକ୍ତରଖାନର ଡାକ୍ତର ଅବିନାଶ ସୁପେ କହନ୍ତି, ଏହି ବ୍ୟାକ୍ଟେରିଆ କାରଣରୁ ମଣିଷ ଛାତି ଓ ପେଟରେ ସଂକ୍ରମଣ, ବାନ୍ତି, ଜ୍ୱର ଆଦି ଭଳି ସମସ୍ୟା ହୋଇଥାଏ । ତେଣୁ ଏସବୁ ଜିନିଷ ଠାରୁ ଯଥା ସମ୍ଭବ ଦୂରେଇ ରହିବା ସ୍ୱାସ୍ଥ୍ୟ ପକ୍ଷେ ହିତକାରକ ବୋଲି ସେ ପରାମର୍ଶ ଦେଇଛନ୍ତି ।

# ସ୍ମରଣଶକ୍ତି ହ୍ରାସ କରାଏ ଆଲୁମିନିୟମ ବାସନ

ଆମେ ଖାଇଲା ବେଳେ ଖାଦ୍ୟ ଉପରେ ଯେତିକି ନଜର ଦେଇଥାଉ କେଉଁ ବାସନରେ ଖାଉଛୁ ତାହା ଉପରେ ସେତିକି ନଜର ଦେଇ ନଥାଉ । ମାତ୍ର ଖାଇବା ବାସନ ବେଳେବେଳେ ଆମ ପାଇଁ କ୍ଷତିକାରକ ହୋଇପାରେ ଏହା ଅନେକ ଜାଣିନଥାନ୍ତି । ଆଲୁମିନିୟମ ବାସନରେ ଖାଇବା ବା ଖାଦ୍ୟ ପ୍ରସ୍ତୁତ କରିବା କ୍ଷତିକାରକ ହୋଇଥାଏ । ଏହାଦ୍ୱାରା ସ୍ମରଣଶକ୍ତି କମିଯିବାର ଆଶଙ୍କା ବଢ଼ିଥାଏ । ଆଲୁମିନିୟମର ପ୍ରଭାବ ଶରୀର ଉପରେ



ଧୀରେ ଧୀରେ ପଡୁଥିଲେ ଏହି ବାସନରେ ଖାଦ୍ୟ ପ୍ରସ୍ତୁତ କରିବା, ଖାଇବା ବା ରଖିବା ଚାଲୁ ରହିଲେ ସ୍ମରଣ ଶକ୍ତି ହ୍ରାସ ହେବାର ଆଶଙ୍କା ବଢ଼ି ଯାଇଥାଏ । ପ୍ରତ୍ୟହ ଏହି ବାସନରେ ଭୋଜନ କରିବା ଦ୍ୱାରା ବର୍ଷକୁ ୮ମିଲିଗ୍ରାମ ଆଲୁମିନିୟମ ଆମ ମସ୍ତିଷ୍କକୁ ଚାଲି ଯାଇଥାଏ ଓ ସ୍ମରଣଶକ୍ତି କମାଇଥାଏ । ଏହା ହାଡ଼କୁ ମଧ୍ୟ କମଜୋର କରାଇଥାଏ । ଏହା ହାଡ଼କୁ ଛିଦ୍ରଯୁକ୍ତ କରାଇଥାଏ । ଏ ସମ୍ପର୍କରେ ବିହାରର ପୂର୍ଣ୍ଣିମା କଲେଜରେ ଚାଲିଥିବା ଆଲୁମିନିୟମ ଟକ୍ସିକଲେଜି ଉପରେ ହୋଇଥିବା ଗବେଷଣାରୁ ଜଣାପଡ଼ିଛି । ଡାକ୍ତର ଟିବିଆରକେ ରାଓଙ୍କ ନେତୃତ୍ୱରେ ଏହି ଗବେଷଣା ଚାଲିଛି । ଡାକ୍ତର ରାଓଙ୍କ ମତରେ ଯଦି ୧୦୦ ଗ୍ରାମ ଡାଲିରୁ ଆଲୁମିନିୟମ ପାତ୍ରରେ ରନ୍ଧାଯାଏ ତାହେଲେ ସେହି ଡାଲି ୩୨ମିଲିଗ୍ରାମ ଆଲୁମିନିୟମ ଅବଶୋଷିତ କରିନିଏ ।

# ଆଜମା ରୋଗୀଙ୍କୁ ମାଛ ମହୌଷଧି

**ଆଜମା ଏଭଳି ଏକ ରୋଗ ଯାହା ଶ୍ୱାସନଳୀ ଉପରେ କୁପ୍ରଭାବ ପକାଇଥାଏ । ନିଶ୍ୱାସ ପ୍ରଶ୍ୱାସରେ କଷ୍ଟ ଅନୁଭୂତ ହେବା ସହ ଅନେକ ସମୟରେ ଜୀବନ ବି ଚାଲିଯାଏ । କିନ୍ତୁ ଏହି ରୋଗରେ ପୀଡ଼ିତଙ୍କ ପାଇଁ ମାଛ ହେଉଛି ମହୌଷଧି ସଦୃଶ...।**

ଆଜମା ଏଭଳି ଏକ ରୋଗ, ଯାହାର ସିଧା ପ୍ରଭାବ ଫୁସଫୁସ ଉପରେ ପଡ଼ିଥାଏ । ଶ୍ୱାସକ୍ରିୟା ପ୍ରଭାବିତ ହୋଇଥାଏ । ନିଃଶ୍ୱାସ ପ୍ରଶ୍ୱାସ ନେବାରେ କଷ୍ଟ ଅନୁଭୂତ ହଏ । ଶୀତଦିନରେ ଏହି ରୋଗ ଅତ୍ୟନ୍ତ କଷ୍ଟଦାୟକ । ବିଶ୍ୱରେ ପ୍ରାୟ ୩୦ କୋଟି ଲୋକ ଆଜମାରେ ପୀଡ଼ିତ । କିନ୍ତୁ ଚାହିଁଲେ ଖୁବ ସହଜରେ ବିନା ଔଷଧରେ ଏହି ରେଗାକୁ ସମୂଳେ ନାଶ କରିପାରିବେ । ଏପରିକି ଶୀତରେ ବି ଶ୍ୱାସନଳୀକୁ ସୁସ୍ଥ ରଖିପାରିବେ ।



ଏଥିପାଇଁ କେବଳ ସପ୍ତାହକୁ ଦୁଇଥର ମାଛ ସେବନ କରିବାକୁ ପଡ଼ିବ । ମାଛରେ ଏଭଳି କିଛି ତତ୍ତ୍ୱ ମହଜୁଦ ରହିଛି, ଯାହା ଅନେକ ରୋଗରୁ ଆରୋଗ୍ୟ ପ୍ରଦାନ କରିଥାଏ । ତେବେ ଆଜମା ପାଇଁ ଏହା ମହୌଷଧି ସଦୃଶ । ନିୟମିତ ଭାବେ ହେଉ ଅବା ସପ୍ତାହକୁ ଦୁଇଥର ମାଛ ଖାଇବା ଦ୍ୱାରା ଆଜମା ପୀଡ଼ିତଙ୍କ ଶ୍ୱାସନଳୀ ସଂକ୍ରମଣ ମୁକ୍ତ ହୋଇ ନିଃଶ୍ୱାସ ପ୍ରଶ୍ୱାସ ସହଜ ହୋଇଥାଏ । ଏହି ଚିକିତ୍ସାରେ ୯୦ ପ୍ରତିଶତ ସମସ୍ୟା ଦୂର ହୋଇଥାଏ ।

# ଜୀବନନାଶକ ହୋଇପାରେ ନକଲି ଗହଣା

ସୁନା ଓ ରୂପାର ଅତ୍ୟଧିକ ମୂଲ୍ୟବୃଦ୍ଧି ଯୋଗୁଁ ଆଜି ଅନେକଙ୍କର ପସନ୍ଦ ହେଉଛି ଭିନ୍ନ ଭିନ୍ନ ଧାତୁରେ ତିଆରି ଗହଣା । ଧାତୁ ବ୍ୟତୀତ ଅନ୍ୟାନ୍ୟ ସାମଗ୍ରୀରେ। ନିର୍ମିତ ଗହଣାକୁ ମଧ୍ୟ ମହିଳାମାନେ ଆପଣାଇ ନେଲେଣି । ଗହଣା ସୌନ୍ଦର୍ଯ୍ୟ ବୃଦ୍ଧିର କାରକ ହୋଇଥିବାରୁ ଯେ କୌଣସି ଧାତୁରେ ତିଆରି ଗହଣାକୁ ପିନ୍ଧିବାକୁ ମହିଳାମାନେ ପଛଘୁଞ୍ଚା ଦେଉନାହାନ୍ତି । ତେବେ ସୌନ୍ଦର୍ଯ୍ୟ ବୃଦ୍ଧିକାରୀ ଏହି ନକଲି ଗହଣା ଯେ ଆପଣଙ୍କର କ୍ଷତି ପହଞ୍ଚାଉଛି ଏହା ଆପଣ ଜାଣନ୍ତିନାହିଁ । ନକଲି ଗହଣା ଜଣଙ୍କର ଆୟୁ ହ୍ରାସ କରିବାରେ ଅନେକ ସାହାଯ୍ୟ କରିଥାଏ । ଧିରେ ଧିରେ ଏହା ଜରକୁ ମୃତ୍ୟୁର କୋଳକୁ ମଧ୍ୟ ଟାଣି ନେଇଥାଏ । ଏକ ବେସରକାରୀ ଅନୁଷ୍ଠାନ ଅନୁଧ୍ୟାନ କରି ଜାଣିପାରିଛି ଯେ, ଦେଶର ବଡ଼ ବଡ଼ ସହରମାନଙ୍କରେ ବିକ୍ରିଯୋଗ ୬୪.୮ ପ୍ରତିଶତ ଜୁଏଲାରୀରେ ୯୦ପ୍ରତିଶତ ପିପିଏମ୍ ରେ ଅଧିକ ଭାଗ ହେଉଛି ସୀମା । ଏହି ସୀମା ଗର୍ଭବତୀମହିଳାଙ୍କ ପାଇଁ କ୍ଷତିକାରକ । ସୀମା ସହିତ ରକ୍ତର ସମ୍ପର୍କ ଥିବାରୁ ପିଲା ଓ ଯୁବକଯୁବତୀଙ୍କ ସ୍ମରଣ ଶକ୍ତିକୁ ଏହା ପ୍ରଭାବିତ କରିପାରେ । ଏଥିରେ ସେମାନେ ୧୦ ପ୍ରତିଶତ ସ୍ମରଣ ଶକ୍ତି ହରାଇପାରନ୍ତି । ଏଥିପାଇଁ ୫୪ଟି ସାମ୍ପଲର ପରୀକ୍ଷା କରାଯାଇଥିଲା । ସେଥିମଧ୍ୟରୁ ୩୫ଟିରେ ସୀମା ଅଧିକ ଥିବା ଜଣାପଡ଼ିଥିଲା । ଏହି ଗହଣା ସବୁକୁ ଆକର୍ଷଣୀୟ କରାଇବା ପାଇଁ ସୀମାର ପ୍ରୟୋଗ ହୋଇଥାଏ । ବିଭିନ୍ନ ଗହଣା ମଧ୍ୟରେ ସୀମାର ପ୍ରୟୋଗ ଦେଖିବାକୁ ମିଳିଥିବା ବେଳେ ମୁଦିରେ ଏହା




ସବୁଠାରୁ ଅଧିକ ଥିବାବେଳେ ବ୍ରେସଲେଟରେ ସବୁଠାରୁ କମ୍ ଦେଖିବାକୁ ମିଳିଥିଲା । ରଙ୍ଗ ମଧ୍ୟରେ ଗୋଲାପି ରଙ୍ଗର ଜୁଏଲାରୀରେ ଏହା ଅଧିକ ପ୍ରୟୋଗ ହୋଇଥିବା ଦେଖିବାକୁ ମିଳିଥିଲା ।

# ୭୦ ବିଲେଇ ଏବଂ ୩କୁକୁର ସହ ୧୦ବର୍ଷ

ବିଲେଇ ଏବଂ କୁକୁର ମଣିଷଙ୍କର ଅତି ପ୍ରିୟ ପଶୁ ହୋଇଥିବାରୁ ଆମେ ଦୁଇଟା ବା ଅତି ବେଶୀରେ ଦଶଟି ଗୃହପାଳିତ ପଶୁଙ୍କ ସହ ରହିବାକୁ ଭଲ ପାଇଥାଉ । ମାତ୍ର ମୁମ୍ବାଇର କୁହୁଠାରେ ୩୭ବର୍ଷୀୟ ସିନା ଶିବ୍‌ଦସନୀ ଦୁଇଟି ବା ଦଶଟି ନୁହେଁ, ୭୦ଟି ବିଲେଇ ଓ ୩ଟି କୁକୁର ସହ ୧୦ବର୍ଷରୁ ଅଧିକ ସମୟ ହେଲା ରହି ଆସୁଛନ୍ତି । ସେ ପୁଣି ଗୋଟିଏ କୋଠରି ମଧ୍ୟରେ । ସେ ରହୁଥିବା କୋଠରି ହେଉଛି ୨୦୦ ସ୍କୋୟାର ଫୁଟର । ଗୃହପାଳିତ ପଶୁଙ୍କ ସହ ସିନା ତାଙ୍କ ମା'ଙ୍କୁ ନେଇ ମଧ୍ୟ ରହିଥାନ୍ତି । ରାସ୍ତା ଦୁର୍ଘଟଣାରେ ଶିକାର ହୋଇଥିବା ବିଲେଇଙ୍କୁ ସାଧାରଣତଃ ସେ ପାଳିଥାନ୍ତି । ସିନା ବିଲେଇଙ୍କ ସହ ଏକାଠି ରହି ଖାଦ୍ୟ ଖାଇଥାନ୍ତି ଏବଂ ଶୋଇଥାନ୍ତି । ଏହା ପୂର୍ବରୁ ସିନା ମୁମ୍ବାଇର ମାଧ, ତାଲୋଜା, ଓସିୱାରା ଏବଂ ଖାରଘାରଠାରେ ରହିଥିଲେ । ମାତ୍ର ସେହି ସ୍ଥାନ ସେ ଛାଡ଼ିବାକୁ ବାଧ





ହୋଇଥିଲେ । କାରଣ, ତାଙ୍କ ରହୁଥିବା ସ୍ଥାନର ପଡ଼ୋଶୀ ଏତେ ସଂଖ୍ୟକ ଗୃହପାଳିତ ପଶୁଙ୍କ ସହ ରହଣିର ଅଭିଯୋଗ ପାଖ ପୁଲିସ ଷ୍ଟେସନରେ କରିଥିଲେ ।

ସିନା ପ୍ରତ୍ୟେକ ଦିନ ସକାଳ ୭ଟାରେ ଉଠି ପ୍ରଥମେ ତାଙ୍କ ପାଳିତ ପଶୁଙ୍କ ପାଇଁ ଖାଦ୍ୟ ପ୍ରସ୍ତୁତ କରିଥାନ୍ତି । ଏଥିପାଇଁ ସିନାଙ୍କର ଦିନକୁ ୪୦୦ଟଙ୍କା ଖର୍ଚ୍ଚ ହୋଇଥାଏ ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ମହାରାଷ୍ଟ୍ରର ମହାବାର୍ତ୍ତା...

ମହାରାଷ୍ଟ୍ର ରାଜନୀତିରେ ବିଗତ ଦୁଇ ତିନି ଦିନ ଧରି ଘଟି ଚାଲିଥିବା ମହାନାଟକ– ଜାତୀୟତାବାଦୀ କଂଗ୍ରେସ ପାର୍ଟି (ଏନ୍‌ସିପି) ନେତା ଅଜିତ୍ ପାୱାର ତାଙ୍କର ଅନୁଗାମୀମାନଙ୍କ ସହିତ ନିଜର ଦାଦା ଶରଦ ପାୱାରଙ୍କ ନେତୃତ୍ୱାଧୀନ ଦଳକୁ ପରିତ୍ୟାଗ କରି ଏକନାଥ ସିନ୍ଦେ-ନେତୃତ୍ୱାଧୀନ ଗୋଷ୍ଠୀ ସହିତ ଯୋଗ ଦେବା, ଦ୍ୱିତୀୟ ଉପମୁଖ୍ୟମନ୍ତ୍ରୀ ହେବା ଏବଂ ଏନ୍‌ସିପିର ନିର୍ବାଚନୀ ପ୍ରତୀକକୁ ନିଜ ଗୋଷ୍ଠୀର ବୋଲି ଦାବି କରିବା– ପୁଣିଥରେ ଦର୍ଶାଇଛି ଯେ ଭାରତରେ ରାଜନୀତିର ଅବକ୍ଷୟ ଘଟି ଏହା ଏକ ଶୁଦ୍ଧ ଅଙ୍କକଷା ଭିତରକୁ ଠେଲି ହୋଇ ଗଲାଣି । ଏହା ମଧ୍ୟ ଅନ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ଘଟଣାକୁ ଦର୍ଶାଉଛି । ତାହା ହେଉଛି- ରାଜନୀତିକ ଲକ୍ଷ୍ୟ ହାସଲ କରିବା ନିମନ୍ତେ ସରକାରୀ ପ୍ରବର୍ତ୍ତନ ଏଜେନ୍ସିମାନଙ୍କୁ ଉପଯୋଗ କରିବା- ଯେହେତୁ ଜାତୀୟ ରାଜନୀତିକ ନେତାଙ୍କ ସହିତ ହାତ ମିଳାଉ ଥିବା ରାଜନେତାମାନଙ୍କ ନାଁରେ ଥିବା ଅଭିଯୋଗଗୁଡ଼ିକ କାହିଁକି ବନ୍ଦ କରି ଦିଆଯାଏ (ଯେମିତିକି ଅତୀତରେ ହୋଇ ଆସିଛି), ତାକୁ ଅନ୍ୟ କିଛି ବୁଝାଇ ପାରିବ ନାହିଁ । ମହାରାଷ୍ଟ୍ରରେ ସାମ୍ପ୍ରତିକ ସମୟରେ ଯାହା ଘଟିଛି, ତାହା ଦିନେ ଦୁଇଦିନର କଥା ନୁହେଁ ; ଏଥିପାଇଁ ବେଶ୍ କେତେ ମାସ ହେବ ଅଜିତ୍ ଓ ତାଙ୍କର ଅନୁଗାମୀମାନେ ପ୍ରସ୍ତୁତି ଚଳାଇ ଥିଲେ- ବିଜେପି ମଧ୍ୟ । ତେଣୁ ବେଶ୍ କେତେ ସଂଖ୍ୟକ ବରିଷ୍ଠ ନେତାଙ୍କୁ ସାଙ୍ଗରେ ନେଇ ବିଜେପିରେ ଏସିପିର ନେତା ଅଜିତ୍ ପାୱାର ଯୋଗଦେବା ପ୍ରସଙ୍ଗକୁ ‘କେତେବେଳେ’ର ଘଟଣା ଭାବରେ ବିଚାର କରାଯାଇ ଆସୁଥିଲା ; ‘ଯଦି’ ଭାବରେ ନୁହେଁ । ଆଉ ଗତ ରବିବାର ଦିନ ଯେତେବେଳେ ଶେଷରେ ଘଟିଲା, ଏହା ସମସ୍ତଙ୍କୁ ଆଶ୍ଚର୍ଯ୍ୟଚକିତ କରି ଦେଇଥିବା ବେଳେ ଏଥିରେ ବେଶ୍ କିଛି ମାସ ଧରି ବୁଡ଼ି ରହିଥିବା ଏକ ବଡ଼ ବାର୍ତ୍ତା ରହିଛି, ଯାହା ସମ୍ଭବତଃ ବିରୋଧୀମାନଙ୍କର ମେଣ୍ଟ ଗଠନର କାର୍ଯ୍ୟ ଚାଲୁ ରହିବାକୁ ନେଇ ବୋଲି କୁହାଯାଇପାରେ । ଚଳିତ ବର୍ଷର ରାଜ୍ୟ ନିର୍ବାଚନ ସମୂହ ଏବଂ ପରବର୍ତ୍ତୀ ବର୍ଷ ଜାତୀୟସ୍ତରୀୟ ନିର୍ବାଚନ ରହିଥିବା ବେଳେ ସାଂଗଠନିକ ଆବଶ୍ୟକତା ଦୃଷ୍ଟିରୁ କ୍ୟାବିନେଟ୍‌ରେ ଅଦଳବଦଳ କରାଯିବା ଯେତେବେଳେ ଜରୁରୀ ହୋଇ ପଡ଼ିଥାଏ, ସେତେବେଳେ ଯେ କୌଣସି ରାଜ୍ୟର ଶାସକ ଦଳ ଏହା ସହିତ ଯୋଗ ଦେଉଥିବା ବିରୋଧୀ ଦଳର ରାଜନେତାମାନଙ୍କୁ କୃତଜ୍ଞତା ସ୍ୱରୂପ କିଛି ପଦ ପଦବୀ ଦେଇଥାଏ। ମହାରାଷ୍ଟ୍ର ବିଧାନସଭା ନିର୍ବାଚନ ଏବଂ ଆସନ୍ତା ବର୍ଷର ସାଧାରଣ ନିର୍ବାଚନ ପରିପ୍ରେକ୍ଷୀରେ ତେଣୁ ଅଜିତ୍‌ଙ୍କର ବିଜେପି ନେତୃତ୍ୱାଧୀନ ସରକାରରେ ଯୋଗ ଦେବା ଏସିପିର ଶରଦ ପାୱାରଙ୍କ ପାଇଁ ଏକ ଶକ୍ତ ଧକ୍କା ହୋଇଥିବା ବେଳେ ଅଜିତ୍‌ଙ୍କ ପାଇଁ ଓ ବିଜେପି ପାଇଁ ଲାଭଦାୟକ କହିଲେ ଅତ୍ୟୁକ୍ତି ହେବନାହିଁ । ବିରୋଧୀମାନଙ୍କ ଦ୍ୱାରା ପ୍ରସ୍ତୁତ କରାଯାଉଥିବା ମେଣ୍ଟରେ ଶରଦ ପାୱାରଙ୍କ ନେତୃତ୍ୱାଧୀନ ଦଳର ଯଥେଷ୍ଟ ମହତ୍ତ୍ୱ ରହିଛି, ଯେଉଁଥିରେ ଅନ୍ୟମାନଙ୍କ ମଧ୍ୟରେ ରହିଛନ୍ତି ମମତା ବାନାର୍ଜୀ, ଅରବିନ୍ଦ କେଜ୍ରିୱାଲ, ରାହୁଲ ଗାନ୍ଧୀ ଏବଂ ନୀତୀଶ କୁମାର । ଅପର ପକ୍ଷରେ, ଏନ୍‌ସିପି ମଧ୍ୟ ବିଆର୍‌ଏସ୍‌କୁ ବିରୋଧ କରୁଛି, ଯାହା ମହାରାଷ୍ଟ୍ରରେ ମହାପ୍ରବେଶ କରିବା ସହିତ ନିଜର ଶକ୍ତି ପ୍ରଦର୍ଶନ କରିବାର ଲକ୍ଷ୍ୟ ନେଇ ୬୦୦ ଗାଡ଼ି ସାମିଲ ହୋଇଥିବା ଏକ ଶୋଭାଯାତ୍ରାରେ ସୋଲାପୁରକୁ ସଡ଼କ ପଥରେ ଆସିଥିଲା । କଂଗ୍ରେସ ମଧ୍ୟ ବିଆଏରସ୍‌କୁ ନିଜ ସହିତ ସାମିଲ କରିବାକୁ ପସନ୍ଦ କରୁନାହିଁ । ରାହୁଲ ଗାନ୍ଧୀ ଏହି ଦଳକୁ ‘ବିଜେପିର ଚାମ୍’ କହିଛନ୍ତି। ଇତ୍ୟବସରରେ ବିଜେପି ତା’ର ସମସ୍ତ ରାଜନୀତିକ କଳା କୌଶଳକୁ ପ୍ରୟୋଗ କରି କେନ୍ଦ୍ରରେ ଲଗାତର ତୃତୀୟ ଥର ଶାସନ କରିବାକୁ ଅଣ୍ଟା ଭିଡୁଛି । ତେଣୁ ନିଜର ଏହି ପ୍ରକଳ୍ପକୁ ଯଥାର୍ଥ ରୂପ ଦେବା ପାଇଁ ଏହା ନିଜର ପୁରୁଣା ମିତ୍ର ବା ମେଣ୍ଟ ଦଳମାନଙ୍କୁ ନିଜ ଶିବିରକୁ ଟାଣିବାକୁ ଉଦ୍ୟମ କରି ଚାଲିଛି । ଆଉ ଏହାକୁ ଅଧିକ କ୍ଷୀପ୍ରତା ପ୍ରଦାନ କରିବା ପଛରେ ରହିଛି କର୍ଣ୍ଣାଟକରେ କଂଗ୍ରେସର ଅଭ୍ୟୁଦୟ। ବିଜେପିର କଂଗ୍ରେସ ମୁକ୍ତ ଭାରତ ପ୍ରତିଷ୍ଠା କରିବାର ସ୍ୱପ୍ନ ତ ବର୍ତ୍ତମାନ ପାଇଁ ଆପାତତଃ ସୁଦୂର ପରାହତ; କିଏ ଜାଣେ କାଲିକି ଏନ୍‌ସିପି ସହିତ କଂଗ୍ରେସ ମିଶି ଏହାକୁ ମହାରାଷ୍ଟ୍ରରେ ଯେ ପରାଭବ ନଦେବ ! ବର୍ତ୍ତମାନ ସମୟରେ ବିଜେପି ପାଇଁ ତେଣୁ ମହାରାଷ୍ଟ୍ର ଓ ସାଧାରଣ ନିର୍ବାଚନ ଦୁଇଟିଯାକ ଗୁରୁତ୍ୱ ବହନ କରୁଛି । ଅତଏବ, ମହାରାଷ୍ଟ୍ରରେ ଏହା ରାଜନୀତିକ ଅଙ୍କ କଷି ଅଜିତ୍‌ଙ୍କୁ ନିଜ ଶିବିରକୁ ନେଇ ପାରିଛି । ସେହିପରି ଜାତୀୟ ସ୍ତରୀୟ ନିର୍ବାଚନ ପାଇଁ ମଧ୍ୟ ଏହା ଆହୁରି କେତେକ ଦଳଙ୍କୁ ନିଜ ଶିବିରକୁ ଆଣିବାକୁ ଉଦ୍ୟମ ଚଳାଇଛି । ଚର୍ଚ୍ଚା ଆରମ୍ଭ ହୋଇ ସାରିଲାଣି ଯେ ପୂର୍ବରୁ ଏନ୍‌ଡିଏ ମେଣ୍ଟରେ ରହିଥିବା ତେଲୁଗୁ ଦେଶମ୍ ପାର୍ଟି (ଟିଡିପି) ଏବଂ ଶିରୋମଣି ଅକାଳୀ ଦଳ ପୁଣିଥରେ ମେଣ୍ଟକୁ ଫେରିବେ । ପୁଣି ଆଉ କେତେକ ଆଞ୍ଚଳିକ ଦଳ ମଧ୍ୟ ବିଜେପି ସହିତ ମେଣ୍ଟ କରିବାକୁ ଯାଉଛନ୍ତି ବୋଲି ଚାପା ଗୁଞ୍ଜରଣ ସୃଷ୍ଟି ହେଲାଣି। ୨୦୨୪ରେ ମେଣ୍ଟର ମିତ୍ର ଦଳଗୁଡ଼ିକ ମହତ୍ତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବେ । ସମ୍ପ୍ରତି ବିରୋଧୀମାନେ ଏକ ମେଣ୍ଟ କରିବାକୁ ଯେଉଁ ଉତ୍ସାହ ଦେଖାଉଛନ୍ତି ଏବଂ ଉଦ୍ୟମ କରୁଛନ୍ତି, ସେଥିରୁ ମନେହୁଏ ଯେ ନିଜର ଏକ ଦକ୍ଷ ଓ ଶକ୍ତିଶାଳୀ ନିର୍ବାଚନୀ କଳ ସହିତ ଦେଶର ସର୍ବବୃହତ୍ ରାଜନୀତିକ ଛାପ ଥିବା ଦଳ ପାଇଁ ନରେନ୍ଦ୍ର ମୋଦୀଙ୍କ ନିମନ୍ତେ ୨୦୧୯ର ପ୍ରଦର୍ଶନକୁ ଉନ୍ନତ କରିବା କଷ୍ଟକର ହେବ । ମହାରାଷ୍ଟ୍ରରେ ଅଜିତ୍ ପାୱାରଙ୍କ ଦଳ ସହିତ ମିଶ୍ରଣ ସୂଚାଉଛି ଯେ ବିଜେପି ଏ ବାବଦରେ ଭଲ ଭାବରେ ସଚେତନ ଅଛି।



# ୟୁନିଫର୍ମ ସିଭିଲ କୋଡ

## ପ୍ରଦୋଷ କୁମାର ଦାସ

ଆମ ଦେଶ ଏକ ବିବିଧତାର ଦେଶ । ଏଠି ଭିନ୍ନ ଭିନ୍ନ ଭାଷା ଭାଷୀ ଭିନ୍ନ ଭିନ୍ନ ସମ୍ପ୍ରଦାୟର ଲୋକ ବସବାସ କରିଥାନ୍ତି । କେବଳ ମଣିଷ କାହିଁକି ଏଠାରେ ପାଣି ପବନ ଓ ପ୍ରକୃତି ମଧ୍ୟ ବିବିଧତାରେ ପରିପୂର୍ଣ୍ଣ କେଉଁଠି ବରଫା ବୃତ୍ତ ଶିଖର ରହିଛି ତ କେଉଁଠି ମରୁଭୂମି । କେଉଁଠି ସମୁଦ୍ର କୁଳିଆ ପରିବେଶ ତ କେଉଁଠି ରହିଛି ଶୁଖିଲା ଗରମ ପବନ ।

ଏହି ବିବିଧତା ଆମ ଜୀବନ ରେ ପୂର୍ଣ୍ଣତା ଆଣିଛି ।

ଭାରତରେ ଚାରୋଟି ଧର୍ମ ଜନ୍ମ ନେଇଛନ୍ତି । ହିନ୍ଦୁ ଧର୍ମ ବା ସନାତନ ଧର୍ମ, ଶିଖ ଧର୍ମ, ବୁଦ୍ଧ ଧର୍ମ ଓ ଜୈନ ଧର୍ମ । ଏଇ ଚାରୋଟି ଅଲଗା ଅଲଗା ଧର୍ମ ହେଲେ ମଧ୍ୟ ଏହି ଧର୍ମ ଅବଲମ୍ବୀମାନଙ୍କ ଭିତରେ ମଧ୍ୟ କିଛି ସାମନ୍ୱୟତା ରହିଛି । ତେଣୁ ଅନେକ ସମୟରେ ଏମାନଙ୍କ ଭିତରେ ମତଭେଦ ଦେଖାଯାଏ ନାହିଁ ।

ଏହି ଧର୍ମ ଅବଲମ୍ବୀ ମାନଙ୍କର ଜୀବନ ଶୈଳୀ ବା ସମାଜିକ ଜୀବନରେ ବିଶେଷ ପୃଥକତା ମଧ୍ୟ ଦେଖିବାକୁ ମିଳେ ନାହିଁ ।

ବର୍ତ୍ତମାନ ଆମର କେନ୍ଦ୍ର ସରକାର ଗୋଟିଏ ନୂଆ ଆଇନ ଆଣିବା ପାଇଁ ତତ୍ପର ହୋଇଛନ୍ତି ସେଇଟା ହେଲା ‘ୟୁନିଫର୍ମ ସିଭିଲ କୋଡ’ । ଏହାଦ୍ୱାରା ଭାରତର ସମସ୍ତ ଜନସାଧାରଣ ବା ନାଗରିକ ମାନେ ଗୋଟିଏ ଆଇନରେ ବନ୍ଧା ରହିବେ । ଆମର ସମ୍ବିଧାନର ଧାରା ୪୪ରେ ଏହା ଉଲ୍ଲେଖ ରହିଛି ଯେ ଦେଶର ସମସ୍ତ ନାଗରିକମାନଙ୍କ ପାଇଁ ଗୋଟିଏ ସମାନ ନାଗରିକ ସଂହିତା କୁ ପ୍ରଣୟନ କରାଯିବ । ଜାତି ଧର୍ମ ଓ ବର୍ଣ୍ଣ ନିର୍ବିଶେଷରେ ଭାରତର ସମସ୍ତ ନାଗରିକ ମାନେ ଗୋଟିଏ ପ୍ରକାର ନ୍ୟାୟ ପ୍ରଣାଳୀ ଦ୍ୱାରା ନ୍ୟାୟ ପାଇବେ । ବର୍ତ୍ତମାନ ଅନେକ ସ୍ଥାନରେ ନ୍ୟାୟ ପ୍ରଣାଳୀ ବ୍ୟକ୍ତିଗତ ନ୍ୟାୟ ବା ପର୍ସନାଲ ଲ ବା ବ୍ୟକ୍ତିଗତ ଆଇନକୁ ନେଇ ଚାଲିଛି ।

ଭାରତର ନ୍ୟାୟ ତନ୍ତ୍ର ରେ ଗୋଟିଏ ପ୍ରକାର ଅପରାଧ ପାଇଁ ଗୋଟିଏ ପ୍ରକାର ଦଣ୍ଡର ବିଧାନ ରହିଛି । ଏହା ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ପ୍ରଣୟନ କରାଯାଇଛି କିନ୍ତୁ ସାମାଜିକ ଜୀବନରେ ଗୋଟିଏ ପ୍ରକାର ନିୟମ ବା ଏକ ନିର୍ଦ୍ଦିଷ୍ଟ ନିୟମକୁ ଆଜିଯାଏଁ କାର୍ଯ୍ୟକାରି କରାଯାଇ ନାହିଁ । ଭାରତର ସର୍ବୋଚ୍ଚନ୍ୟାୟାଳୟ ବା ସୁପ୍ରିମ କୋର୍ଟ ସମୟ ସମୟରେ ବିଭିର୍ନ୍ନ କେନ୍ଦ୍ର ସରକାରଙ୍କୁ ସମ୍ବିଧାନର ୪୪ ତମ ଧାରାକୁ ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦେଇଛି କିନ୍ତୁ ତାହା ଏବ ଯାଏଁ ହୋଇ ପାରିନାହିଁ ।

ଆମ ଦେଶରେ ବାଲ୍ୟ ବିବାହ ବହୁ ବିବାହ ଓ ସତୀ ଦାହ ପ୍ରଥା ମଧ୍ୟ ଦିନେ ଚାଲିଥିଲା କିନ୍ତୁ ସମାଜ ସଂସ୍କାରକମାନେ ଏଥିପାଇଁ ସଂଘର୍ଷ କରି ଏପରି କୁରିତିକୁ ସମାଜରୁ ଦୂର କରିଥିଲେ । ରାଜା ରାମ ମୋହନ ରାୟ ସତୀ ପ୍ରଥା ବିରୁଦ୍ଧରେ ସ୍ୱର ଉଠାଇଥିଲେ ଏବଂ ସେହି ସମୟ ରେ ସମାଜରେ ଅନେକ ଲୋକ ରାଜା ରାମ ମୋହନ ରାୟଙ୍କୁ ବିରୋଧ ମଧ୍ୟ କରିଥିଲେ । ରାଜା ରାମ ମୋହନ ରାୟଙ୍କ ଶିକ୍ଷା ଏବଂ ସିଦ୍ଧାନ୍ତ ଭାରତୀୟ ସମାଜରେ ଚାଲିଥିବାକୁ ପ୍ରଥାର ଶେଷ କରି ପାରିଥିଲା ।

ୟୁନିଫର୍ମ ସିଭିଲ କୋଡକୁ ବିବାହ, ବିବାହ ବିଚ୍ଛେଦ ବା ଡାଇଭର୍ସ, ଉତ୍ତରାଧିକାରୀ ସୂତ୍ରରେ ସମ୍ପତିର ଅଧିକାର ଓ ପୋଷ୍ୟସନ୍ତାନ ଗ୍ରହଣ କରିବା ବିଷୟରେ ଲାଗୁ କରାଯିବ ।

ଭାରତର ମୁଖ୍ୟ ବିରୋଧୀ ଦଳ କଂଗ୍ରେସ ବର୍ତ୍ତମାନ କେନ୍ଦ୍ର ସରକାରଙ୍କ କାର୍ଯ୍ୟ ଶୈଳୀ ଉପରେ ପ୍ରଶ୍ନ ଉଠାଇଛି ଏବଂ କହିଛି ଯେ ୟୁନିଫର୍ମ ସିଭିଲ କୋଡ ଲଗାଇ ବାର ସମୟ ବର୍ତ୍ତମାନ ଆସିନାହିଁ ।

ଦେଶର ଭିନ୍ନ ଭିନ୍ନ ଦଳର ରାଜନେତାମାନେ ୟୁନିଫର୍ମ ସିଭିଲ କୋଡକୁ ନେଇ ଭିନ୍ନ ଭିନ୍ନ ମତ ଦେଇ ଚାଲିଛନ୍ତି । କେତେ ଗୁଡିଏ ରାଜନୈତିକ ଦଳ ଏହାର ସପକ୍ଷ ରେ ଥିଲା ବେଳେ କିଛି ଦଳ ଉନିଫର୍ମ ସିଭି କୋଡକୁ ବିରୋଧ ମଧ୍ୟ କରୁଛନ୍ତି।

ୟୁନିଫର୍ମ ସିଭିଲ କୋଡକୁ ମୁଖ୍ୟତଃ କେନ୍ଦ୍ରରେ ଶାସନ କରୁଥିବା ବିଜେପିର ନାଗାଲେଣ୍ଡର ସହଯୋଗୀ ନ୍ୟାସନାଲିଷ୍ଟ ଡେମୋକ୍ରେଟିକ ପ୍ରୋଗ୍ରେସିଭ ପାର୍ଟି ଏବଂ ମେଘାଳୟର ସହଯୋଗୀ ନ୍ୟାସନାଲିଷ୍ଟ ପିପୁଲସ ପାର୍ଟି ମଧ୍ୟ ବିରୋଧ କରୁଛନ୍ତି ।

ଭାରତର ଉତ୍ତରରେ ରହୁଥିବା ସାତୋଟି ପ୍ରଦେଶ ଯାହାକୁ ସାତ ଭଉଣୀ ବା ସେଭେନ ସିଷ୍ଟର ବୋଲି କୁହାଯାଏ ସେଗୁଡିକରେ ମୁଖ୍ୟତଃ ଆଦିବାସୀମାନେ ବସବାସ କରନ୍ତି । ସେମାନଙ୍କ ଜୀବନ ଶୈଳୀ ଓ ପ୍ରଥା ଉପରେ ୟୁନିଫର୍ମ ସିଭିଲ କୋଡକୁ ଲଦିଦିଆ ଯାଇ ପାରିବ ନାହିଁ ବୋଲି ମତାମତ ଶୁଣିବାକୁ ମିଳୁଛି ।

ଯଦି ଉନିଫର୍ମ ସିଭିଲ କୋଡ ଓ ଆଗାମୀ ପିଡି ପାଇଁ ସୁଖଶାନ୍ତି ଆଣି ପାରିବ ତାକୁ ନିଶ୍ଚିତ ଭାବରେ ଧୀରେ ଧୀରେ ଆମ ସମାଜରେ ପ୍ରୟୋଗ କରିବାକୁ ପଡିବ ।

ଆଜିମଧ୍ୟ ଅନେକ ସ୍ଥାନରେ ‘ବାଲ ବିବାହ’ ପରିକୁ ପ୍ରଥା ଚାଲିଛି ଏବଂ ନାବାଳିକା ମାନେ ଏହି କୁପ୍ରଥାର ଶିକାର ହେଉଛନ୍ତି ।

ମୁସଲମାନ ସମ୍ପ୍ରଦାୟର ଲୋକ ମାନେ ସାରିଆତ ନିୟମ ଅନୁସାରେ ନିଜର ବିବାହ ଏବଂ ବିବାହ ବିଚ୍ଛେଦ କରିଥାନ୍ତି । ମୁସଲମାନ ସମ୍ପ୍ରଦାୟ ରେ ବହୁବିବାହର ପ୍ରଥା ମଧ୍ୟ ରହିଛି । ୧୯୭୮ରେ ଜଣେ ୬୨ ବର୍ଷିୟ ମୁସଲମାନ ମହିଳା ସାହାବାନୁ, ଗୋଟିଏ ପିଟିସନ କୋର୍ଟରେ ଦାଖଲ କରିଥିଲେ । ସେଥିରେ ସିଏ ତଲାକ ଦେଇଥିବା ସ୍ୱାମୀଙ୍କଠାରୁ ମେଣ୍ଟେନେଂସ ଦାବି କରିଥିଲେ । ଶାହାବାନୁଙ୍କ ସ୍ୱାମୀ ମହମ୍ମଦ ଅହମଦ ଖାନ ଶାହାବାନୁଙ୍କୁ ତଲାକ ଦେଇଥିଲେ ଓ ଅନ୍ୟ ଜଣଙ୍କୁ ବିବାହ କରିଥିଲେ । ଶାହାବାନୁଙ୍କ ସ୍ୱାମୀ ମୁସଲମାନ ପରସନାଲ ଲ’ର ଦ୍ୱାହୀ ଦେଇ ମେଣ୍ଟେନେଂସ ନ ଦେବା ଯାଇଁ ଯୁକ୍ତି କରିଥିଲେ । ସେହିସମୟରେ ସୁପ୍ରିମ କୋର୍ଟର ମୁଖ୍ୟନ୍ୟାୟଧୀଶ ଶାହାବାନୁଙ୍କ ସପକ୍ଷରେ ରାୟ ଦେଇଥିଲେ । ଏବଂ ଶାହାବାନୁଙ୍କ କେସକୁ ମୁସଲମାନ ମହିଳାଙ୍କର ଅଧିକାରକୁ ନେଇ ସଂଘର୍ଷ କରିବାର ଏକ ମାଇଲଖୁଣ୍ଟ ବୋଲି କୁହାଯାଏ ।

ସୁପ୍ରିମ କୋର୍ଟର ଶୁଣାଣି ପରେ ସେ ସମୟର ପ୍ରଧାନମନ୍ତ୍ରୀ ରାଜୀବ ଗାନ୍ଧୀ ମୁସଲମାନ ଭୋଟ ବ୍ୟାଙ୍କକୁ ଆଖି ଆଗରେ ରଖି ‘ମୁସଲିମ ଉମେନ ପ୍ରୋଟେକସନ ଏକ୍ଟ’ ପାଶ କରିଥିଲେ ଏବଂ ଏହା ଶାହାବାନୁ କେଶକୁ ପୁଣି ଓଲୋଟାଇ ଦେଇଥିଲା । ଏଥିପାଇଁ କଂଗ୍ରେସ ସରକାରକୁ ମଧ୍ୟ ସମାଲୋଚନା କରା ଯାଇଥିଲା ।

ଭାରତରେ ମୁସଲମାନ ଧର୍ମ ଅବଲମ୍ବୀ ମାନଙ୍କ ପାଇଁ ତିନି ତଲାକର ପ୍ରାବଧାନ ମଧ୍ୟ ଥିଲା । ଏହା ଦ୍ୱାରା ମୁସଲମାନ ପୁରୁଷ ମାନେ ତିନି ଥର ତଲାକକୁ ଉଚ୍ଚାରଣ କରି ନିଜ ସ୍ତ୍ରୀକୁ ତ୍ୟାଗ କରିଦେଉଥିଲେ । ବର୍ତ୍ତମାନ ଏହା ଉପରେ କାନୁନର ଚାବୁକ ବାଜିଛି । ମୁସଲମାନ ମହିଳାଙ୍କ ପାଇଁ ଏହା ଗୋଟିଏ ବଡ ଉପଲବ୍ଧି ।

ଆମର ସାମାଜିକ ଜୀବନ ଓ ବ୍ୟକ୍ତିଗତ ଜୀବନ ସୁଖ ଓ ସମୃଦ୍ଧି ଦେଇ ଗତି କରୁ ସେଥିପାଇଁ ଦେଶର କାନୁନ ତିଆରି ହେବା କଥା । ଏହାର ସମୟ ସମୟରେ ପରିବର୍ତ୍ତନ ମଧ୍ୟ ଦରକାର। ସମୟ ବଦଳିବା ସହିତ ସାମାଜିକ ଜୀବନ ପ୍ରଣାଳୀ ମଧ୍ୟ ବଦଳୁଚି ତେଣୁ ଏସବୁକୁ ଆଖି ଆଗରେ ରଖି ଦେଶର କାନୁନ ତିଆରି ହେଉ ।


ବ୍ରହ୍ମପୁର
ଖୋଡ଼ାସିଙ୍ଗ କଳିଙ୍ଗନଗର,
ମୋ: ୭୨୦୫୧୦୦୮୩୯


# ବନ ମହୋତ୍ସବ



## ବିଶ୍ୱବିଜୟୀ ଦାଶ

ଜୁଲାଇ ମାସର ପ୍ରଥମ ସପ୍ତାହ ଅର୍ଥାତ୍ ଜୁଲାଇ ୧ ତାରିଖଠାରୁ ୭ ତାରିଖ ପର୍ଯ୍ୟନ୍ତ ଆରମ୍ଭ ହେଉଛି ବନମହୋତ୍ସବ ସପ୍ତାହ। ୧୯୫୦ ମସିହା ଠାରୁ ପ୍ରତିବର୍ଷ ଜୁଲାଇ ପହିଲାରୁ ସପ୍ତାହ ବ୍ୟାପୀ ‘ବନମହୋତ୍ସବ’ ପାଳନ ହୋଇ ଆସୁଅଛି। ମାନବ କଲ୍ୟାଣ ବ୍ରତର ଧାରକ ଓ ବାହକ ସ୍ୱରୂପ ଏହି ବନ ମହୋତ୍ସବ ସ୍ୱାଧୀନ ଭାରତରେ ଏକ ଜାତୀୟ ଉତ୍ସବ ରୂପେ ପରିଗଣିତ।

ଶ୍ୟାମଳ ବନଶ୍ରୀରେ ସୁମଣ୍ଡିତା ପ୍ରକୃତିର ପ୍ରିୟ ଭୂମି ଭାରତବର୍ଷ ତା’ର ରମ୍ୟ କୋଳରେ ବହୁ ଜଗତପ୍ରସିଦ୍ଧ ଯୋଗୀ, ଋଷି, ତ୍ୟାଗୀ ଏବଂ ବୀର ସନ୍ତାନମାନଙ୍କୁ ପାଳନ କରି ବିଶ୍ୱବନ୍ଦ୍ୟା ହୋଇପାରିଛି। ଅରଣ୍ୟ ସଭ୍ୟତାର ପ୍ରତିଭୂ ଏହି ସୁମହାନ ଭାରତ ଭୂମିର ଆଧାତ୍ମିକ ଚିନ୍ତା ଅତୀତରେ ସମଗ୍ର ବିଶ୍ୱକୁ ଚମତ୍କୃତ କରିଥିଲା। ଆଜି କିନ୍ତୁ କେତେକ ଆଦୈବିକ କାରଣବଶତଃ ବଣ, ଜଙ୍ଗଲ ଛୁଟିଛି ବିଲୁପ୍ତିର ପଥେ।ପ୍ରକୃତିର ସ୍ନିଗ୍ଧ ଶ୍ୟାମଳ ଶୋଭାକୁ ଧ୍ୱସ୍ତବିଧ୍ୱସ୍ତ କରି ଓ ରୁକ୍ଷ କଠୋର ରସନା ବିସ୍ତୃତ କରି ମରୁ-ଅଜଗର ଜାଗି ଉଠିଛି ସଭ୍ୟତାର ପ୍ରାଣନାଶ କରିବାକୁ। ଜଙ୍ଗଲରୁ ବୃକ୍ଷ କଟା ହେବା ଦ୍ୱାରା ଋତୁ ବିପର୍ଯ୍ୟୟ, ବୃଷ୍ଟିହୀନତା ଆଦି ଦେଖାଦେଉଛି। ପ୍ରକୃତିର ଅମୂଲ୍ୟ ଭୂଷଣ ହରିତ ବୃକ୍ଷରାଜିର ଉପଯୋଗିତାକୁ ଅସ୍ୱୀକାର କରିବା ମାନବ ପକ୍ଷରେ ସହଜ ନୁହେଁ। ଏହି ବୃକ୍ଷ ନିଷ୍ଠୁର ନିଦାଘର ପ୍ରଚଣ୍ଡ ପୀଡ଼ନରୁ ପଶୁ, ପକ୍ଷୀ, ପଥକ ଓ ନିରାଶ୍ରୟ ବ୍ୟକ୍ତିମାନଙ୍କୁ ରକ୍ଷା କରି ସନ୍ତୋଷ ପ୍ରଦାନ କରେ । ଆମର ଦୈନନ୍ଦିନ ପ୍ରୟୋଜନୀୟ ଇନ୍ଧନ, ଗୃହସଜା ଓ ଗୃହ ନିର୍ମାଣର ଉପକରଣ, ପଶୁର ଖାଦ୍ୟ, ନାନା ଜାତିର ସୁମିଷ୍ଟ ଫଳ, ଔଷଧ, ରଙ୍ଗ ଇତ୍ୟାଦି ମିଳିଥାଏ ଅରଣ୍ୟରୁ । ଏହା ବ୍ୟତୀତ କେନ୍ଦୁପତ୍ର, ଲାଖ, ସବାଇଘାସ, ସୁନାରୀଛେଲି, କୋଚିଲାଫଳ, ହରିଡ଼ା, ବାହାଡ଼ା, ମହୁଲ, ବେତ, ଶାଳମଞ୍ଜି ଇତ୍ୟାଦି ମୂଲ୍ୟବାନ ବଣ୍ୟସମ୍ପଦ ରାଷ୍ଟ୍ରର ଏକ ଜାତୀୟ ସମ୍ପଦ। ଅର୍ଥନୈତିକ ଦୃଷ୍ଟିକୋଣରୁ ଅରଣ୍ୟର ମୂଲ୍ୟ ଯଥେଷ୍ଟ ଅଧିକ। ବାୟୁ ପ୍ରବାହକୁ ଏହା କରେ ବିଶୁଦ୍ଧ ଓ ଶୀତଳ । ତା’ର ଶ୍ୟାମଳଶ୍ରୀ ମନୁଷ୍ୟର କାମନାରେ ଦିଏ ମୁକ୍ତି, ପୁଣି ତାକୁ ପ୍ରଦାନ କରେ ସୁଧ ଓ ଶୀତଳ ଛାୟା। ଅରଣ୍ୟ ଦେଶର ଜଳବାୟୁ ଓ ବୃଷ୍ଟିପାତକୁ ନିୟନ୍ତ୍ରଣ କରେ । ପାର୍ବତ୍ୟ ଅଞ୍ଚଳରେ ବଡ଼ ବଡ଼ ବୃକ୍ଷଗୁଡ଼ିକ ମୃତ୍ତିକାର ସଂହତି ରକ୍ଷା କରି ଓ ବର୍ଷାର ଜଳୋଚ୍ଛାସକୁ ସଂଯତ କରି ଦେଶକୁ ଭୟଙ୍କର ଜଳପ୍ଲାବନରୁ ରକ୍ଷା କରନ୍ତି। ଜମିର ଉର୍ବରତା ରକ୍ଷା, ଭୂଗର୍ଭର ଜଳ ସ୍ତରକୁ ଅଧିକ ନିମ୍ନଗାମୀ ନ କରିବା ଇତ୍ୟାଦିରେ ବୃକ୍ଷରାଜିର ଅବଦାନ କିଛି ନ୍ୟୁନ ନୁହେଁ । ବାସ୍ତବରେ ବନସ୍ପତିର ଉପଯୋଗିତା ମାନସିକ, ସାଂସ୍କୃତିକ, ଅର୍ଥନୈତିକ ଓ ପ୍ରାକୃତିକ ସକଳ ଦିଗରୁ ମାନବ ପକ୍ଷେ ଅବର୍ଣ୍ଣନୀୟ। ବୃକ୍ଷଛେଦନ ଫଳରେ କେବଳ ପ୍ରକୃତିର ସୁନ୍ଦର ପରିବେଶ କ୍ଷୟ ହେଉନାହିଁ, ତତ୍ ସହିତ ମୃତ୍ତିକା କ୍ଷୟ, ବାୟୁ ମଣ୍ଡଳର ଉତ୍ତାପ ବୃଦ୍ଧି, ପାଣିପାଗର ବ୍ୟତିକ୍ରମ, ବନ୍ୟା, ବାତ୍ୟା ଓ ମରୁଡ଼ି ଭଳି ପ୍ରାକୃତିକ ବିପ୍ତ ଇତ୍ୟାଦି ଦୁର୍ଘଟଣାମାନ ଘଟୁଛି। ଏହି ଦୁର୍ବିପାକରୁ ମାନବ ସମାଜକୁ ସୁରକ୍ଷିତ କରିବାର ଲକ୍ଷ୍ୟ ନେଇ ବନ ମହୋତ୍ସବ ସପ୍ତାହ ପାଳନ ହେଉଛି। ଆମ ପୂର୍ବଜମାନେ ବୃକ୍ଷର ଉପାଦେୟତାକୁ ଉପଲବ୍ଧି କରି ବୃକ୍ଷରୋପଣ ଏକ ପୁଣ୍ୟପ୍ରଦ ମହତ କାର୍ଯ୍ୟ ବୋଲି ବିବେଚନା କରିଥିଲେ। ଆଜି ସେହି ସ୍ଲୋଗାନର ପୁନରାବୃତ୍ତି ଘଟିଛି । ବୃକ୍ଷକୁ ଏକ ମହାତ୍ମା ନାମରେ ଆଖ୍ୟାୟିତ କରାଯାଇ ବୃକ୍ଷରୋପଣକୁ ଏକ ଜାତୀୟ କାର୍ଯ୍ୟକ୍ରମର ରୂପ ଦିଆଯାଇଛି । ବର୍ତ୍ତମାନ ଅତ୍ୟଧିକ ବୃକ୍ଷରୋପଣ ଓ ବୃକ୍ଷରୋପଣ କରିବା ପାଇଁ ସଚେତନତା କରିବାର ଆବଶ୍ୟକତା ରହିଛି। ଯଦି ଆମେ ଏବେଠୁ ସତର୍କ ନରହିବା ଆଗାମୀ ଦିନ ରେ ଆମ ଉପରେ କଣ ଯେ ପ୍ରଭାବ ପଡ଼ିବ ତାହା କେହି କହିପାରିବେ ନାହିଁ। ଆମେ ବଞ୍ଚିବା ପାଇଁ ଅମ୍ଳଜାନ ନିତାନ୍ତ ଆବଶ୍ୟକ, ଅମ୍ଳଜାନ ବିନା କେହି ବଞ୍ଚିପାରିବେ ନାହିଁ, ତାହା ସମସ୍ତେ ଜାଣନ୍ତି। ଗଛରୁ ଅଧିକ ମାତ୍ରାରେ ଅମ୍ଳଜାନ ମିଳେ। ପ୍ରତି ବର୍ଷ ବର୍ଷାଋତୁର ପ୍ରାରମ୍ଭରେ ସରକାରୀ ରାସ୍ତାର ଧାରେ ଧାରେ, ପତିତ ଜମିରେ ଅସଂଖ୍ୟ ଚାରା ଗଛ ରୋପଣ କରାଯାଇଥାଏ । ପଞ୍ଚାୟତଠାରୁ ଆରମ୍ଭ କରି ସ୍କୁଲ, କଲେଜ, ବିଶ୍ୱବିଦ୍ୟାଳୟ, ପୂର୍ତ୍ତ ବିଭାଗ, ରେଳ ବିଭାଗ ଏବଂ ସରକାରୀ ବେସରକାରୀ ସମସ୍ତ ସାଧାରଣ ଅନୁଷ୍ଠାନ ଏହି ଯୋଜନା ପ୍ରତି କିପରି ସଚେତନ ହେବେ, ସେଥିପ୍ରତି ଯତ୍ନ କରାଯାଉଛି। ସର୍ବାଧିକ ପରିମାଣ ବୃକ୍ଷରୋପଣ କରିବା ଉଦ୍ୟମକୁ ଉତ୍ସାହିତ କରିବା ନିମନ୍ତେ ସରକାରଙ୍କ ତରଫରୁ ବିଭିନ୍ନ ପ୍ରକାର ପୁରସ୍କାର ବ୍ୟବସ୍ଥା କରାଯାଇଛି । ପରିବେଶ ବିଭାଗ ତରଫରୁ ‘ପ୍ରକୃତି ମିତ୍ର’, ‘ପ୍ରକୃତି ବନ୍ଧୁ’ ଓ ‘ବୃକ୍ଷମିତ୍ର’ ନାମରେ ପ୍ରତିବର୍ଷ ପୁରସ୍କାର ପ୍ରଦାନ କରାଯାଉଛି । ସରକାରଙ୍କ ତରଫରୁ ମାଗଣା ଚାରା ବଣ୍ଟନ କରାଯାଉଛି । ସାମାଜିକ ବନୀକରଣ ନାମରେ ସରକାର ଏକ ନୂତନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏହି ସାତ ଦିନ ବୃକ୍ଷରୋପଣ କରି ରହିଗଲେ ହେବ ନାହିଁ, ଚାରା ଗଛରୁ ବଡ଼ ବୃକ୍ଷ ହେବା ପର୍ଯ୍ୟନ୍ତ ଗଛର ଯତ୍ନ ନେବା ଆବଶ୍ୟକ। ତେଣୁ ଏହି ବନମହୋତ୍ସବ ସପ୍ତାହ ପାଳନ ଅବସରରେ ଆସନ୍ତୁ ଶପଥ ନେବା ପ୍ରତ୍ୟେକ ମନୁଷ୍ୟ ଗୋଟିଏ ଗଛ ଲଗାଇବା ଏବଂ ସେହି ଗଛର ସମସ୍ତ ଯତ୍ନ ନେଇ ତାକୁ ଏକ ବଡ଼ ବୃକ୍ଷରେ ପରିଣତ କରିବା।


ବି.ଏସସି,ବି.ଇଡ଼ି (ସ୍ୱତନ୍ତ୍ର ଶିକ୍ଷା)
ଗମ୍ଭାରିମୁଣ୍ଡା, ବାଣପୁର, ଖୋର୍ଦ୍ଧା
ପିନ୍- ୭୫୨୦୩୫
ମୋ: ୬୩୭୦୨୦୮୪୨୮





## ଚାରାଟିଏ ପୋତି ଦିଅ

### ଜଗଦୀଶ ସାହୁ

ଗଛଟିଏ ତୁମେ କାଟିବା ଆଗରୁ
ଥରୁଟେ ବିଚାର କର
କେତେ ଉପକାର କରେ ସେ ଆମର
ମନେ ଭାବି ଆପଣାର !

ନିଜ ଖାଦ୍ୟ ନିଜେ ପ୍ରସ୍ତୁତ କରେ ସେ
ମାଟି ତଳୁ ପାଣି ପିଏ
ଫୁଲ ଫଳ ତାର ମାନବ ହିତରେ
ସଦା ବ୍ୟବହାର ହୁଏ !

ଅମ୍ଳଜାନ ସିଏ ଦାନ କରିଥାଏ
ଜଗତ କଲ୍ୟାଣ ପାଇଁ
ତା ପାଇଁ ବରଷା ହୁଏ ଜଗତରେ
ଏ କଥାକି ଜଣା ନାହିଁ !

ନାନା ଜାତି ପକ୍ଷୀ ବସା ବାନ୍ଧି ଥାନ୍ତି
ଗଛକୁ ଭରଷା କରି
ଆମ ଏ ଧରଣୀ ସୁନ୍ଦର ଦିଶଇ
ସବୁଜିମା ଥିଲେ ପୁରି !

ବାଟର ବାଟୋଇ ଦେଖି ଗଛଛାଇ
ଗାମୁଛାଟି ପାରି ଦେଇ
ଥକକ୍କା ପଣ ତାର ହୋଇଯାଏ ଦୂର
ଅଚିନ୍ତାରେ ପଡ଼େ ଶୋଇ !

ଗଛ ଉପକାର କାଳିଆ ଠାକୁର
ବୁଝି ହେଲା ଦାରୁ ଦିଅଁ
ଖୋଲା ଜାଗା ଦେଖି ବରଷା
ଦିନରେ
ଚାରାଟିଏ ପୋତିଦିଅ !


+ ସଂଜପଡା, ହିନ୍ଦୋଳ
ଢେଙ୍କାନାଳ,୭୫୯୧୨୮
ମୋ :-୯୦୭୮୧୮୫୬୧୬


## ଫଳ ତ ଫଳିବ

### କୁନା ସେଠୀ



ଗଛ ଲଗାଇଛ ଫଳ ତ ଫଳିବ
ଏଥିରେ ଦ୍ୱିମତ ନାହିଁ
ସେହି ଫଳ ଯଦି ସେବାରେ ନ
ଲାଗେ
ପୂଣ୍ୟ ଅରଯିବ କାହିଁ ।

କର୍ମ ଫଳ ମଧ ନିଶ୍ଚୟ ଫଳିବ
ଏ ମହୀ ମଣ୍ଡଳେ ଭାଇ
ଧର୍ମ ବଳ ଯଦି ରହିବ ସାଥିରେ
ଫଳ ଯିବ ସୁନା ହୋଇ ।

ଠକାମୀର ଫଳ ଫଳିବ ଜୀବନେ
ଫୁଟିବ ସେ ଠୋ ହୋଇ
ଭଣ୍ଡାମିର ଫଳ ଭଣ୍ଡିବ ତୁମକୁ
ମିଛ ସତ କହି କହି ।

ବିରାଡ଼ି ବୈଷ୍ଣବ ଫଳ ବି ଭୋଗିବ
ଗୁଣ୍ଡାମି ହାରାମି ସାଥେ
ଚୋର ଚାଟୁକାର ଯେତେ ସେ ପ୍ରକାର
ବସିବେ ବିଫଳ ରଥେ ।

ସମ୍ୟକ ଖୁସି ଯେ ଆଣିଦେବ ଶାନ୍ତି
ଭାବିବେ ମିଳିଲା ଫଳ
ଅଧର୍ମ ର ଏଇ ଲକ୍ଷଣ ବାବୁରେ
ଶେଷେ ଖୁଆଇବ ମଳ ।

ବଳ ଖୋଜି ଖୋଜି ବେଳ ସରିଯିବ
ନ ହେବ କିଏ ଯେ ସାହା
ଫଳ ଯେ ଫଳିବ ଖଟା ଅବା ମିଠା
ନ ମିଳିବ ଜମା ରାହା ।

ଈଶ୍ୱର ପ୍ରଦତ୍ତ ମଣିଷ ଗଛରେ
ଧର୍ମ ଫଳ ଆଶା ଅଛି
ଅଧର୍ମ କର୍ମ ରେ ବୃକ୍ଷ ରୋପିଥିଲେ
ଅଧର୍ମ ନେବ ଯେ ବାଛି ।

ପ୍ରାରବ୍ଧ ବଳରେ ତରି ଗଲେତୁମେ
ସନ୍ତାନ ଭୋଗିବ ଫଳ
ଅଧର୍ମ କର୍ମ କୁ ଅଧର୍ମ ଫଳରେ
ଉପୁଡି ଯିବ ଯେ ମୂଳ ।

ଧରମ ସାଥିରେ ଧରମେ ରହିଲେ
ଧରମ ଦେବ ଯେ ବଳ
ଧରମ ଦାଣ୍ଡରେ ଧର୍ମେ ଚାଲୁଥିବୁ
ଧରମ ସାରିବ ଖେଳ ।

ଖୁସିରେ ଶାନ୍ତିରେ ସରିଯିବ ବାବୁ
ଦୁନିଆରେ ବେଳ କାଳ
ଅଖା ଧୋଉଥିବୁ ଗୁଣଗାଉଥିବୁ
ଧରମ କରିଣ ଠୁଳ ।


+ ଭୁତସରସିଙ୍ଗି, ପୁରୁଷୋତ୍ତମପୁର,
ଗଞ୍ଜାମ




## ସତ୍ୟମେବ ଜୟତେ...

### ରାମଚନ୍ଦ୍ର ବେହେରା



ମହାଭାରତର ଯୁଦ୍ଧର ମଝିରେ
ପାର୍ଥ ପଚାରନ୍ତି ସଖା
କେମିତି ବଧିବି ଜ୍ଞାତି କୁଟୁମ୍ବଂକୁ
ହେଉ ନାହିଁ ମୋତେ ଦେଖା ।

କୃଷ୍ଣ କହୁଛନ୍ତି ଶୁଣ ଆହେ ସଖା
ଆତ୍ମା କେବେ ମରେ ନାହିଁ
ଧର୍ମ ରକ୍ଷା ତୁମ ପରମ କର୍ତ୍ତବ୍ୟ
ଅନ୍ୟ ଚିନ୍ତା କରନାହିଁ ।

ଯାହା ବି ଘଟିଛି ଯାହା ଘଟୁଅଛି
ଆଗକୁ ଘଟିବ ଯାହା
ସେ ସବୁ ଅଟଇ ବିଧିର ନିର୍ଘଣ୍ଟ
ଘୃଣ୍ୟ ପାଇବନି ରାହା।

ଯୁଗେ ଯୁଗେ ମିଳେ ଧର୍ମର ବିଜୟ
ଅଧର୍ମର ପରାଜୟ
ବିଶ୍ୱାସକୁ ରଖି ମନ ଗହିରରେ
କର ନିଜର କର୍ତ୍ତବ୍ୟ ।

ସତ୍ୟକର୍ମ କରି ସତ୍ୟ ଚିନ୍ତନରେ
ବୁଡ଼ିବନି ଧର୍ମ ଭେଳା
ସମାଧାନ ରାସ୍ତା ଆପେ ଦେଖାଦେବ
କର ନାହିଁ ଅବହେଳା ।

କ୍ରୋଧ ଅଟେ ଅଗ୍ନି ଜାଳି ପୋଡି ଦିଏ
ବୁଦ୍ଧି କରିଦିଏ ଭ୍ରମ
ଏହି କ୍ରୋଧ ଯୋଗୁଁ ଯଦୁକୂଳ ଧ୍ୱଂସ
ହୋଇବ ନିଶ୍ଚୟ ଜାଣ।

ଛୋଟ ନୁହେଁ କର୍ମ ଏ ପୁଣ୍ୟ ଜଗତେ
ଭାବନା ତାହାକୁ ନିଚ୍ଛ
ଯୁଗେ ଯୁଗେ ଜୟ ସତ୍ୟର ସାଧକ
ଏ ଅଟେ କୃଷ୍ଣ ଉବାଚ ।


+ ତେନ୍ତୁଳିପଦା, ଜଗତସିଂହପୁର
ମୋ: ୭୩୫୫୬୩୪୩୪୬

# ଅଦୃଶ୍ୟ ଡୋରି



**ଶକ୍ତିପ୍ରଦା ମହାପାତ୍ର**



ସତୁରୀ ବର୍ଷର ରିକ୍ସା ବାଲା ମଉସା । ନାଁ ତାଙ୍କର ମାଗୁଣି ନାଏକ । ଏମିତି ତ କେତେ ଆଡେ କେତେ ଲୋକଙ୍କୁ ନିଅନ୍ତି କିନ୍ତୁ ଯଦି କେବେ କେହି ତାଙ୍କ ରିକ୍ସାରେ ବସନ୍ତି ଜଗାର ଦର୍ଶନ ପାଇଁ, ଶୁଣି ଦେଲା ମାତ୍ରକେ ଦେହ ଭିତରଟା କଣ ତାଙ୍କର ହୋଇଯାଏ ଯେମିତି ! ଆଖିରୁ ଧାର ଧାର ଲୁହ ବୋହିପଡ଼େ, ହାତ ଦି'ଟା ଆପେ ଆପେ ଯୋଡ଼ି ହୋଇଯାଏ । ଗାରାଖଙ୍କୁ ତାଙ୍କର ଗନ୍ତବ୍ୟ ସ୍ଥଳକୁ ଛାଡ଼ି ଦେବା ପାଇଁ ପାଦ ଦିଇଟା ଜୋର ଜୋର ପେଡାଲ ମାରିବାକୁ ରେଡ଼ି ହୋଇଯାଏ ମାଗୁଣି ମଉସାଙ୍କର !

ଏମିତି ମନ କଥା ମନରେ କାଳିଆ ସୁନାଙ୍କୁ ଜଣାଇ ଚୁପ ହୋଇଯାନ୍ତି ସେ। ଛାତିରେ କିନ୍ତୁ ତାଙ୍କର ଜନ୍ମରୁ କାଳିଆକୁ ଦେଖି ନ ପାରିବାର ପ୍ରବଳ ଦୁଃଖ କଷ୍ଟ ଯନ୍ତ୍ରଣା ଅଭିମାନ ସବୁ ଠୁଳ ହୋଇ ରହିଥାଏ।

ମନକୁ ମନ କହୁଥାନ୍ତି ଯାହା, 'ଆଜିକୁ ଆସି ସତୁରୀ ବର୍ଷ ବୟସ ହେଲା ମହାପ୍ରଭୁ ! ରିକ୍ସା ଟାଣି ଟାଣି ଅଣ୍ଟା ବଙ୍କା ହୋଇଗଲାଣି, ଦେହରୁ ସବୁ ଶକ୍ତି ସରି ସରି ଗଲାଣି, ଆଖିକୁ ଆଉ ଭଲ ରେ କିଛି ଦିଶୁନି ମହାପ୍ରଭୁ ! କିନ୍ତୁ ତୋ ଚକା ମୁହଁ ଟି ଆଉ ଚକା ଚକା ଆଖି ଦିଓଟିକୁ ଥରୁଟିଏ ଦେଖିବାର ଅଭିଳାଷ ମୋର ଆଉ ଏ ଜନମରେ ଆଉ ପୁରା ହେଲା ଭଳି ଲାଗୁନି ମହାପ୍ରଭୁ! ଏ ଦୁନିଆରେ ମୋର ବୋଲି ଆଉ ତ କେହି ନାହାନ୍ତି ତୋତେ ଥରେ ଆଖି ପୁରେଇ ଦେଖିବାର ଲୋଭରେ ଖାଲି ଜିଁ ରହିଛି ଯାହା। ହେଲେ ଏବେ ସବୁ ଆଶା ମଉଳି ସାରିଲାଣି, ତେଣିକି ତୋ ଇଚ୍ଛାରେ କାଳିଆ ! ମାଆ ବାପା ନାଁ ଦେଇଥିଲେ ମାଗୁଣି । ସେମାନେ ବି ଅବେଳରେ ଛାଡି ଚାଲିଯାଇଥିଲେ ଏତେ ବଡ ଦୁନିଆରେ ଏକା କରି ମୋତେ । ପେଟ ଚାଖଣ୍ଡକ ପାଇଁ ପର ଘରେ ବୋଲହାକ କରି ମାଡ଼ ଗାଳି ଖାଇ ବଡ଼ ହେଲି । ବଡ଼ ହୋଇ ଭଡ଼ାରେ ରିକ୍ସା ଟାଣି ଚଳିଲି । ଏତେ ଅଭାବରେ ବି ତୋତେ ଦିନେ କେବେ କିଛି ମାଗିନି। ଜୀଇଁ ଥାଉ ଥାଉ ତୋତେ ନଦେଖିଲେ ନାଇଁ ପଛେରେ କାଳିଆ, ଏଥର ହେଲେ ତୋ ପାଖକୁ ନେଇ ଯାଆ !! ଆଉ ବି ରିକ୍ସା ଟାଣିବାକୁ ବଳ ପାଉନି।'

ଏମିତି କହି ଥକ୍କା ହୋଇ ଫୁଥପାଥ ଉପରେ ବସି ବସି କିଛି ସମୟ ପାଇଁ ଶୋଇ ପଡିଥିଲେ ମାଗୁଣି ମଉସା । ଛାଇ ନିଦ ଟିକିଏ ଲାଗିଛି କି ନାହିଁ କେହି ଜଣେ ମଉସା ଏ ମଉସା କହି ଡାକିବାର ଶବ୍ଦ କାନରେ ବାଜିଲା ତାଙ୍କର, ହଠାତ ଶୋଇବା ଜାଗାରୁ ଉଠି ବସିଲେ ସେ । ଉଠି ଦେଖନ୍ତି ତ ଶ୍ୟାମଳ ବର୍ଣ୍ଣର ଯୁବକ ଜଣେ ତାଙ୍କ ପାଖରେ ଠିଆ ହୋଇଛନ୍ତି । ସ୍ମିତହାସ୍ୟ ଓଠରେ ଲାଗି ରହିଛି, ଶରୀରରୁ ଅମାପ ଶୋଭାକାନ୍ତି ଝଟକୁଥାଏ ! ମାଗୁଣି ମଉସା ଦେଖି ଆଶ୍ଚର୍ଯ୍ୟ ହୋଇ ପିଲାଟି ଆଡ଼କୁ ଚାହିଁ ରହିଲେ ! ପିଲାଟି ହସି ହସି କହିଲା, 'କଣ ମଉସା ମୋତେ ଚିହ୍ନି ପାରୁ ନାହାଁନ୍ତି ? ମୁଁ ପରା କାହ୍ନୁ । ଏଇ ବାଟରେ ପ୍ରତିଦିନ ସ୍କୁଲକୁ ଯାଉଥିଲି । କେତେ ଥର ମୋ ସାଇକେଲରୁ ଚେନ ଖସିଗଲେ କି ସାଇକେଲ ଖରାପ ହୋଇ ଗଲେ ଆପଣ ମୋତେ ଆପଣ ରିକ୍ସାରେ ବସେଇ ସ୍କୁଲରେ ଛାଡ଼ି ଦେଇ ଆସିଛନ୍ତି । ଏଥର ମନେପଡ଼ିଲା ମଉସା ? ମୁଁ ଏବେ ଚାକିରୀ କଲିଣି । ବାହାରେ ଥିଲି ଆଜି ଫେରିଲି । ବହୁତ ଚେଷ୍ଟା କରିଥିଲି କାଳିଆର ରଥ ଯାତ୍ରା ଦେଖିବି ବୋଲି ଟିକଟ ହେଲାନି । କାଳିଆର ତ ନିଇତି ଯାତ ଲାଗିଛି । ଏବେ କାଳିଆ ତାର ମନ୍ଦିରକୁ ବାହୁଡ଼ିବ ତେଣୁ .....

ଏବାଟ ଦେଇ ଯାଉଥିଲି, ଆପଣଙ୍କ କଥା ମନେ ପଡିଗଲା ! ଭାବିଲି ଆପଣଙ୍କୁ ଭେଟିଦେଇ ଯିବି । ମୁଁ ଜାଣିଛି ଆପଣ କାଳିଆକୁ ଦେଖିବେ ବୋଲି ଖୁବ୍ ବ୍ୟାକୁଳ । ଚାଲନ୍ତୁ ତା'ରି ପାଖକୁ ଆଜି ଯିବା ....

ମାଗୁଣି ମଉସା ପିଲାଟି ମୁହଁକୁ ଚାହିଁ ରହିଥିଲେ ଆଉ ତାଙ୍କ ଆଖିରୁ ଧାର ଧାର ଲୁହ ବୋହି ଯାଉଥିଲା .....ସତେକି ପିଲାଟି ସ୍ପର୍ଶରେ କି କୁହୁକ ଥିଲା, ଜୀବନର ସବୁ ଦୁଃଖ କଷ୍ଟ ଯନ୍ତ୍ରଣା ଯେମିତି ଆସ୍ତେ ଆସ୍ତେ ଅପସରି ଯାଉଥିଲା ତାରି ମୁହଁରେ ମାଗୁଣି ମଉସା ତାଙ୍କ କାଳିଆର ସେ ଦିବ୍ୟ ସୁନ୍ଦର ମୁହଁକୁ ସ୍ପଷ୍ଟ ଦେଖି ପାରୁଥିଲେ ...!!


+ଜି/୨,ରାଜାବଗିଚା ଲେବର କଲୋନୀ, କଟକ-୯





II ଭାଗ-୧୦ II



(ଏହି ଉପନ୍ୟାସଟି ଶ୍ରୀମଦ୍ ଭାଗବତ ଉପରେ ଆଧାରିତ)

ସ୍ୱୟଂଭୂ ବ୍ରହ୍ମା ଅଦିତିଙ୍କଠାରୁ ସୃଷ୍ଟି ହୋଇଥିବା ଦଶଟି ସୂର୍ଯ୍ୟ, ଅନ୍ୟ ମତରେ ଦ୍ୱାଦଶଟି ସୂର୍ଯ୍ୟଙ୍କୁ ପୃଥିବୀରେ ଦ୍ୱାଦଶଟି ମାସ ଅନୁସାରେ ସେମାନଙ୍କର କ୍ରୀୟାତ୍ମକ ଗୁଣର ଆଧାରରେ ଅବସ୍ଥାପିତ କରାଇଲେ ଏବଂ ଦ୍ୱାଦଶଟି ନାମରେ ନାମିତ କଲେ। ସେଥିମଧ୍ୟରୁ କର୍କଟ କ୍ରାନ୍ତି ଓ ମକର କ୍ରାନ୍ତି ମଧ୍ୟରେ ଅବସ୍ଥାପିତ ବିଷୁବ ବୃତ୍ତ ବା ଭୂମଧ୍ୟ ରେଖା ଉପରେ ସ୍ଥିତ ଚୈତ୍ର ମାସର ସୂର୍ଯ୍ୟଙ୍କୁ ସେ ଅର୍ଯ୍ୟମା ନାମରେ ନାମିତ କରିଥିଲେ। ଭାଗବତ ଅନୁସାରେ ଅର୍ଯ୍ୟମା ଭଗବାନ ବିଷ୍ଣୁଙ୍କର ବାମ ପାର୍ଶ୍ୱରେ ବା ପୂର୍ବର ବାମ ଦକ୍ଷିଣ ଦିଗରେ ଅବସ୍ଥିତ ଥିଲେ। ବର୍ତ୍ତମାନର ଏହି ଆଫ୍ରିକା ମହାଦେଶ ସେତେବେଳେ ଶାକ ଦ୍ୱିପ ନାମରେ ବିଦିତ ଥିଲା। ଏହା ନିକଟରେ ଇକ୍ଷୁ ସମୁଦ୍ର ବା ଲୋହିତ ସାଗର ଓ ସୁରା ସାଗର ବା କୃଷ୍ଣ ସାଗର ଥିଲା। ଏହିଠାରେ ହିଁ ଆର୍ଯ୍ୟ ମାନଙ୍କର ପୂର୍ବ ପୁରୁଷ ନୃବାନର୍ ମାନଙ୍କର ସୃଷ୍ଟିହୋଇଥିଲା। ଗୀତାରେ ଭଗବାନ ଶ୍ରୀକୃଷ୍ଣଙ୍କୁ ପିତୃ ପୁରୁଷ ମାନଙ୍କ ମଧ୍ୟରେ ଅର୍ଯ୍ୟମା ବୋଲି ଲେଖା ଯାଇଅଛି। ମୃତ୍ୟୁ ପରେ ମଧ୍ୟ ପିତୃ ପୁରୁଷ ମାନେ ଏହି ଦକ୍ଷିଣ ଦିଗରେ ସ୍ଥାନିତ ହୁଅନ୍ତି ବୋଲି ସନାତନୀ ମାନେ ବିଶ୍ୱାସ କରନ୍ତି। ଏହି ଅର୍ଯ୍ୟ ମା ଶବ୍ଦରୁ ହିଁ ଆର୍ଯ୍ୟ ଶବ୍ଦର ସୃଷ୍ଟି ବୋଲି ମୋର ବ୍ୟକ୍ତିଗତ ମାତ। ଏଥିରୁ ଆର୍ଯ୍ୟମାନେ ଯେ କେତେ ଜ୍ଞାନୀ ଥିଲେ, ତାହା ସହଜରେ ଅନୁମାନ କରିହୁଏ। ଅଦିତିଙ୍କର ଅନ୍ୟଉମ ସନ୍ତାନ ବିବସ୍ୱାନ ସୂର୍ଯ୍ୟ ବା ଆଦିତ୍ୟ ଥିଲେ। ସମ୍ଭବତଃ ସେ ଭାରତ ବର୍ଷରେ ମସ୍ତକ ଉପରେ କଳ୍ପିତ ସୂର୍ଯ୍ୟ ଥିଲେ। ଏମାନଙ୍କ ମଧ ରେ ବିଷୁ ବୃତ୍ତ ଉପରେ ବୋଧହୁ ଅର୍ଯ୍ୟଥି ଅର୍ଯ୍ୟମା.............. ।

ସେ ପୃଥିବୀର ସବୁଠାରୁ ନିକଟବର୍ତ୍ତୀ, ଉତ୍ତପ୍ତ, ପ୍ରଖର ତାପ ପ୍ରଦାନ କାରୀ ଏବଂ ତେଜସ୍ୱୀ ଥିଲେ। ତାଙ୍କ ଦ୍ୱାରା ସୃଷ୍ଟ ବୃକ୍ଷମାନେ ମଧ ଚିରହରିତ୍ ଥିଲେ। ତେଣୁ ଆର୍ଯ୍ୟ ଋଷିମାନେ ତାଙ୍କୁ ତେଜସ୍ୱୀ, ତେଜ ପ୍ରଦାନକାରୀ, ଅଗ୍ରଗାମୀ ଏବଂ ସୂର୍ଯ୍ୟଙ୍କର ବନ୍ଧୁ ନାମରେ ନାମିତ କରିଥିଲେ।

କ୍ରମେ ସମଗ୍ର ଶୂନ୍ୟ ମଣ୍ଡଳ ଅସଂଖ୍ୟ ଗ୍ରହ,ନକ୍ଷତ୍ର, ଉଲ୍କା , ଧୂମ କେତୁ, ଛାୟା ପଥ ଆଦିରେ ପରିପୂର୍ଣ୍ଣ ହେଲା। କ୍ରମଶଃ ଧ୍ରୁ ଚକ୍ର, ଶିଶୁମାର ଚକ୍ର, କାଳ ନେମି ଚକ୍ର ଆଦି ପ୍ରକାଶିତ ହେଲା। କୃଶାଶ୍ୱ ପ୍ରଜାପତିଙ୍କଠାରୁ ଧୂମକେତୁ, ପୁଲମାଠାରୁ ଯାମୀ ବା ବଡ଼ବା ଏବଂ ବଡ଼ବାଙ୍କ ଠାରୁ ଅଶ୍ୱିନୀ କୁମାର ସୃଷ୍ଟି ହେଲେ। ଏହି ମିଳନ, ଆକର୍ଷଣ, ବିକର୍ଷଣ ,ବିସ୍ପୋରଣ ଓ ସୃଷ୍ଟି ପ୍ରକ୍ରିୟା ନିରନ୍ତର ଲାଗି ରହିବାରୁ ମହାକାଶ ଭୟଙ୍କର ଦେଖାଗଲା। ଏକାଦଶ ରୁଦ୍ର ଯଥା ରୈବତ, ଅଜ, ଭବ, ବୃଷା, କପି, ଉଗ୍ର, ଅନୈକ ପାଦ, ଅହି, ବ୍ରଧଣ୍ଡ, ମହାନ,ବହୁରୂପ ଏବଂ ରୁଦ୍ରାଣୀ, ସର୍ପା, ଇଳାମ୍ବିକା, ଇରାବତୀ, ସ୍ୱଧା, ଦୀକ୍ଷା, ଧୀଧୃତି ଓ ରସଲୋମା ସୃଷ୍ଟି ହେଲେ।

ଏହା ପରେ ଏହି ମହାଶୂନ୍ୟ ମଧ୍ୟରେ ସମୟ ଯଥା ଅଣୁ, ପରମାଣୁ, ନିମିଷ,ଦଣ୍ଡ,ମୁହୂର୍ତ୍ତ, କ୍ଷଣ, ଅହୋରାତ୍ର, ପକ୍ଷ,ମାସ ଓ ସମ୍ବତ୍ସର ଆଦି ସୃଷ୍ଟି ହେଲେ । ପୁଣି ଓଁକାରରୁ ଗାୟତ୍ରୀ , ଉଷ୍ଣୀକ, ତ୍ରିଷ୍ଟୁକ, ଅନୁଷ୍ଟୁପ, ବୃହତୀ, ଶାର୍ଦ୍ଦୁଳ ବିକ୍ରୀଡ଼ିତ ଆଦି ଛନ୍ଦ ଓ ସପ୍ତ ସ୍ୱର ସୃଷ୍ଟି ହେଲା।

ବ୍ରହ୍ମା ନିଜର ସୃଷ୍ଟ, ସୃଷ୍ଟିକୁ ଦେଖି ଆନନ୍ଦିତ ହେଲେ। କିନ୍ତୁ ପର ମୁହୂର୍ତ୍ତରେ ସେ ଚିନ୍ତିତ ହୋଇ ପଡିଲେ। ସେମାନଙ୍କ ମଧ୍ୟରୁ କେତେକ ଅନିଷ୍ଟ କାରୀ ପିଣ୍ଡ ଧ୍ୱଂସକାରୀ ଓ କେତେକ ରକ୍ଷାକାରୀ ଥିଲେ। ସେ ସେମାନଙ୍କୁ ମିଳିତ କରି ତାଙ୍କର ନାମ ଯକ୍ଷ, ରକ୍ଷ ରଖିଲେ।

ଯକ୍ଷ , ରକ୍ଷଙ୍କ ପରେ ଗୁହ,ଗନ୍ଧର୍ବ, ଚାରଣ, ସିଦ୍ଧ, ପିଶାଚଆଦି ସୃଷ୍ଟି ହୋଇ ନିଜ,ନିଜର ସ୍ଥାନ ଗ୍ରହଣ କଲେ। କେବଳ ଭୂତ, ପ୍ରେତଙ୍କ ପାଇଁ ସ୍ଥାନ ଅଭାବରୁ ସେମାନଙ୍କୁ ଶୂନ୍ୟରେ ସ୍ଥାନ ଦିଆଗଲା।

ଏହାପରେ ଏହି ଅନନ୍ତ ବିଶ୍ୱ ବ୍ରହ୍ମାଣ୍ଡ ମଧ୍ୟରେ କି କି ପ୍ରକାର ବିଚିତ୍ରା ସୃଷ୍ଟି ହୋଇଅଛି , କେଉଁଠି ଅଛି ଓ ସେମାନଙ୍କର ପ୍ରଭାବ କଣ ତାହା କଳ୍ପନାତୀତ ବିଷୟ ଅଟେ।

ଏହାପରେ, ପ୍ରଜାପତି ବ୍ରହ୍ମା ସୃଷ୍ଟି କରିବାର ଇଚ୍ଛା ନେଇ କ୍ଷିତିଙ୍କ ଆଡ଼କୁ ଦୃଷ୍ଟି ପାତ କଲେ ।କିନ୍ତୁ, କ୍ଷିତି ଯେ ଏବେ ଉତ୍ତପ୍ତ।, ପ୍ରଜ୍ୱଳିତ, କ୍ରୋଧିତ। ଏକ ବନ୍ଧ୍ୟା ପୃଥିବୀ! ସେ ଶାନ୍ତ, ଶୀତଳ,ରସ ସିକ୍ତା ନହେଲେ ସୃଜନ କରିବେ କିପରି ? ମାତୃତ୍ୱ ଲାଭ କରିବେ କିପରି ? (କ୍ରମଶଃ...)


+ବାଲିଝରି, କାନପୁର, ବଡ଼ମ୍ବା, କଟକ


# ବାହା ହେଲା ଝିଅ ଶାଶୁଘରେ ସୁନ୍ଦର

## ସମ୍ପର୍କର ରଙ୍ଗ

**ଶ୍ୱେତା ରାଉତ୍**



ଝିଅମାନେ ଘରର ଲକ୍ଷ୍ମୀ। ସବୁ ବାପା ମାଆ ଝିଅଙ୍କୁ ଖୁବ୍ ଆଦରରେ ବଡ କରିଥାନ୍ତି। ଶାଶୁ ଘରକୁ ଯିବା ପରେ ବି ଝିଅ ପ୍ରତି ସେଇ ସ୍ନେହ ମମତା ରହିଥାଏ। ସଂସାରର ଗୋଟେ ନୀୟମ ଅଛି ବିବାହ ପରେ ଝିଅ ପର ଗୋତ୍ରୀ ହୁଏ, ନୂଆ ସଂସାର ଗଢେ, ଦାମ୍ପତ୍ୟ ଜୀବନ ଆରମ୍ଭ କରେ, ତା'ପରେ ମାଆ ହୁଏ, ଦାୟୀତ୍ୱ ବଢିଚାଲେ, ପରକୁ ଆପଣାର କରି ଜୀବନର ନୂଆ ଅଧ୍ୟାୟ ସୃଷ୍ଟି କରେ। ବୋହୂ ହିସାବରେ, ଘରଣୀ ହିସାବରେ ସେ ଘରକୁ ସମ୍ପର୍କରେ ସଜାଏ। କିନ୍ତୁ, ଝିଅ ଯଦି ଶାଶୁ ଘରେ ରହିବାକୁ ପସନ୍ଦ ନକରେ,ବାପ ଘରେ ରହିବାକୁ ଭଲପାଏ, ସେ କୋଉ କୂଳର ହୋଇ ପାରେନା। ଶାଶୁଘରେ କେହି ଭଲ ପାଆନ୍ତିନି କି ବାପଘରେ କେହି ଭଲ ପାଆନ୍ତିନି।

ଦିନେ ଦୁଇଦିନ, ପନ୍ଦର ଦିନ, ମାସେ ବାପ ଘରେ ସେବା ସତ୍କାର ମିଳେ, ଅଧିକ ଦିନ ହେଲେ ବାପା ମାଆ ସିନା କିଛି ଭାବନ୍ତିନି, ହେଲେ ଦାଦା, ଖୁଡି, ଭାଇ, ଭାଉଜ, ପୁତୁରା, ଝିଆରୀ ଅନ୍ୟ ସମସ୍ତେ ବୋଝ ମନେ କରନ୍ତି। ବଡ ଦୁଃଖର କଥା ସମସ୍ତଙ୍କ ପରୋକ୍ଷ ଘୃଣା ସତ୍ତ୍ୱେ ବି ଆଜିକାଲି ଅନେକ ଝିଅ ବାପଘରେ ହିଁ ଡେରା ପକେଇ ରହନ୍ତି। ମାଆକୁ କୁମନ୍ତ୍ରଣା ଦେଇ ଭାଉଜ ବିରୁଦ୍ଧରେ ଉସ୍କେଇଥାନ୍ତି, ଫଳରେ ଶାଶୁ ବୋହୂ ଭିତରେ ଥିବା ଭଲ ସମ୍ପର୍କ ନଷ୍ଟ ହୋଇଯାଏ। ଝିଅର ପିଲାମାନେ ଜେଜେମା, ଜେଜେ ବାପାଙ୍କ ଆଦରରୁ ବଞ୍ଚିତ ହୁଅନ୍ତି ଓ ଜେଜେ ମା, ଜେଜେ ବାପା, ନାତି ନାତୁଣୀଙ୍କ ପିଲାଳିଆମୀ, ଅଳି ଅଝଟ, ସ୍ନେହ ମମତାର ମହାନୁଭବକୁ ହରେଇଥାନ୍ତି। ନିସଂଗତା ସେମାନଙ୍କୁ ରୋଗାକ୍ରାନ୍ତ କରିଦିଏ।

ଆମେ ଦୁହିତା, ଦୁଇ କୁଳର ହିତ ଚିନ୍ତା କରିବା ଆମର କର୍ତ୍ତବ୍ୟ। ସ୍ୱାମୀର ସହଧର୍ମିଣୀ ହୋଇ ସାରା ଜୀବନ ସୁଖଦୁଃଖର ସାଥୀ ହୋଇ ଚାଲିବାକୁ ବେଦୀ ଉପରେ ହୋମ ଅଗ୍ନିକୁ ସାକ୍ଷୀ ରଖି ପ୍ରତିଜ୍ଞା ବଦ୍ଧ ହେବା ପରେ ନିଜ କର୍ତ୍ତବ୍ୟ, ଦାୟୀତ୍ୱ ଓ ଧର୍ମରୁ ଓହରିଯିବା ବଡ ପାପଠୁ କମ୍ ନୁହେଁ। ଆଜିକା ଝିଅମାନେ ନିଜର ଓଜନ ହ୍ରାସ ପାଇଁ ଡାଇଟିଂ କରୁଛନ୍ତି, ଜିମ୍ ଯାଉଛନ୍ତି,ଘଣ୍ଟା ଘଣ୍ଟା ମୋବାଇଲ୍ ଘାଣ୍ଟୁଛନ୍ତି ଅଥଚ ଶାଶୁ ଘରେ କାମକୁ ଡରି କେହି ରହିବାକୁ ଚାହୁଁନାହାନ୍ତି। ଆମ ପରିବାର ପାଇଁ ଆମେ କାମ କରିବା, ନିଜ ହାତରେ ରାନ୍ଧି ସମସ୍ତଙ୍କୁ ଖୁଆଇବା ବୋଝ ନୁହେଁ ବରଂ ଅତି ଆନନ୍ଦର କଥା।ଏହା ଏକ ପ୍ରକାର ସେବା ଧର୍ମ, ଯାହା ସମସ୍ତଙ୍କ ଭାଗ୍ୟରେ ନଥାଏ। ପଦେ ମିଠା କଥା କହି ମୁଣ୍ଡ ନୁଆଇଁ ଦେଲେ, ଶାଶୁ ଶ୍ୱଶୁର ବା ଘରର ବଡମାନେ ଆଶୀର୍ବାଦ ଢ଼ାଳି ଦିଅନ୍ତି, ଆମକୁ ମନ୍ଦିର ଯିବା ଦରକାର ନାହିଁ। ରିଲ୍ସ, ଭିଡିଓ କରି ଅନେକ ସମୟ ନଷ୍ଟ କରୁଥିବା ବେଳେ ନିଜ ପରିବାର ପାଇଁ ଟିକେ କାମ କରିବାକୁ କାହିଁକି କଷ୍ଟ ଲାଗିବ ! ଆଜିକାଲି ତ ସବୁ କାମ ମେସିନ ଦ୍ୱାରା ପ୍ରାୟତଃ ହୋଇ ଯାଉଛି, ବଡ ପରିବାର ବି ଆଉ ନାହିଁ ଯେ ଅଧିକ ରୋଷେଇ କରିବାକୁ ପଡ଼ିବ। ତେବେ ଆମ ସ୍ୱାମୀଙ୍କୁ ଦୁନିଆକୁ ଆଣିଥିବା, ସାରା ଜୀବନ ଆମ ସ୍ୱାମୀଙ୍କୁ ବଡ କରିବାରେ, ଯୋଗ୍ୟ କରିବାରେ ସମୟ ସାରିଥିବା ଶାଶୁ ଶ୍ୱଶୁର କଣ ଆମ ପାଇଁ ବୋଝ ?

ବୁଝି ହୁଏନା କେଉଁ ବୋଝ, କେଉଁ କାମକୁ ଡରି ଝିଅମାନେ ଶାଶୁଘରେ ରହିବାକୁ ଚାହୁଁ ନାହାନ୍ତି ?ଏବଂ ଝିଅର ବାପା ମାଆମାନେ କେମିତି ତାଙ୍କୁ ରହିବାକୁ ଅନୁମତି ଦେଉଛନ୍ତି ? ସେମାନେ ଭାବୁ ନାହାନ୍ତି ଆଜିକାଲି ବୋହୂମାନେ ନିଜ ସ୍ୱାମୀ, ଶାଶୁ, ଶଶୁର ପରିବାର ପାଇଁ ମୁଠେ ରନ୍ଧିବାକୁ ବୋଝ ମନେ କରୁଥିବା ବେଳେ, ନଣନ୍ଦ, ଭଣଜା ଭାଣିଜୀଙ୍କ ପାଇଁ ସବୁଦିନ କାହିଁକି କରିବାକୁ ଚାହିଁବ, ତା'ଉପରେ ପୁଣି ଯଦି ପଦେ କଣ କହିଦେଲା ଶାଶୁ କହିବେ 'ମୋ ଝିଅକୁ କାହିଁକି କହିଲୁ, ମୋ ନାତିକୁ କାହିଁକି କହିଲୁ ? ବିବାହିତା ନଣନ୍ଦ ପାଇଁ ଶାଶୁ ବୋହୂ ଭିତରେ କଳି ଆରମ୍ଭ ହୋଇଯିବ।

ଯିଏ ଯେଉଁଠି ରହିଲେ ସୁନ୍ଦର ରହିବା ଉଚିତ୍। ବିବାହିତା ଝିଅ ସ୍ୱାମୀ ସହିତ ଶାଶୁଘରେ ରହିଲେ ସୁନ୍ଦର, ଅଳ୍ପ ଦିନ ପାଇଁ ବାପଘରକୁ ବୁଲିବାକୁ ଯାଇ ପାରନ୍ତି, କିନ୍ତୁ ବିବାହ ପରେ ଯଦି ବାପଘରେ ରହିବାର ଇଚ୍ଛା ରହୁଛି, ବିଲକୁଲ ବାହା ନହେବା ଭଲ। କାରଣ ଆଉ ଗୋଟେ ପରିବାରର କାହିଁକି କ୍ଷତି ହେବ ! ପୁଅ ବାହାକରି ମଧ୍ୟ ବୁଢ଼ା ବୁଢୀ ବୟସରେ ହାତେ ରାନ୍ଧି ଖାଇବେ ! ଏହାଠୁ ବଡ ଲଜ୍ଜା କଣ ? ସ୍ୱାମୀମାନେ ସ୍ତ୍ରୀକୁ ଭୟରେ କିଛି କହିବେ ନାହିଁ, କାଳେ କାଠଗଡା ଦେଖିବାକୁ ପଡ଼ିବ।

ସବୁ ଝିଅଥିବା ବାପା ମାଆମାନଙ୍କୁ ଅନୁରୋଧ, ବିଭା ଦେବା ପରେ ଝିଅକୁ ଗେହ୍ଲା ଆଳରେ ନିଜ ପାଖରେ ରଖି ନିଜ ବୋହୂ ସହିତ ଅପ୍ରିୟ ହୁଅନ୍ତୁ ନାହିଁ। ବାପ ଘରେ ରହୁଥିବା ଝିଅକୁ କୌଣସି ଭାଉଜ ପସନ୍ଦ କରନ୍ତି ନାହିଁ। ଝିଅକୁ ତା ପରିବାରକୁ ନେଇ ଚଳିବାକୁ ଶିଖାନ୍ତୁ। ଆପଣ ଯଦି ଭଲ ସଂସ୍କାର ଦେଇଥିବେ, ଝିଅ ତା ବୁଦ୍ଧି ପ୍ରୟୋଗ କରି ସେ ପରିବାରରେ ସମସ୍ତଙ୍କୁ ନେଇ ଭଲରେ ଚଳି ପାରିବ। ମନ୍ଦରୁ ଭଲ ଶିଖିବ। ସେ ଛୋଟ ପିଲା ନୁହେଁ, ପରିପକ୍ୱ ହେବା ପରେ ହିଁ ଆପଣ ଝିଅକୁ ବାହା ଦିଅନ୍ତି, ଆଉ ଗୋଟେ ପରିବାରକୁ ପଠେଇଥାନ୍ତି। ଯଦି ଭାବୁଛନ୍ତି ଶାଶୁଘରେ ଝିଅ ଚଳି ପାରିବନି, ତାକୁ ବାହା ଦେଇ ପୁଣି ପାଖରେ ଆଣି ରଖିବା ଅପେକ୍ଷା, ଆଦୌ ବାହା କରନ୍ତୁ ନାହିଁ। ନିଜ ଝିଅକୁ ଖୁସି ଦେବା ଆଳରେ ବୋହୂର ଖୁସି ଛଡେଇ ନେଲେ, ବୋହୂ ବାଧ ହେବ ଯାଇ ତା ବାପଘରେ ରହିବାକୁ, ସେତେବେଳେ କହିବେନି ବୋହୂ ଖରାପ। ବାହା ହେଲା ଝିଅ ସବୁବେଳେ ଶାଶୁଘରେ ସୁନ୍ଦର।


+ ରାଉତ କମ୍ପ୍ଲେକ୍ସ, କଟକ ରୋଡ଼,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦


## ଆଜିର କବିତା

### ଲୋକେ କଣ କହିବେ ?

**ବର୍ଷାରାଣୀ ମହାମଲ୍ଲିକ**



ଦୁନିଆର ସବୁଠୁଁ ବଡ଼ ରୋଗ କଣ ଜାଣିଛ ?
ଲୋକେ କଣ କହିବେ ?
ବେଳେବେଳେ କିନ୍ତୁ ଏ ପ୍ରଶ୍ନ ସକାରାତ୍ମକ
ଲୋକେ ତ କହିବେ
ଲୋକଙ୍କ କାମ କହିବା...
ସତେ ଯେମିତି ତାଙ୍କ ମତ ବେକାରୀ ବସିବା ଠୁଁ
କିଛି କହିବା...
ହେଲେ ଲୋକେ କହିବେ ବୋଲି କଣ
ଘର କୋଣରେ ବସିହେବ ?
ପେଟର ବିକଳରେ ଓଦାକନା କେତେବେଳ କାମ ଦେବ
ଛୋଟ କାମ କହି କେତେବେଳ ଏଡି ଦେବ ତାକୁ
କାମ ତ ଛୋଟ ନୁହେଁ କେତେବେଳେ...
ସଭ୍ୟ ଦେଖେଇ ହେଉଥିବା ଅଭଦ୍ର ମଣିଷ ମାନେ
କର୍ମ ନିନ୍ଦା କରନ୍ତି ସଚ୍ଚୋଟ ମଣିଷ ନୁହଁ
ଲୋକେ କଣ କହିବେ ବୋଲି ସୁଯୋଗ ବି
ଚାଲିଯାଏ ହାତ ପାପୁଲିରୁ...
ଲୋକେ କଣ କହିବେ ଏଇଆକୁ ଜଗି ରହିଥାଉ ନା ?
ଲୋକେ ତ ଭଲ କଲେ କହିବେ
ମନ୍ଦ କଲେ କହିବେ
ଟିକେ ଭୁଲ୍ ନ କରୁଣୁ କେତେ ନାଇଁ କେତେ ଭୁଲ୍
ମୁଣ୍ଡ ଉପରେ ଲଦିଦେବେ...
ଏମାନଙ୍କ ଏହି ମାନସିକତା କୁ ଆମେ ଡରି ଡରି
ନିଜ ସଫଳ କାର୍ଯ୍ୟରୁ ବିରତ ରହିବା ?
ଏଇ ଲୋକେ କଣ କହିବେ ବୋଲି ?
ଯେ ଯାହା କହୁ..
ଚାଲ ଆମେ ଆମ କାମ ସବୁ କରିବା।


+ବରଗଡ଼
ମୋ: ୮୨୬୦୬୫୯୩୩୨

# ଲୋୟର ସୁକ୍ତେଲ ପ୍ରକଳ୍ପ ଅଂଚଳରେ ପାଣି ଓ ବିଜୁଳି କାଟ୍‌କୁ ନେଇ ନରସିଂହଙ୍କ ପୁନଃ ପ୍ରେସ ବିବୃତି

ବଲାଙ୍ଗିର, ୦୫/୦୭ (ନି.ପ୍ର): ଲୋୟର ସୁକ୍ତେଲ ବୁଡି ଅଂଚଳରେ ଲୋକଙ୍କ ପାଇଁ ଉଦ୍ଦିଷ୍ଟ ପାନୀୟ ଜଳ ଓ ବିଜୁଳି କାଟ୍ ଯୋଗୁଁ ଗଡଶଙ୍କର ଡୁଙ୍ଗୁରିପାଲି ଗାଁରେ ଲୋକେ ଅଭାବନୀୟ ପରିସ୍ଥିତିର ସମ୍ମୁଖୀନ ହେଉଛନ୍ତି । ଏହାକୁ ନେଇ ପୂର୍ବରୁ ଗଣମାଧ୍ୟମ ଜରିଆରେ ପ୍ରଶାସନକୁ ଅନୁରୋଧ କରିଥିଲି । ପ୍ରକଳ୍ପ ପ୍ରଭାବିତ ଲୋକଙ୍କ ମାନବାଧିକାର ଉଲ୍ଲଂଘନ ନ କରିବାକୁ ପ୍ରଶାସନକୁ କହିବା ସହ ତୁରନ୍ତ ବିଜୁଳି ଓ ପାଣି ସୁବିଧା ପୁନଃ କାର୍ଯ୍ୟକାରୀ କରିବାକୁ କହିଥିଲି । ଖୁଂଟପାଲି ଅଂଚଳରେ ଯଦିଓ ପାଣି ଓ ବିଜୁଳିକୁ ପ୍ରଶାସନ ପୁନଃ ସଂଯୋଗ କରିଛି, କିନ୍ତୁ ଗଡଶଙ୍କର ଡୁଙ୍ଗୁରିପାଲି ଗାଁରେ ଏପର୍ଯ୍ୟନ୍ତ ବିଜୁଳି ସଂଯୋଗ କରାଯାଇନାହିଁ । ଏ ଅଂଚଳର ସମସ୍ତ ଲୋକେ ଲୋୟର ସୁକ୍ତେଲ ପ୍ରକଳ୍ପକୁ ସମ୍ପୂର୍ଣ୍ଣ ସମର୍ଥନ ଜଣାଇ ବିସ୍ଥାପିତ ହେବାକୁ ରାଜି ହୋଇଛନ୍ତି । ତଥାପି ପ୍ରଶାସନ କାହିଁକି ସେମାନଙ୍କୁ ବିଜୁଳି ଓ ପାଣି ଭଳି ମୌଳିକ ସୁବିଧାରୁ ବଂଚିତ କରୁଛି ବୋଲି ବିଧାୟକ ନରସିଂହ ମିଶ୍ର ପ୍ରଶ୍ନ କରିବା ସହ ପୁଣି ଥରେ ପ୍ରେସ୍ ବିବୃତି ମାଧ୍ୟମରେ ଏହା ଜିଲା ପ୍ରଶାସନର କ୍ରମାଗତ ମାନବ ଅଧିକାର ଉଲ୍ଲଂଘନ ବୋଲି ଦର୍ଶାଇଛନ୍ତି । ପ୍ରେସ୍ ବିବୃତି ମାଧ୍ୟମରେ ବିଧାୟକ ଶ୍ରୀ ମିଶ୍ର ଆହୁରି ମଧ୍ୟ କହିଛନ୍ତି ଯେ, ଏହି ପ୍ରକଳ୍ପର ବିସ୍ଥାପନ ଶେଷ ପର୍ଯ୍ୟାୟରେ ପହଂଚିଥିବାବେଳେ ବିସ୍ଥାପିତଙ୍କୁ ବିଜୁଳି ଓ ପାନୀୟ ଜଳରୁ ବଂଚିତ କରାନଯାଉ । ସେମାନେ ଯେମିତି ସମ୍ମାନର ସହ ବିସ୍ଥାପିତ ହେବେ ପ୍ରଶାସନ ସେ ବ୍ୟବସ୍ଥା ଗ୍ରହଣ କରୁ ।ଗଡଶଙ୍କର ଡୁଙ୍ଗୁରିପାଲି ଓ ଖୁଂଟପାଲି ଅଂଚଳର ଲୋକଙ୍କ ଠାରୁ ଅଭିଯୋଗ ପାଇବା ପରେ ଦୁଇ ଦିନ ପୂର୍ବରୁ ଗଣମାଧ୍ୟମ ଜରିଆରେ ପ୍ରଶାସନକୁ ଅନୁରୋଧ କରାଯାଇଥିଲା । ଯଦିଓ ଖୁଂଟପାଲି ଅଂଚଳରେ ପାଣି ଓ ବିଜୁଳିକୁ ପୁନଃ ସଂଯୋଗ କରାଯାଇଛି । ତଥାପି ଗଡଶଙ୍କର ଡୁଙ୍ଗୁରିପାଲି ଅଂଚଳରେ ଏପର୍ଯ୍ୟନ୍ତ ବିଜୁଳି ପୁନଃ ସଂଯୋଗ କରାଯାଇନଥିବାରୁ ଲୋକେ ନାହିଁନଥିବା ଅସୁବିଧା ଭୋଗୁଛନ୍ତି । ଏଭଳି ଅବସ୍ଥା ଜାରି ରହିଲେ ଆଗକୁ ଆନ୍ଦୋଳନ ଆଶଙ୍କା ବୃଦ୍ଧି ପାଇବା ସହ ପ୍ରକଳ୍ପ ନିର୍ମାଣ ଓ ବିସ୍ଥାପନ ପ୍ରକ୍ରିୟା ବାଧାପ୍ରାପ୍ତ ହେବ ଓ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବାରେ ଏହା ବିଳମ୍ବର କାରଣ ହୋଇପାରେ ବୋଲି ବିଧାୟକ ଶ୍ରୀ ମିଶ୍ର ଆଶଙ୍କା ବ୍ୟକ୍ତ କରିଛନ୍ତି । ଆଜି ପୁଣି ଥରେ ପ୍ରେସ୍ ବିଜ୍ଞପ୍ତି ମାଧ୍ୟମରେ ବିସ୍ଥାପିତଙ୍କ ସମସ୍ୟାର ସମାଧାନ ପାଇଁ ପ୍ରଶାସନ ଉଦାର ମନୋଭାବ ପୋଷଣ କରୁ ବୋଲି ବିଧାୟକ ଶ୍ରୀ ମିଶ୍ର କହିଛନ୍ତି ।

# ପାଚେରୀ- ଲସର୍ଦା ମାଂଗାନିଜ ଓ ଲୌହ ପଥର ଖଣି ନିମନ୍ତେ ଜନଶୁଣାଣୀ ଅନୁଷ୍ଠିତ

ବଲାଣି, ୦୫/୦୭ (ନି.ପ୍ର): ବଡ଼ବିଲ ତହସିଲ ଅନ୍ତର୍ଗତ ବଲାଣି ପଂଚାୟତର ଧନୁର୍ଜୟପୁର, କନର୍ଦା ଓ ଲସର୍ଦା ଗ୍ରାମରେ ୧୩୧.୮୦୦ ହେକ୍ଟର ପରିମିତ ଖଣି ଅଂଚଳରେ ଥିବା ତ୍ରିବେଣୀ ଆର୍ଥ ମୋଭର୍ସ ପ୍ରାଇଭେଟ ଲିମିଟେଡ଼ର ଲସର୍ଦା- ପାଚେରୀ ମାଂଗାନିଜ ଓ ଲୌହ ପଥର ଖଣିରୁ ବାର୍ଷିକ ୧.୫୪୫ ଏମଟିପିଏ(ଆର୍ ଓ ଏମ),ବର୍ଜ୍ୟ ୧.୧୮୨ ଏମଟିପିଏ ସର୍ବମୋଟ ୨.୭୨୮ ଏମଟିପିଏ ଖନନ ଓ ମାଂଗାନିଜ ଖଣିଜ ୦.୧୧୦ ଏମଟିପିଏ ଆର୍ ଓ ଏମ, ବର୍ଜ୍ୟ ୦.୩୩୫ ଏମଟିପିଏ ମୋଟ ୦.୪୬୫ ଏମଟିପିଏ ଖନନ ସହିତ ଶୁଷ୍କ ସ୍କ୍ରିନିଂ ଏବଂ କ୍ରସିଂ ୟୁନିଟ ୨୨୦୦ ଟିପିଏଚ ପ୍ରାଇମେରୀ କ୍ରସିଂ, ୨୨୦୦ ଟିପିଏଚ ସେକଣ୍ଡାରୀ କ୍ରସିଂ ୟୁନିଟ,୨୨୦୦ ଟିପିଏଚ ଟରସିଆୟାରୀ କ୍ରସିଂ, ୨୨୫୦ ଟିପିଏଚ ଭାଇବ୍ରେଟିଂ କ୍ରସିଂ ପ୍ରକଳ୍ପ ସ୍ଥାପନ କରିବା ନିମନ୍ତେ ଆଂଚଳିକ କାର୍ଯ୍ୟାଳୟ, ରାଜ୍ୟ ପ୍ରଦୂଷଣ ବୋର୍ଡ ଆନୁକୂଲ୍ୟରେ ଅତିରିକ୍ତ ଜିଲ୍ଲାପାଳ ଯଦୁମଣି ମାହାଲାଙ୍କ ସଭାପତିତ୍ୱ ରେ ଓ ଆଂଚଳିକ ପ୍ରଦୂଷଣ ଅଧିକାରୀ ପ୍ରଶାନ୍ତ କରଙ୍କ ଉପସ୍ଥିତିରେ ବଲାଣି ପଂଚାୟତର ଧନୁର୍ଜୟପୁର ପ୍ଲଟ ନମ୍ବର ୪/୧୨୩୮ ଠାରେ ମଙ୍ଗଳବାର ପରିବେଶୀୟ ଜଣ ଶୁଣାଣୀ ଅନୁଷ୍ଠିତ ହୋଇଯାଇଛି । ଏହି ବୈଠକରେ ମୋଟ ୭୨ ଜଣ ମୌଖିକ ଭାବରେ ମତାମତ ରଖିଥିବା ବେଳେ ୭ ଟି ଲିଖିତ ମତାମତ ପଞ୍ଜିକୃତ ହୋଇଥିବା ଆଞ୍ଚଳିକ ଅଧିକାରୀ ପ୍ରଶାନ୍ତ କର ସୂଚନା ଦେଇଛନ୍ତି । ସଭାରେ ପରିବେଶୀୟ ଓ ଖଣି ପରିଧି ସୀମା ଅଂଚଳରେ ପାରିପାର୍ଶ୍ୱିକ ବିକାଶ ପ୍ରତିବଦଳରେ ଜନ ସମର୍ଥନ ଦେବାକୁ ଖଣି ଲିଜ ଧାରୀ କମ୍ପାନୀ ପ୍ରତଶ୍ରୁତି ଦେଲେ ଜନ ସମର୍ଥନ ରହିଛି ବୋଲି ସ୍ଥାନୀୟ ଅଧିବାସୀ ମତ ଦେଇଥିଲେ । ଖଣି ଖନନ ପ୍ରକ୍ରିୟାରେ ପରିବେଶ ବିଗିଡିବାର ସମ୍ଭାବନା ଥିବାରୁ ନୂତନ ଜଙ୍ଗଲ ସୃଷ୍ଟି, ଖଣିର ବର୍ଜ୍ୟ ବସ୍ତୁ ଓ ବର୍ଜ୍ୟ ଜଳର ବ୍ୟବସ୍ଥିତ ନିୟନ୍ତ୍ରଣ ସହିତ ପ୍ରଭାବିତ ଅଂଚଳର ଗ୍ରାମବାସୀଙ୍କୁ ଖଣିରେ ନିଯୁକ୍ତି, ରାସ୍ତା ଘାଟ ନିର୍ମାଣ, ସମସ୍ତ ଗ୍ରାମରେ ଷ୍ଟ୍ରିଟ ଲାଇଟ ବ୍ୟବସ୍ଥା, ଗରିବ ଶ୍ରେଣୀର ପିଲା ମାନଙ୍କୁ ଉଚ୍ଚ ଶିକ୍ଷା ପ୍ରାପ୍ତ ନିମନ୍ତେ ସହଯୋଗ, ପ୍ରଭାବିତ ଅଞ୍ଚଳରେ ଥିବା ବିଦ୍ୟାଳୟ ମାନଙ୍କରେ ଅତିରିକ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ନିଯୁକ୍ତି, ଗ୍ରାମ ମାନଙ୍କରେ ନୂତନ ରାସ୍ତା ନିର୍ମାଣ ସହ ସଂକୀର୍ଣ୍ଣ ରାସ୍ତା ଗୁଡିକର ପ୍ରଶସ୍ତି କରଣ, ବିଦ୍ୟାଳୟ ଯିବା ନିମନ୍ତେ ସ୍କୁଲ ବସ, ପ୍ରଭାବିତ ଅଂଚଳରେ ମହିଳା ମାନଙ୍କୁ ସଶକ୍ତିକରଣ ନିମନ୍ତେ ଖଣିରେ ନିଯୁକ୍ତି ସହ ସ୍ୱୟଂ ସହାୟକ ଗୋଷ୍ଠୀ ଙ୍କ ଉଥାନ ନିମନ୍ତେ ସହଯୋଗ, ସ୍ୱାସ୍ଥ୍ୟ ସେବା ନିମନ୍ତେ ଆମ୍ବୁଲାନ୍ସ, ଖେଳ ପଡିଆ ନିର୍ମାଣ, ପାରମ୍ପରିକ ପୂଜାସ୍ଥଳୀର ପୁନଃରୁଦ୍ଧାର, ସ୍ଥାନୀୟ ଲୋକଙ୍କ ସାମାଜିକ ସ୍ଥିତି ଦୃଢ଼ କରିବାକୁ ନିଶା ନିବାରଣ କେନ୍ଦ୍ର ଆଦି ନିର୍ମାଣ କରିବାକୁ ସ୍ଥାନୀୟ ଜନ ପ୍ରତିନିଧି ଓ ସାଧାରଣ ଲୋକେ ଦାବି ଓ ମତାମତ ରଖିଥିଲେ ।

## ଓଷ୍ଟା ବଲାଙ୍ଗୀର ଜିଲ୍ଲା ସଂପାଦକ ନିଲମ୍ବିତ

ବଲାଙ୍ଗୀର, ୦୫/୦୭ (ନି.ପ୍ର): ଓଷ୍ଟା ସଭାଗୃହରେ ଜିଲ୍ଲା ସଭାପତି ଅବନୀ ତ୍ରିପାଠିଙ୍କ ଅଧ୍ୟକ୍ଷତାରେ ବଲାଙ୍ଗିର ଜିଲ୍ଲା କାର୍ଯ୍ୟକାରୀ କମିଟିର ଏକ ଜରୁରୀ କାଳୀନ ବୈଠକ ଅନୁଷ୍ଠିତ ହୋଇଥିଲା । ଉକ୍ତ ସଭାରେ ଶିକ୍ଷକ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ସମାହିତ ହେଉ ନ ଥିବା ଯୋଗୁଁ ଗଭୀର ଉଦ୍‌ବେଗ ପ୍ରକାଶ ପାଇଥିଲା । ବିଶେଷ କରି ଚାକିରି ସଭା ବନ୍ଦୀ, ନୂତନ ସ୍କୁଲ କୁ ଅନୁଦାନ, ଠିକା ଶିକ୍ଷକ ବିଭକ୍ତକରଣ ବିଷୟ ଆଲୋଚିତ ହୋଇଥିଲା । ବଲାଙ୍ଗିର ଜିଲ୍ଲାର ପ୍ରାକ୍ତନ ସଂପାଦକ କୁଶଧ୍ୱଜ ସାହୁଙ୍କ କାର୍ଯ୍ୟକଳାପ ଅର୍ଥତୋଷାରପାତ ସମସ୍ତଙ୍କୁ ବ୍ୟଥିତ କରିଥିଲା । ତାଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ ଦୃଢ କାର୍ଯ୍ୟାନୁଷ୍ଠାନ ନେବା ପ୍ରକାଶ ପାଇଥିଲା । ଏଣୁ ସର୍ବ ଶେଷରେ ସଭାପତି ପ୍ରାକ୍ତନ ସଂପାଦକ କୁଶବାବୁଙ୍କୁ ନିଲମ୍ବନ ତଥା ଦୁଇ ବର୍ଷ ପର୍ଯ୍ୟନ୍ତ ତାଙ୍କର ସଦସ୍ୟ ପଦକୁ ରଦ୍ଦ କରାଗଲା ବରିଷ୍ଠ ଯୁଗ୍ମ ସଂପାଦକ ଅନିଲ କୁମାର ସାହୁ ଙ୍କ ସଂପାଦକ ଦାୟିତ୍ୱ ହସ୍ତାନ୍ତର କରାଗଲା ତାରାକାନ୍ତ ମିଶ୍ରଙ୍କୁ ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଭାବରେ ପୁନଃ ଚୟନ କରାଗଲା ଏବଂ ରାଜ୍ୟ ଓଷ୍ଟାକୁ ଅନୁମୋଦନ ପାଇ ପଠାଗଲା । ଉକ୍ତ ସଭାରେ ବରିଷ୍ଠ ସଦସ୍ୟ ପୁରନ୍ଦର ଦାଶ, ସୁଧାଂଶୁ ଶେଖର ବାବୁ, ବିନୋଦ ବିହାରୀ ପାଣିଗ୍ରାହୀ, ସୁଧିର ନାଏକ, ଶ୍ରୀବଚ୍ଛ ଭୁଏ, ସାରଥି ସାହୁ, ଅମୁଲ୍ୟ ବେହେରା, ମନୋରଂଜନ ସାହୁ, ଗୋବିନ୍ଦ ବଗର୍ତି, ଅନିଲ ସାହୁ, ତାରାକାନ୍ତ ମିଶ୍ର, ପ୍ରେମରାଜ ପଧାନ ପ୍ରମୁଖ ଆଲୋଚନାରେ ଭାଗ ନେଇଥିଲେ ।

# ଜିଲ୍ଲା ପରିଷଦର ୭୧ ତମ ବୈଠକ ଅନୁଷ୍ଠିତ

ମାଲକାନଗିରି, ୦୫/୦୭ (ନି.ପ୍ର): ଆଜି ସ୍ଥାନୀୟ ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷଠାରେ ୭୧ ତମ ପରିଷଦ ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ଅଧ୍ୟକ୍ଷା ଶ୍ରୀମତି ସମାରି ଟାଙ୍ଗୁଲୁଙ୍କ ଅଧ୍ୟକ୍ଷତାରେ ଏହି ବୈଠକ ଅନୁଷ୍ଠିତ ହୋଇଥିବା ବେଳେ ନବରଙ୍ଗପୁର ସାଂସଦ ରମେଶ ଚନ୍ଦ୍ର ମାଝୀ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପତିତ ପାବନ ବୈଦ୍ୟ, ବିଧାୟକ ଚିତ୍ରକୋଣ୍ଡା ପୂର୍ଣ୍ଣଚନ୍ଦ୍ର ବାକା, ବିଧାୟକ, ମାଲକାନଗିରି ଆଦିତ୍ୟ ମାଢି, ଜିଲ୍ଲାପାଳ ବିଶାଲ ସିଂ ଏବଂ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ରତ୍ନାକର ସାହୁ ମଂଚାସୀନ ଥିଲେ । ଆଜିର ବୈଠକରେ ଜିଲ୍ଲାରେ ପାନୀୟ ଜଳ ଯୋଗାଣ, ଗମନାଗମନ, କୃଷି, ସେଚ ଜଳସେଚନ, ଶିକ୍ଷା ଓ ସ୍ୱାସ୍ଥ୍ୟ ସେବାକୁ ନେଇ ସମୀକ୍ଷା କରାଯାଇଥିଲା । ଏଠାରେ କିଭଳି ଭାବେ ଜନ ସାଧାରଣ ସୁରୁଖୁରୁରେ ପାନୀୟ ଜଳ ପାଇପାରିବେ ସେଥି ପ୍ରତି ଗୁରୁତ୍ୱ ପ୍ରଦାନ କରିବା ପାଇଁ ଗ୍ରାମ୍ୟ ପାନୀୟ ଜଳ ଯୋଗାଣ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି । ତା ସହିତ ପାନୀୟ ଜଳର ବିଶୁଦ୍ଧିକରଣ ଉପରେ ମଧ୍ୟ ଧ୍ୟାନ ଦେବାକୁ କୁହାଯାଇଛି । ସ୍ୱାସ୍ଥ୍ୟ ସେବା ନେଇ ସ୍ୱାଭିମାନ ଅଂଚଳରେ ଦକ୍ଷ ଡ଼ାକ୍ତର ନିଯୁକ୍ତି, ପପୁଲୁର ପଂଚାୟତରେ ଦେୟମୁକ୍ତ ଆମ୍ବୁଲାନ୍ସ ସେବା ଏବଂ ଚିତ୍ରକୋଣ୍ଡା ଓ ଖଇରପୁଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିକଟରେ ଆହାର କେନ୍ଦ୍ର ବ୍ୟବସ୍ଥା ପାଇଁ ପ୍ରସ୍ତାବ ଦିଆଯାଇଛି । ସେହିପରି ନିର୍ମାଣାଧିନ ଅସମ୍ପୂର୍ଣ୍ଣ ଡାକ୍ତରଖାନାକୁ ଅଗ୍ରାଧିକାର ଭିତିରେ କାର୍ଯ୍ୟ ସଂପୂର୍ଣ୍ଣ କରିବା ପାଇଁ କୁହାଯାଇଛି । ଏହି ଅବସରରେ ନୂତନ ବ୍ଲଡ ବ୍ୟାଙ୍କ ନିର୍ମାଣ କାର୍ଯ୍ୟ ସଂପୂର୍ଣ୍ଣ ହୋଇସାରିଛି ବୋଲି ସୂଚନା ମିଳିଛି । ଜିଲ୍ଲାପାଳ ଯଥାଶୀଘ୍ର ରୋଗୀଙ୍କ ପାଇଁ ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି । ସେହିପରି ଶିକ୍ଷା ବିଭାଗରେ କାର୍ଯ୍ୟରତ ଶିକ୍ଷକ ମାନଙ୍କର ବଦଳି ନେଇ ଏକ ମାନଦଣ୍ଡ ପ୍ରସ୍ତୁତ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି । ଅଧିକ ବର୍ଷର କାର୍ଯ୍ୟକାଳ ଏବଂ ବଦଳି ନିମନ୍ତେ ଯଥାର୍ଥ କାରଣ ତା ସହିତ କର୍ତବ୍ୟରେ ଉତମ ପ୍ରଦର୍ଶନ ରହିଥିଲେ ସେହି ଭିତିରେ ବଦଳି ତାଲିକା ପ୍ରସ୍ତୁତ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ସେହିପରି ବୈଠକରେ ଜିଲ୍ଲାର ଅନାଥ ଶିଶୁଙ୍କ ଥଇଥାନ ନିମନ୍ତେ ସାଂସଦ ଗୁରୁତ୍ୱାରୋପ କରିଛନ୍ତି । ଜିଲ୍ଲା ଶିକ୍ଷାଧିକାରୀ ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀଙ୍କ ସହ ଯୋଗାଯୋଗ ରକ୍ଷା କରି ସେମାନଙ୍କ ନିମନ୍ତେ ହଷ୍ଟେଲ ବ୍ୟବସ୍ଥା କରିଛନ୍ତି ବୋଲି ଜଣାଇଥିଲେ । ବିଶେଷ କରି ଅନୁସୂଚିତ ଜାତି ଓ ଜନଜାତି ଶିଶୁଙ୍କ ରହିବା ନିମନ୍ତେ ଉତମ ବ୍ୟବସ୍ଥା ପାଇଁ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାକୁ ନିର୍ଦ୍ଦେଶ ଦିଆଯାଇଛି । ଏହି ଅବସରରେ ଚିତ୍ରକୋଣ୍ଡା ବିଧାୟକ ଉପସ୍ଥିତ ସମସ୍ତ ଜନ ପ୍ରତିନିଧିଙ୍କୁ ନିଜ ନିଜ ଅଂଚଳ ଗସ୍ତ କରି ଶିକ୍ଷା କ୍ଷେତ୍ରରେ ରହିଥିବା ଅସୁବିଧାକୁ ଦୂର କରିବା ପାଇଁ ଶପଥ ନେଇ ଶିକ୍ଷାର ବିକାଶ ନିମନ୍ତେ କାମ କରିବାକୁ ଆହ୍ୱାନ କରିଥିଲେ । ସେହିପରି ପ୍ରତ୍ୟେକ ବ୍ଲକରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ରହିବାର ଆବଶ୍ୟକତା ରହିଛି । ଏଥି ନିମନ୍ତେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜିଲ୍ଲା ମଙ୍ଗଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜିଲ୍ଲାର ଶିକ୍ଷା ର ବିକାଶ ପାଇଁ ଏକ ତାଲିକା ପ୍ରସ୍ତୁତ କରିବାକୁ କୁହାଯାଇଛି । ଯାହାକୁ ଆଗାମୀ ଦିନରେ ହେବାକୁ ଥିବା ରାଜ୍ୟ ଅନୁସୂଚିତ ଜାତି ଓ ଜନଜାତି ଶିକ୍ଷା କମିଟିରେ ଉପସ୍ଥାପନ କରିବେ ବୋଲି ବିଧାୟକ ଶ୍ରୀ ବାକା କହିଛନ୍ତି । ସେହିପରି ଅଗ୍ରାଧିକାର ଭିତିରେ ଅଧପନ୍ତରିଆ ଅଙ୍ଗନୱାଡି ଗୃହର ନିର୍ମାଣ ପାଇଁ କୁହାଯାଇଛି ଏବଂ ଅଙ୍ଗନୱାଡି ନଥିବା ସ୍ଥାନରେ ଅବ୍ୟବହୃତ ବିଦ୍ୟାଳୟ ଗୃହକୁ ମଧ୍ୟ ବ୍ୟବହାର କରାଯାଇପାରିବ ବୋଲି ବୈଠକରେ ସୂଚନା ଦିଆଯାଇଛି । ସେହିପରି କୃଷକମାନେ ଯେଉଁଭଳି ରିହାତି ଦରରେ ସାର ଏବଂ ବିହନ ପାଇବେ ସେଥି ନିମନ୍ତେ ଧ୍ୟାନ ଦେବାକୁ କୃଷି ବିଭାଗକୁ କୁହାଯାଇଛି । ଜାତୀୟ ଖାଦ୍ୟ ସୁରକ୍ଷା ମିଶନ ଅଧିନରେ ଚାଷୀ ଯେଉଁଭଳି ଭାବେ ଉପକୃତ ହେବେ ସେଥିପ୍ରତି ସଜାଗ ରହିବାକୁ କୁହାଯାଇଛି । ବିଶେଷ କରି ରାଜ୍ୟ ସରକାର ମିଲେଟ ମିଶନକୁ ଗୁରୁତ୍ୱ ଦେଉଛନ୍ତି । ତେଣୁ ପ୍ରତ୍ୟେକ ପଂଚାୟତ ସ୍ତରରେ ଏହି ମିଶନ ବିଷୟରେ ସଚେତନତା ସୃଷ୍ଟି କରିବା ପାଇଁ ସାଂସଦ କହିଥିଲେ । ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଜିଲ୍ଲା ପାଇଁ ୧୭୨ କିଲୋମିଟରର ୨୧ଗୋଟି ରାସ୍ତା ନିର୍ମାଣ ପାଇଁ ୧୫୮ କୋଟି ଟଙ୍କା ମଞ୍ଜୁର କରିଛନ୍ତି ଏବଂ ଜିଲ୍ଲାର ବିକାଶ ପାଇଁ ସବୁବେଳେ ପ୍ରାଥମିକତା ଦେଇ ଆସିଛନ୍ତି ବୋଲି ସାଂସଦ ପ୍ରକାଶ କରିଥିଲେ । ଏଥି ନିମନ୍ତେ ଗୃହରେ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଜ୍ଞାପନ କରାଯାଇଛି । ଜିଲ୍ଲାରେ ମସଲା ମିଶନ ଆରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ଉଦ୍ୟାନ ଚାଷୀଙ୍କୁ ହଳଦି, ଅଦା, ଲଙ୍କା ଓ ଧନିଆ ଚାଷ କରିବାକୁ ପ୍ରୋତ୍ସାହନ କରାଯାଉଅଛି ବୋଲି ଉଦ୍ୟାନ କୃଷି ଅଧିକାରୀ କହିଥିଲେ । ଜିଲ୍ଲାରେ ହଳଦୀ ଚାଷ ନିମନ୍ତେ ୪୦୭ ହେକ୍ଟର ଜମି ଚିହ୍ନଟ କରାଯାଇଥିଲା । ସେଥି ମଧ୍ୟରୁ ୨୦୦ ହେକ୍ଟର ଜମିରେ ଚାରା ରପଣ କରାଯାଇଛି । ଅଦା ଚାଷ ନିମନ୍ତେ ୨୫ ହେକ୍ଟର ଜମିରୁ ୧୩ ହେକ୍ଟର ଜମିରେ ଚାରା ରପଣ ସରିଛି । ଉତମ ଗୁଣବତା ସମ୍ପନ୍ନ ବିହନ ପ୍ରଦାନ ପାଇଁ ଜିଲ୍ଲପାଳ ଗୁରୁତ୍ୱାରୋପ କରିଛନ୍ତି । ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଏହି ବୈଠକରେ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଏହି ବୈଠକରେ ସାତଟି ବ୍ଲକର ଅଧ୍ୟକ୍ଷ ଓ ଅଧ୍ୟକ୍ଷା, ଜିଲ୍ଲା ପରିଷଦର ସମସ୍ତ ସଦସ୍ୟ ସଦସ୍ୟା, ସମସ୍ତ ଜିଲ୍ଲା ସ୍ତରୀୟ କ୍ଷେତ୍ର ଅଧିକାରୀ ଉପସ୍ଥିତ ଥିଲେ ।

# ଲଜରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଖୋର୍ଦ୍ଧା, ୦୫/୦୭ (ନି.ପ୍ର): ଲଜରୁ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର କରିଛି ଜଟଣୀ ପୋଲିସ । ସୋମବାର ଜଟଣୀ ସୀତାରାମ ଛକରେ ଥିବା ଏକ ଲଜରୁ ଜଣେ ଯୁବତୀଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର ହୋଇଛି । ମୃତ ଯୁବତୀ ଜଣକ ହେଲେ ଭୁବନେଶ୍ୱର ୟୁନିଟ - ୬ ଅଂଚଳର ରଶ୍ମିତା ଏଡଲା । ସୂଚନାନୁଯାୟୀ, ଜଟଣୀ ସୀତାରାମ ଛକରେ ଥିବା କାହ୍ନୁ ଗେଷ୍ଟ ହାଉସକୁ ଗତ ରବିବାର ଅପରାହ୍ନରେ ଜଣେ ଯୁବତୀ ତାଙ୍କର ଜଣେ ପୁରୁଷ ବନ୍ଧୁଙ୍କ ସହିତ ରହିବା ପାଇଁ ଆସିଥିଲେ । ଉଭୟ ସ୍ୱାମୀ ଏବଂ ସ୍ତ୍ରୀର ପରିଚୟ ଦେଇ ରୁମ୍ ବୁକ୍ କରିଥିଲେ । ଲଜ୍ କର୍ମଚାରୀ ନିୟମ ଅନୁଯାୟୀ ପରିଚୟ ପାଇବା ପରେ ଉଭୟ ଯୁବତୀ ଏବଂ ଯୁବକଙ୍କୁ ରହିବା ପାଇଁ ୧୧୩ ନମ୍ବର ରୁମ୍ ଚାବି ଦେଇଥିଲେ । ତେବେ ଲଜ କର୍ମଚାରୀ ଏବଂ ମାଲିକଙ୍କ କହିବା କଥା ଗତ ରବିବାର ରାତି ପ୍ରାୟ ୧୧ଟାରେ ପୁରୁଷ ବନ୍ଧୁ ଜଣକ ବାହାରୁ ଖାଇବା ଆଣିବା ପାଇଁ ଯାଇଥିଲେ । ହେଲେ ଆଉ ଲଜକୁ ଫେରିନଥିଲେ । ତେବେ ସକାଳେ ଗେଷ୍ଟ ହାଉସରେ ସଫେଇ କର୍ମଚାରୀ ରୁମ ସଫା କରିବା ପାଇଁ ଯାଇଥିଲେ । ହେଲେ ଉକ୍ତ ରୁମ ଭିତର ପଟୁ ବନ୍ଦ ରହିଛି । ସଫା କରିବା ପାଇଁ କବାଟ ବଡେଇ ଡାକିଥିଲେ ସଫେଇ କର୍ମଚାରୀ । ହେଲେ ଦୀର୍ଘ ସମୟ ପର୍ଯ୍ୟନ୍ତ କବାଟ ଖୋଲା ନହେବାରୁ କୌଣସି ଅଘଟଣର ଆଶଙ୍କା କରି ଲଜ ମାଲିକ ଜଟଣୀ ଥାନାକୁ ଖବର ଦେଇଥିଲେ । ଖବର ପାଇ ଜଟଣୀ ଥାନା ଅଧିକାରୀ ସୌମ୍ୟକାନ୍ତ ବଳିୟାରସିଂ ଉକ୍ତ ଲଜରେ ପହଂଚି ପ୍ରାଥମିକ ତଦନ୍ତ କରି ମୃତଙ୍କ ପରିବାରକୁ ଖବର ଦେଇଥିଲେ । ଖବର ପାଇ ମୃତ ଯୁବତୀଙ୍କ ସାନ ଭାଇ, ଭିଣୋଇ ଏବଂ ସମ୍ପର୍କୀୟମାନେ ଘଟଣା ସ୍ଥଳରେ ପହଂଚି ଥିଲେ । ଏ ନେଇ ମୃତ ଯୁବତୀଙ୍କ ପରିବାର ପକ୍ଷରୁ ଜଟଣୀ ଥାନାରେ ଲିଖିତ ଅଭିଯୋଗ କରାଯଇଛି । ଏହି ମାମଲାରେ ଜଟଣୀ ପୋଲିସ ୨୩/୨୩ ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା ବେଳେ ଆଜି ସକାଳୁ ସାଇଂଟିଫିକ ଟିମର ତଦନ୍ତ କରିବା ପରେ ମୃତ ଶରୀରକୁ ବ୍ୟବଛେଦ କରି ପରିବାରକୁ ହସ୍ତାନ୍ତର କରାଯିବା ସହ ଅଧିକ ତଦନ୍ତ ଜାରି ରଖିଛି ପୋଲିସ ।

# ବାଙ୍କିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ବନ ମହୋତ୍ସବ ସପ୍ତାହ ପାଳିତ

ଚମ୍ପୁଆ, ୦୫/୦୭ (ନି.ପ୍ର): ଚମ୍ପୁଆ ବ୍ଲକ ରଙ୍ଗାମାଟିଆ ପଂଚାୟତ ଅନ୍ତର୍ଗତ ବାଙ୍କିଆ ଗ୍ରାମ ବାଙ୍କିଆ ସରକାରୀ ଉଚ୍ଚ ବିଦ୍ୟାଳୟରେ ୭୪ ତମ ବନ ମହୋତ୍ସବ ସପ୍ତାହ କେନ୍ଦୁଝର ବନଖଣ୍ଡ ଚମ୍ପୁଆ ବନାଚଂଳ ଆନୁକୂଲ୍ୟରେ ମହାସମାରୋହରେ ପାଳିତ ହୋଇଯାଇଛି । ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ରମଣୀ ରଞ୍ଜନ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଚେତନତା ସଭାରେ ଅତିଥି, ବକ୍ତା ଭାବେ ଏସିଏଫ ଅକ୍ଷୟ ଛତ୍ରୀୟା, ରଙ୍ଗାମାଟିଆ ସରପଂଚ ଶ୍ରୀମତୀ ମାଧୁରୀ ନାଏକ, ଚମ୍ପୁଆ ଫରେଷ୍ଟର କାଳନ୍ଦୀ ସାମଲ, ଉଖୁଣ୍ଡା ଫରେଷ୍ଟର ପ୍ରମୋଦ ବେହେରା, ବନରକ୍ଷୀ ଜ୍ୟୋତି ରୂପା ପାଣି ପ୍ରମୁଖ ଯୋଗ ଦେଇଥିଲେ । ଅତିଥି, ବକ୍ତା ମାନେ ବନ ମହୋତ୍ସବର ତାତ୍ପର୍ଯ୍ୟ, ମାହାତ୍ମ୍ୟ ବର୍ଣ୍ଣନା କରି ଜୀବନ ଚକ୍ରରେ ଜନ୍ମ ଠାରୁ ମୃତ୍ୟୁ ପର୍ଯ୍ୟନ୍ତ ବୃକ୍ଷର ଆବଶ୍ୟକତା ପଡୁଥିବାରୁ ପରିବାରର ସମସ୍ତ ସଦସ୍ୟ ଗଛଟିଏ ଲଗାଇ ତା'ର ଯତ୍ନ କରିବାକୁ ଦିଗଦର୍ଶନ ଦେଇଥିଲେ ।

# ଝାରସୁଗୁଡ଼ାରେ ମହାସମାଧାନ ଶିବିର

ଝାରସୁଗୁଡ଼ା, ୦୫/୦୭ (ନି.ପ୍ର): ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଆଜି ଯୁଗ୍ମ ଜନ ଅଭିଯୋଗ ଶୁଣାଣି(ମହାସମାଧାନ ଶିବିର) ଅନୁଷ୍ଠିତ ହୋଇଛି । ଜିଲ୍ଲାପାଳ ଆବୋଲୀ ସୁନିଲ ନରୱଣେଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଆରକ୍ଷୀ ଅଧିକ୍ଷକ ସ୍ମିତ ପି . ପରମାର, ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ତପିରାମ ମାଝୀ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ଲଙ୍କେଶ୍ୱର ଅମାତ, ଉପ ଜିଲ୍ଲାପାଳ କିଶୋର ଚନ୍ଦ୍ର ସ୍ୱାଇଁ, ଡେପୁଟି କଲେକ୍ଟର ପ୍ରତିମା ପିଙ୍ଗ, ହର୍ମେନ୍ଦ୍ର ଭୋଇ, ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଡୋଳାମଣି ପଟେଲଙ୍କ ସମେତ ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ । ଶିବିରରେ ମୋଟ ୯୧ଟି ଅଭିଯୋଗ ଉପରେ ଶୁଣାଣି କରାଯାଇଥିଲା । ସେଥିମଧ୍ୟରୁ ୧୯ଟି ସାମୁହିକ ଓ ୭୨ଟି ବ୍ୟକ୍ତିଗତ । ଚିକିତ୍ସା ସହାୟତା ବାବଦକୁ ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ୫ହଜାର ଓ ଜିଲ୍ଲା ରେଡ଼କ୍ରସ୍ ପାଣ୍ଠିରୁ ଜଣଙ୍କୁ ୩ହଜାର ଟଙ୍କା ପ୍ରଦାନ କରାଯାଇଛି । ଶିବିରରେ ବେହେରାପାଲି କଟାରେ ସୋଲାର ଇଣ୍ଡଷ୍ଟ୍ରିଜ ପ୍ରାଇଭେଟ ଲିମିଟେଡ଼ ଦ୍ୱାରା ବିଷାକ୍ତ ପାଣି ଛଡ଼ାଯିବା, କୁମୁଡ଼ା ପାଲି ମୌଜାରେ ଶିଳ୍ପ ପ୍ରତିଷ୍ଠା ସକାଶେ ଇଡକୋ ଜରିଆରେ ଚାଷଜମିଗୁଡ଼ିକ ଅଧିଗ୍ରହଣ ଖାରଜ କରାଯିବା, ଫଟାମାଲ ଗ୍ରାମରେ ଉଠାଜଳସେଚନ ପ୍ରକଳ୍ପକୁ ବିଦ୍ୟୁତ ଯୋଗାଣ, କୁରେବଗାରେ କ୍ଷତିଗ୍ରସ୍ତଙ୍କୁ ବେଦାନ୍ତ ପକ୍ଷରୁ ସ୍ଥାୟୀ ନିଯୁକ୍ତି, ରାଜପୁର ଗ୍ରାମରେ ପାନୀୟ ଜଳର ଅବ୍ୟବସ୍ଥା, ଶ୍ରୀପୁରା ଗ୍ରାମରେ ବେଆଇନ ଭାବେ ଆଇରନ ସ୍ଲରି ପଣ୍ଡ୍ ଯୋଗୁ ପ୍ରଦୂଷଣ, ତାଳପଟିଆରେ କୁକୁଡ଼ାଫାର୍ମ ଯୋଗୁ ହେଉଥିବା ପ୍ରଦୂଷଣ, ଇବ୍ ଠାରୁ ବୃନ୍ଦାମାଲ ପର୍ଯ୍ୟନ୍ତ ନୂତନ ଭାବେ ନିର୍ମାଣ ହେଉଥିବା ଫ୍ଲାଇ ଓଭର ପାଇଁ ଜମି ହରାଉଥିବା ଲୋକଙ୍କୁ କ୍ଷତିପୂରଣ ଆଦି ସାମୁହିକ ଅଭିଯୋଗ ଓ ଏମ୍ ସି ଏଲ୍ ଲଖନପୁରରୁ ବେଲପାହାଡ଼ ମାଇନ୍ସ କୋଲ କରିଡର ନିର୍ମାଣ, ସରବାହାଲ କିଷାନ ପଡ଼ାରେ ବ୍ୟବହୃତ ପୋଖରୀରେ ପାଉଁଶ ଡମ୍ପିଂ, ଝାରସୁଗୁଡ଼ା ବସ୍‌ଷ୍ଟାଣ୍ଡ ସ୍ଥାନାନ୍ତର ଓ ବସୁନ୍ଧରା ଯୋଜନାରେ ଜମି ଯୋଗାଣ ଆଦି ବ୍ୟକ୍ତିଗତ ଅଭିଯୋଗ ଉପରେ ଶୁଣାଣି କରାଯାଇଥିଲା ।

# ଓଡିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ସହ କେନ୍ଦ୍ର ସରକାରୀ କର୍ମଚାରୀ ଓ ଶ୍ରମିକ ପରିସଂଘ ରାଜ୍ୟ ସମନ୍ୱୟ ସମିତି ପକ୍ଷରୁ ସ୍ମାରକପତ୍ର ପ୍ରଦାନ

କେନ୍ଦୁଝର, ୦୫/୦୭ (ନି.ପ୍ର): ଅଖିଳ ଭାରତ ରାଜ୍ୟ ସରକାରୀ କର୍ମଚାରୀ ମହାସଂଘର ଆହ୍ୱାନକ୍ରମେ ଓଡିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି କେନ୍ଦୁଝର ଜିଲ୍ଲା ଶାଖା ତରଫରୁ ମୁଖ୍ୟମନ୍ତ୍ରୀ ଓ ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ୭ ଦଫା ଦାବୀର ସ୍ମାରକପତ୍ର ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଛି । ସମନ୍ୱୟ ସମିତି ପକ୍ଷରୁ ଦାଖଲ କରାଯାଇଥିବା ଦାବି ଗୁଡିକ ମଧ୍ୟରେ ସ୍ୱଦେୟ ପେନସନ ବ୍ୟବସ୍ଥାର ବିଲୁପ୍ତିକରଣ ଓ ପୂର୍ବ ପେନସନ ବ୍ୟବସ୍ଥାର ପୁନଃ ପ୍ରଚଳନ, କଂଟ୍ରାକଚୁଆଲ, ଚୁକ୍ତିଭିତିକ ଦିନ ମଜୁରିଆ ଓ ଆଉଟସୋର୍ସିଂ କର୍ମଚାରୀଙ୍କୁ ନିୟମିତ କରିବା, ଜାତୀୟ ସଂପତି ବିକ୍ରୟ ଓ ଘରୋଇ କରଣ ବନ୍ଦ କରିବା, ଟ୍ରେଡ ୟୁନିୟନ କ୍ଷମତାର ସୁରକ୍ଷା ଦେବା, ନୂତନ ଶିକ୍ଷା ନୀତି ବାତିଲ କରିବା, ଜାନୁଆରୀ ୨୦୨୦ ରୁ ଜୁନ୍ ୨୦୨୧ ପର୍ଯ୍ୟନ୍ତ ବକେୟା ୧୮ ମାସର ମହଙ୍ଗା ଭତା ତୁରନ୍ତ ପ୍ରଦାନ କରିବା, ଅଷ୍ଟମ ବେତନ କମିଶନର କମିଟି ଗଠନ କରିବା ଓ ଅନୁକମ୍ପା ମୂଳକ ନିଯୁକ୍ତି ଯୋଜନାରେ ଆରୋପ ହୋଇଥିବା ଭିନ୍ନ ଭିନ୍ନ କଟକଣାକୁ ପ୍ରତ୍ୟାହାର କରି ସଂପୃକ୍ତ ମୃତ କର୍ମଚାରୀଙ୍କର ଉତରାଧିକାରୀଙ୍କୁ ପୂର୍ବ ଭଳି ସ୍ଥାୟୀ ନିଯୁକ୍ତି ପ୍ରଦାନ କରିବାକୁ ଓଡିଶା ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି ଏବଂ କେନ୍ଦ୍ର ସରକାରୀ କର୍ମଚାରୀ ଓ ଶ୍ରମିକ ପରିସଂଘ କେନ୍ଦୁଝର ଜିଲ୍ଲା ଶାଖା ପକ୍ଷରୁ ଦାବି କରାଯାଇଛି । ଏହି ସ୍ମାରକପତ୍ର ପ୍ରଦାନ ସମୟରେ ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତି କେନ୍ଦୁଝର ଜିଲ୍ଲା ଶାଖା ଉପଦେଷ୍ଟା ନିଳମଣୀ ପାଣିଗ୍ରାହୀ, ମହାତ୍ମା ଦେହୁରୀ, ରାଜ୍ୟ ସାଧାରଣ ସଂପାଦକ ସୁଜିତ କୁମାର ନାୟକ, ସଭାପତି ହରେକୃଷ୍ଣ ବେଜ, କାର୍ଯ୍ୟାଳୟ ସଂପାଦକ ପବିତ୍ର ପାତ୍ର, କାର୍ଯ୍ୟକାରୀ ସଭାପତି ସୀତା ଭୋଳ, ମାଧବାନନ୍ଦ ନାୟକ, ବରିଷ୍ଠ କର୍ମଚାରୀ ନେତା ପୂର୍ଣ୍ଣଚନ୍ଦ୍ର ରାଉତ, କୋଷାଧ୍ୟକ୍ଷ ରାମଚନ୍ଦ୍ର ପାଣିଗ୍ରାହୀ, ସଂଗଠନ ସଂପାଦକ ଝରଣା ମହାନ୍ତ, ପୁଷ୍ପଲତା ମହାନ୍ତ ଏବଂ ଗ୍ରାମୀଣ ଡାକସେବା ଜିଲ୍ଲା ସଂପାଦକ ପରମାନନ୍ଦ ଦାସ, ବରିଷ୍ଠ ନେତୃତ୍ୱ ତ୍ରିନାଥ ରଣା, ପୁରୁଷୋତମ ସାହୁ, ବିରଚିଂ ନାଏକ, ରମେଶନନ୍ଦ ସେଠୀ, ପୋଷ୍ଟାଲ କ୍ଲାସ-୩ କୋଷାଧ୍ୟକ୍ଷ ବିଦ୍ୟାଧର ନାଏକ, ପୋଷ୍ଟମ୍ୟାନ୍ ସଂଘର ସହ ସଂପାଦକ କ୍ଷୀରୋଦ ଚନ୍ଦ୍ର ମହାନ୍ତ ଏବଂ ଜିଲ୍ଲାର ବିଭିନ୍ନ ବିଭାଗର ବହୁ କର୍ମଚାରୀ ଉପସ୍ଥିତ ଥିଲେ ।

## ପାଇପ ଚୋରି ମାମଲାରେ ଅଭିଯୁକ୍ତ ଅଦାଲତ ଚାଲାଣ

କୋରେଇ, ୦୫/୦୭ (ନି.ପ୍ର): ପାଇପ ଚୋରି ମାମଲାରେ ପାଣିକୋଇଲି ପୁଲିସ ଆଜ ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରିଛି । ପ୍ରକାଶଯେ ଗତ ଜୁନ ୪ ତାରିଖ ମେଗା ପାନୀୟ ଜଳ ପ୍ରକଳ୍ପ ପାଇଁ ପାଣିକୋଇଲି ଥାନା ଅଧିନସ୍ଥ ମାଳଆନନ୍ଦପୁର ପଂଚାୟତ ଅନ୍ତର୍ଗତ ନମଟିକିରି ଗ୍ରାମରେ ଚାଲିଥିବା କାର୍ଯ୍ୟ ନିକଟରେ ଗଚ୍ଛିତ ଥିବା ପାଇପରୁ ଚୋରି ହେବା ନେଇ ଗ୍ରାମବାସୀ ମାନେ ଏକ ଟ୍ରକ ( ସିଜି ୦୪ଏନଏନ୪୧୩୯) କୁ ଅଟକ ରଖି ପୁଲିସକୁ ଖବର ଦେଇଥିଲେ । ପୁଲିସ ପାଇପ ବୋଝେଇ ଗାଡି ସହ ୨ଜଣଙ୍କୁ ଗିରଫ କରିଥିଲା । ପରେ ଏହି ମାମଲାରେ ଆଉ ଦୁଇ ଜଣଙ୍କୁ ଗିରଫ କରି ଅଦାଲତ ଚାଲାଣ କରଇଥିଲା । ଏହି ମାମଲାରେ ଗତକାଲି ରାତ୍ରୀ ଆଉ ଜଣେ ବାଲେଶ୍ୱର ଜିଲ୍ଲା ଗୋପାଳପୁର ଥାନା କଲ୍ୟାଣୀ ଗ୍ରାମର ଦୁର୍ଯ୍ୟୋଧନ ନାୟକଙ୍କ ପୁଅ ଶୁସାନ୍ତ କୁମାର ନାୟକ(୫୬)କୁ ଗିରଫ କରାଯାଇ ଦଫା ୩୭୯, ୩୪ ଆଇପିସିରେ ଅଦାଲତ ଚାଲାଣ କରାଯାଇଛି ।

# ଉଚ୍ଚତର ଚିକିତ୍ସା ପରେ ଏବେ ଚାଲିପାରୁଛି ସାଇ ଗୋଲରୀ

ମାଲକାନଗିରି, ୦୫/୦୭ (ନି.ପ୍ର): ମାଲକାନଗିରି ଜିଲ୍ଲା ସଦରମହୁକୁମା ଦୁର୍ଗାଗୁଡ଼ି ସାହିର ସାଇ ଗୋଲରୀ । ଦୁଇ ବର୍ଷ ପୂର୍ବେ ଏକ ପାଳ ଗଦାରେ ପିଲାମାନଙ୍କ ସହ ଖେଳିବା ସମୟରେ ଗୋଡ଼ରେ ନିଆଁ ଲାଗିଯାଇଥିଲା । ତୁରନ୍ତ ପରିବାର ଲୋକେ ମାଲକାନଗିରି ମୁଖ୍ୟ ଚିକିତ୍ସାଳୟକୁ ନେଇ ଚିକିତ୍ସା କରିଥିଲେ । କିନ୍ତୁ, ପରିବାରର ଆର୍ଥିକ ସମସ୍ୟା ଯୋଗୁଁ ପିଲାର ଦୁଇଟି ଗୋଡର ଜଂଘ ଓ ଗୋଡ଼ର ମାଂସ ଲାଗିଯାଇଥିଲା । ପରବର୍ତ୍ତୀ ସମୟରେ ଆଉ ଚାଲି ପାରିଲାନାହିଁ ସେ । ଦୁଇ ବର୍ଷରୁ ଅଧିକ ସମୟ ହେବ ଆର୍ଥିକ ଅସୁବିଧା ଯୋଗୁଁ ଘର ଲୋକ ଆଉ କୌଣସି ମେଡିକାଲକୁ ମଧ୍ୟ ନେଇ ପାରିଲେ ନାହିଁ । ଏହି ଖବର ପୋଲିସରେ କାର୍ଯ୍ୟରତ ଜଣେ ସିପାହୀ ଭୀମସେନ ଖିଲ ଶୁଣିବା ପରେ ତାଙ୍କ ଘରକୁ ଯାଇ ସାଇକୁ ଦେଖି ସମ୍ପୂର୍ଣ୍ଣ ଅନୁଧ୍ୟାନ କରି ମାଲକାନଗିରି ମୁଖ୍ୟ ଚିକିତ୍ସାଳୟର ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର ମ୍ୟାନେଜର ହରିବନ୍ଧୁ ଦେଶୀନାୟକ ଏବଂ ମାଥିଲି ମେଡିକାଲରେ କାର୍ଯ୍ୟରତ ଫାର୍ମାସିଷ୍ଟ ରଞ୍ଜନ କୁମାର ଭୂୟାଁଙ୍କୁ ଜଣାଇଥିଲେ । ମାଲକାନଗିରି ରାଷ୍ଟ୍ରୀୟ ବାଲ ସ୍ୱାସ୍ଥ୍ୟ ଅଫିସ ସମ୍ପୂର୍ଣ୍ଣ ସହଯୋଗ କରି ତାର ଉଚ୍ଚତର ଚିକିତ୍ସା ପାଇଁ ପଠାଇଥିଲେ ଏବଂ ଗରିବ ପରିବାରକୁ ଆର୍ଥିକ ସହଯୋଗ ପୋଲିସରେ କାର୍ଯ୍ୟରତ ରାଜାଭାଇ ଓ ସମାଜସେବୀ ଚିଟି ଭାଇ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ । ସାଇ ଗୋଲରୀ ସମ୍ପୂର୍ଣ୍ଣ ମାଗଣାରେ ଚିକିତ୍ସା ହୋଇ ଏବେ ଘରକୁ ଆସି ବର୍ତମାନ ଚାଲି ପାରୁଥିବାରୁ ତାଙ୍କ ଘର ଲୋକ ବହୁତ ଖୁସି ଅଛନ୍ତି ।

# ଦଳିତ ସାହିକୁ ହୋଇପାରୁନି ପକ୍କା ରାସ୍ତା

କେନ୍ଦ୍ରାପଡ଼ା, ୦୫/୦୭ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲାରେ ଅନେକ ଉନ୍ନୟନ ମୂଳକ କାର୍ଯ୍ୟ ହେଉଥିବା ବେଳେ ଦୁର୍ଭାଗ୍ୟ ବଶତଃ ସ୍ୱାଧିନତାର ୭୬ ବର୍ଷ ପରେ ମଧ୍ୟ ଦଳିତ ସାହିକୁ ରାସ୍ତା ହୋଇପାରୁ ନାହିଁ । କେନ୍ଦ୍ରାପଡା ଜିଲ୍ଲା ଡେରାବିଶ ବ୍ଲକ ଅନ୍ତର୍ଗତ ମଙ୍ଗଳପୁର ପଂଚାୟତର ଦଳିତ ସାହି ରାସ୍ତା ଅବହେଳିତ ଅବସ୍ଥାରେ ପଡି ରହିଛି । ଦୀର୍ଘ ବର୍ଷ ହେଲା ଏହି ମାଟି ରାସ୍ତା ଦେଇ ଦଳିତ ଲୋକ ମାନେ ଯିବା ଆସିବା କରୁଛନ୍ତି । ଏହି ରାସ୍ତାରେ ଦମକଳ, ଆମ୍ବୁଲାନ୍ସ, ସ୍କୁଲ ଭ୍ୟାନ ଆଦି ଯାତାୟତ କରିପାରୁ ନାହିଁ । ବିଶେଷକରି ବର୍ଷାଦିନେ ଏହି ରାସ୍ତାରେ ଆଣ୍ଠୁଏ ଲେଖାଏଁ କାଦୁଅ ହେଉଥିବାରୁ ସ୍କୁଲକୁ ଯାଉଥିବା ଛାତ୍ରଛାତ୍ରୀ ମାନେ ସାଇକେଲ ଧରି ଯିବାପାଇଁ ନାକେଦମ୍ ହେଉଛନ୍ତି । ତାଙ୍କର ଜୋତା, ଲୁଗାପଟା ସବୁ ଖରାପ ହୋଇ ଯାଉଛି । ଏ ବିଷୟରେ ବାରମ୍ବାର ବ୍ଲକ ପ୍ରଶାସନ, ଜିଲ୍ଲା ପ୍ରଶାସନ ନିକଟରେ ଅଭିଯୋଗ ହେଲେ ମଧ୍ୟ ଏପର୍ଯ୍ୟନ୍ତ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ନାହିଁ ।

# ଋଣ କାରଣରୁ ଦମ୍ପତିଙ୍କ ଆତ୍ମହତ୍ୟା ଘଟଣା

## ଓଡ଼ିଶାରେ ପୁଣି ଚିଟଫଣ୍ଡ ଭଳି ରାହାଜାନି ଚଳାଇଛନ୍ତି ଘରୋଇ ଫାଇନାନ୍ସ କମ୍ପାନୀ : ବିଜେପି

ଭୁବନେଶ୍ୱର, ୦୫/୦୭ (ନି.ପ୍ର): ଓଡ଼ିଶାରେ ଚିଟଫଣ୍ଡ ସଂସ୍ଥା ନୂଆ ରୂପରେଖରେ ଲୋକଙ୍କ ପାଖକୁ ଫେରିଛି। ଲୋକେ ଝାଳବୁହା ଧନ ଓ ଜୀବନର ପୁଞ୍ଜିକୁ ଘରୋଇ କମ୍ପାନୀମାନଙ୍କଠାରେ ରଖିଥିଲେ। ସେହି ଟଙ୍କାକୁ ଚିଟଫଣ୍ଡ କମ୍ପାନୀମାନେ ଲୁଟ୍ କଲାବେଳେ ରାଜ୍ୟ ସରକାର ଓ ଶାସକ ଦଳର ବିଚିତ୍ର ଭୂମିକା ଥିଲା। ରାଜ୍ୟ ସରକାର ଚିଟଫଣ୍ଡ କମ୍ପାନୀର ବ୍ରାଣ୍ଡ ଆମ୍ବାସିଡର ହୋଇ ଲୋକଙ୍କୁ ଭୂଆଁ ବୁଲାଇଲେ। ପରବର୍ତୀ କାଳରେ ଚିଟଫଣ୍ଡ କମ୍ପାନୀ ନାଁରେ ଆନ୍ଦୋଳନ, କେସ ହେଲା ଓ କମିସନ ବସିଲା। ସରକାର ୩ଶହ କୋଟି ଟଙ୍କାର କର୍ପସ ଫଣ୍ଡ କଲେ ଜମାକାରୀମାନଙ୍କୁ ତାଙ୍କ ଅର୍ଥ ଫେରାଇବା ପାଇଁ। ସବୁନାଟକ ପରେ ବି ଜମାକାରୀ ଟଙ୍କାଟିଏ ପାଇଲେ ନାହିଁ କି ରାଜ୍ୟ ସରକାର ଶିକ୍ଷାଲାଭ କଲେ ନାହିଁ ବୋଲି ରାଜ୍ୟ ସାଧାରଣ ସମ୍ପାଦକ ଡ.ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି। ରାଜ୍ୟ କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀ କରି ଡ.ଲେଖାଶ୍ରୀ କହିଛନ୍ତି ଯେ, ଭୁବନେଶ୍ୱରରେ ଡେଙ୍ଗୁ ଯେମିତି ବ୍ୟାପିଛି ବେସରକାରୀ ଅନିୟନ୍ତ୍ରିତ ଫାଇନାନ୍ସ କମ୍ପାନୀମାନେ ଠିକ୍ ସେମିତି ଓଡ଼ିଶାସାରା ମାତିଛନ୍ତି। ଆଜିବି ଓଡ଼ିଶାରେ ମହାଜନୀ କାରବାର ଚାଲିଛି ଯାହାକୁ ରାଜ୍ୟ ସରକାର ପ୍ରୋତ୍ସାହନ ଦେଉଛନ୍ତି। ଘରୋଇ ଫାଇନାନ୍ସ କମ୍ପାନୀମାନେ ଗାଁରେ ମହିଳାଙ୍କୁ ଏକାଠ କରି ବୈଠକ କରିବା ସହ ଜବରଦସ୍ତ ଋଣ ଦେଉଛନ୍ତି। ଏହି ମହିଳାମାନେ ଋଣ ପରିଶୋଧ ନକରିପାରିବା ପରେ ସେମାନେ ତାଙ୍କୁ ମାନସିକ ନିର୍ଯ୍ୟାତନା, ଅପମାନ ଦେବା ସହ ଆମ୍ବହତ୍ୟାକରିବାକୁ ବାଧ କରୁଛନ୍ତି। ଏହି ଘରୋଇ ଫାଇନାନ୍ସ କମ୍ପାନୀଙ୍କ ପାଇଁ ଜୁଲାଇ ୧ରେ ବଲାଙ୍ଗିର ଜିଲ୍ଲାର ଓଡ଼ିଆପଲ୍ଲୀ ଗାଁରେ ଡ୍ରାଇଭର ତାରାକାନ୍ତ ସାହୁ ଋଣଭାର ସହିନପାରି ଟ୍ରେନ ସାମ୍ନାକୁ ଡେଇଁ ଜୀବନ ହାରିଥିଲେ। ସେହିପରି ଜୁଲାଇ ୨ରେ ପୁରୀ ଜିଲ୍ଲା କଣାସ ବ୍ଲକ ଅଁଳାଯୋଡି ଗାଁର ବାନାମ୍ବର ବେହେରା ଓ ବନିତା ବେହେରା ଋଣ କରିଥିଲେ ଓ ଏସକେଏସ କମ୍ପାନୀର କର୍ମଚାରୀ ବର୍ଷାରାଣୀ ସାହୁ ତାଙ୍କୁ ଗାଳି ଗୁଲଜ କରି ଅପମାନିତ କରିବାରୁ ସେମାନେ ଆତ୍ମହତ୍ୟା କଲେ। ଜୁଲାଇ ୪ତାରିଖ ଦିନ ଭଦ୍ରକ ଜିଲ୍ଲାର ତିହିଡି ଥାନା କାମପଡା ପଂଚାୟତ ବରଣାକୂଳ ଗାଁର ଉପେନ୍ଦ୍ର ମଲ୍ଲିକ(୫୦) ଓ ପତ୍ନୀ ମିନତୀ ଦେବୀ(୪୫) ଋଣଭାର ସହି ନପାରି ଆତ୍ମହତ୍ୟା କରିଛନ୍ତି। ଜୁଲାଇ ୪ରେ ଦଶପଲ୍ଲା ବ୍ଲକ ଚଢ଼େଇଆପଲ୍ଲୀ ଗ୍ରାମ ପଂଚାୟତରେ ଦମ୍ପତି ଆତ୍ମହତ୍ୟା କରିଛନ୍ତି। ଚାନ୍ଦବାଲିଠାରେ ବନ୍ଧନ ବ୍ୟାଙ୍କ ଏସ୍ଏଚଜି ମାଧ୍ୟମରେ ମହିଳାଙ୍କୁ ଋଣ ଦେଇଥିଲା। ଋଣ ସୁଝି ନପାରିବାରୁ ତାଙ୍କ ସ୍ୱାମୀଙ୍କୁ ବନ୍ଧା ଯାଇଥିଲା।

ଘରୋଇ ଫାଇନାନ୍ସ କମ୍ପାନୀମାନଙ୍କ ପାଇଁ ଓଡ଼ିଶାରେ ଚଳିତ ସପ୍ତାହରେ ୫ଜଣଙ୍କ ମୃତ୍ୟୁ ହେବା ସହ ଲକ୍ଷାଧିକ ଠକେଇ ହେଉଛି। ମୃତକଙ୍କ ପରିବାକୁ ୨୦ଲକ୍ଷ ଟଙ୍କା ସହାୟତା ପ୍ରଦାନ କରନ୍ତୁ ରାଜ୍ୟ ସରକାର। ୨୩ବର୍ଷ ବିଜେଡି ଶାସନ କରିବା ପରେ ଓଡ଼ିଶା ଲୋକଙ୍କୁ ରାଜ୍ୟ ସରକାର ବୁଡାଇ ଦେଇଛନ୍ତି। ଘରୋଇ ଫାଇନାନ୍ସ ସଂସ୍ଥାମାନେ ମହିଳା ଏସଏଚଜିଙ୍କୁ ଋଣ ଦେବାରେ କାହାର ଭୂମିକା ରହିଛି। ବିଜୁ ଜନତା ଦଳର ନେତା, ମନ୍ତ୍ରୀମାନେ ଘରୋଇ କମ୍ପାନୀମାନଙ୍କୁ ପ୍ରୋତ୍ସାହନ ଦେଉଛନ୍ତି। ଏସଏଚଜି ମହିଳାଙ୍କ ବୈଠକ କରି ଟଙ୍କା ଋଣ ନେବାକୁ ବାଧ କରୁଛନ୍ତି। ଟଙ୍କା ନସୁଝି ପାରିବା ପରେ ତାଙ୍କୁ ଆମ୍ବହତ୍ୟା କରିବାକୁ ବାଧ କରୁଛନ୍ତି। ଏଭଳି ମାରାତ୍ମକ ଫାଇନାନ୍ସ କମ୍ପାନୀମାନଙ୍କୁ ଓଡ଼ିଶାରେ ପ୍ରଶ୍ରୟ କିଏ ଦେଲା ? ଓଡ଼ିଶାରେ କେତେ ଘରୋଇ ଫାଇନାନ୍ସ କମ୍ପାନୀ ଅଛି ତାହାର ହିସାବ ଅଛି କି ? ଘରୋଇ ଫାଇନାନ୍ସ କମ୍ପାନୀକୁ କିଏ ନିୟନ୍ତ୍ରଣ କରୁଛି। ଘରୋଇ ଫାଇନାନ୍ସ କମ୍ପାନୀ ୩୦ପ୍ରତିଶତରୁ ଅଧିକ ସୁଧ ନେଉଛନ୍ତି ତାହା ରାଜ୍ୟ ସରକାରଙ୍କ ଗାଇଡରେ ଅଛି ତ ? ରାଜ୍ୟ ସରକାର ଲାଇସେନ୍ସ ଦେବାର ମେକାନିଜିମ୍ ଅଛି କି ? ଏମାନେ କାହାକୁ ଋଣ ଦେବେ ସେମାନେ ଋଣ ସୁଝି ପାରିବେ କି ନାହିଁ। ଏସଏଚଜି, ଘରୋଇ ଫାଇନାନ୍ସ କମ୍ପାନୀ ଓ ରାଜ୍ୟ ସରକାରଙ୍କ ଭିତରେ କଣ ମଧୁଚନ୍ଦ୍ରିକା ଅଛି ତାହା ରାଜ୍ୟ ସରକାର ସ୍ପଷ୍ଟ କରନ୍ତୁ ବୋଲି ଡ.ଲେଖାଶ୍ରୀ କହିଛନ୍ତି। ବିଜେଡିର ନେତା ଓ ପୋଲିସ ଅଧିକାରୀ ମୃତ ବନିତାଙ୍କ ଘରେ ପଂହଚିଥିଲେ ଓ ପରିବାର ଲୋକଙ୍କୁ କହିଲେ ଯେ, ଘରୋଇ କମ୍ପାନୀ ନାଁରେ ଏଫଆଇଆର ଦିଅ ନାହିଁ। ଏମାନେ କାହିଁ କମ୍ପାନୀର ମୁଖପାତ୍ର ହୋଇଛନ୍ତି ତାହା ରାଜ୍ୟ ସରକାର ଉତର ଦିଅନ୍ତୁ। ଗାଇଡ ଲାଇନ ପ୍ରସ୍ତୁତ କରନ୍ତୁ ରାଜ୍ୟ ସରକାର। ବିଜେପି ଆହ୍ୱାନ ଦେଉଛି ଋଣକାରୀମାନେ ମାଇକ୍ରୋ ଫାଇନାନ୍ସର ଇନଷ୍ଟଲ ଭରିବେ ନାହିଁ। ଗରୀବ ଲୋକଙ୍କୁ ଶୋଷଣ କରିବାରେ ନୂଆ ମାଧ୍ୟମ ପାଇଛନ୍ତି ରାଜ୍ୟ ସରକାର। ଓଡ଼ିଶାର ବାସ୍ତବିକ ବିକାଶର ସ୍ଥିତିକୁ ବିଜେଡିର ନେତା,ମନ୍ତ୍ରୀମାନେ ଦେଖନ୍ତୁ ବୋଲି ଡ. ଲେଖାଶ୍ରୀ କହିଛନ୍ତି।ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ରମାରଞ୍ଜନ ବଳିୟାରସିଂହ, ରାଜ୍ୟ ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ସୁରଥ ବିଶ୍ୱାଳ, ରାଜ୍ୟ କାର୍ଯ୍ୟକାରିଣୀ ଓମ୍ ପ୍ରକାଶ ମିଶ୍ର, ଲିଗାଲ୍ ସେଲ ରାଜ୍ୟ ସଂଯୋଜକ ଜୟନ୍ତ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ଖୋର୍ଦ୍ଧା ବ୍ଲକରେ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ

ଖୋର୍ଦ୍ଧା , ୦୫/୦୭ (ନି.ପ୍ର): ଖୋର୍ଦ୍ଧା ପଂଚାୟତ ସମିତି କାର୍ଯ୍ୟାଳୟ ପରିସର ରେ ଆଜିର ପ୍ରତ୍ୟେକ୍ଷ ମିଳିତ ଜନ ଶୁଣାଣି ଶିବିର ଅନୁଷ୍ଠିତ ହୋଇ ଯାଇଛି . ଆଜି ମୋଟ ୬୫ ଗୋଟି ଆପତ୍ତି ଅଭିଯୋଗ ଦାଖଲ ହୋଇ ଥିବା ବେଳେ ସେଥିମଧ୍ୟରୁ ୪୨ ଟି ଅଭିଯୋଗ ବ୍ୟକ୍ତିଗତ ଥିଲାବେଳେ ୧୬ ଟି ବିଭିନ୍ନ ଗ୍ରାମର ସାମୁହିକ ସମସ୍ୟା ଥିଲା, ୬ ଟି ଅଭିଯୋଗ ର ସ୍ଥଳ ବିଶେଷ ରେ ତତ୍କାଳ ସମାଧାନ କରାଯାଇଥିଲା ଏବଂ ୧ ଜଣଙ୍କୁ ରେଡ଼କ୍ରସ ସହାୟତା ପାଣ୍ଠି ରୁ ୫,୦୦୦ଟଙ୍କା ର ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା । ଆଜିର ମିଳିତ ଜନ ଶୁଣାଣି ଅବସରରେ ଜିଲ୍ଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀ ଅଧକ୍ଷତା କରିଥିବାବେଳେ ଆରକ୍ଷୀ ଅଧିକ୍ଷକ, ସିଦ୍ଧାର୍ଥ କାଟାରିଆ, ଅତିରିକ୍ତ ଜିଲ୍ଲାପାଳ ସାଫଲ୍ୟ ମଣ୍ଡିତ ପ୍ରଧାନ, ଉପ -ଜିଲ୍ଲାପାଳ, ଦୀପ୍ତି ରଞ୍ଜନ ସେଠି, ତହସିଲଦାର, ଖୋର୍ଦ୍ଧା ବିଭାସ ରଞ୍ଜନ ପାଣିଗ୍ରାହୀ,ସି . ଡ଼ି ଏମ. ଓ., ଡ଼ ଆର୍ତ୍ତବନ୍ଧୁ ନାୟକ,ଆଶିଷ୍ଟାଣ୍ଟ କଲେକ୍ଟର, ଗ୍ରୀଭାନ୍ସ୍. ଡ଼ି. ଓ, ଖୋର୍ଦ୍ଧା ଖିରାବ୍ଧି ତନୟା ସାହୁ ଅନ୍ୟ ବିଭାଗୀୟ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ସାମାଜିକ ନ୍ୟାୟ ଅଭିଯାନ ତରଫରୁ ସଂଖ୍ୟାନୁପାତିକ ସଂରକ୍ଷଣ ଦାବି

## ଆଡ଼ଭୋକେଟ ଅବନୀ ମହାନ୍ତ ଜିଲ୍ଲା ସଂଯୋଜକ ମନୋନୀତ




ବାରିପଦା , ୦୫/୦୭ (ନି.ପ୍ର): ସ୍ଥାନୀୟ ଦାରଗାଡାହି ଠାରେ ସାମାଜିକ ନ୍ୟାୟ ଅଭିଯାନ, ମୟୂରଭଞ୍ଜର ଆନୁକୂଲ୍ୟରେ ବିଭିନ୍ନ ବର୍ଗର ଅଗ୍ରଣୀ ସଂଗଠକ ମାନଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଡଭୋକେଟ୍ ଅବନୀ କୁମାର ମହାନ୍ତଙ୍କ ଅଧକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଓଡ଼ିଶାରେ ବସବାସ କରୁଥିବା ୫୪% ଅନ୍ୟାନ୍ୟ ପଛୁଆ ବର୍ଗଙ୍କୁ ମଣ୍ଡଳ କମିଶନଙ୍କ ସୁପାରୀଶ ମୁତାବକ ଚାକିରୀ ଓ ଶିକ୍ଷାରେ ୨୭% ସଂରକ୍ଷଣ ପ୍ରଦାନ ପାଇଁ ତଥା ଅନୁସୂଚୀତ ଜାତି ଓ ଜନଜାତିମାନଙ୍କୁ ଶିକ୍ଷା କ୍ଷେତ୍ରରେ ସଂଖ୍ୟାନୁପାତରେ ୪୦% ସଂରକ୍ଷଣ ସୁବିଧା ଦେବା ପାଇଁ ଦାବୀ କରାଯାଇଛି । ଓବିସି ମାନଙ୍କୁ ଶିକ୍ଷାରେ ୨୭% ସଂରକ୍ଷଣ ନମିଳିବା ଯୋଗୁଁ ପ୍ରତିବର୍ଷ ଏହି ବର୍ଗର ୭୦୦ ଛାତ୍ରଛାତ୍ରୀ ଏମବିବିଏସ ନାମ ଲେଖାରୁ ବଞ୍ଚିତ ହେଉଛନ୍ତି । ଇଞ୍ଜିନିୟରିଂ ଓ ଅନ୍ୟାନ୍ୟ ଉଚ୍ଚ ଶିକ୍ଷାରେ ମଧ ବହୁ ଆସନ ହରାଉଛନ୍ତି । ଚାକିରୀରେ ଏମାନଙ୍କୁ ମାତ୍ର ୧୧.୨୫% ମିଳୁଛି । ଏମାନଙ୍କୁ ୨୭% ସଂରକ୍ଷଣ ନମିଳିବା ଯୋଗୁଁ ବିଗତ ୧୫ ବର୍ଷରେ ଏମାନେ ପ୍ରାୟ ୫ ଲକ୍ଷ ଚାକିରୀ ହରାଇଛନ୍ତି । ସେହିପରି ଏସଟି ଓ ଏସସିଙ୍କ ସଂଖ୍ୟା ରାଜ୍ୟରେ ୪୦% ହୋଇଥିଲେ ହେଁ ତାଙ୍କୁ ଉଚ୍ଚ ଶିକ୍ଷାରେ ମାତ୍ର ୨୦% ସଂରକ୍ଷଣ ସୁବିଧା ମିଳୁଛି । ଫଳରେ ପ୍ରତିବର୍ଷ ଏହି ବର୍ଗର ୪୦୦ ଛାତ୍ରଛାତ୍ରୀ ଏମବିବିଏସ ନାମ ଲେଖାରୁ ବଞ୍ଚିତ ହେଉଛନ୍ତି । ସେହିପରି ଇଞ୍ଜିନିୟରିଂ ଓ ଅନ୍ୟାନ୍ୟ ଉଚ୍ଚ ଶିକ୍ଷାନୁଷ୍ଠାନରେ ବହୁ ଛାତ୍ରଛାତ୍ରୀ ନାମ ଲେଖାରୁ ବଞ୍ଚିତ ହେଉଛନ୍ତି । ଆଗାମୀ ଦିନରେ ଏ ଦାବୀକୁ ନେଇ ଆନ୍ଦୋଳନ ତୀବ୍ରତର ହେବ ବୋଲି ବୈଠକରେ ନିଷ୍ପତି ଗ୍ରହଣ କରାଯାଇଛି । ବୈଠକରେ ଏଡଭୋକେଟ ଅବନୀ ମହାନ୍ତଙ୍କୁ ସାମାଜିକ ନ୍ୟାୟ ଅଭିଯାନର ଜିଲ୍ଲା ସଂଯୋଜକ ଭାବେ ମନୋନୀତ କରାଯାଇଛି । ବୈଠକରେ ଅନ୍ୟ ମାନଙ୍କ ମଧରେ ପଟ୍ଟାବିହୀନ ବାସିନ୍ଦା ସଂଘର ସଭାପତି ନନ୍ଦ କୁମାର ମହାପାତ୍ର, କୁଡୁମି-ମହାନ୍ତ ମହାସଭାର ମହାସଚିବ ବସନ୍ତ କୁମାର ମହାନ୍ତ, ଦଳିତ ଆଦିବାସୀ ମହାସଭାର ସଭାପତି ରାକେଶ ସିଂ, ଓଡିଶା ଓବିସି ମଞ୍ଚର ଉପସଭାପତି ଅଧାପକ ଗୋପବନ୍ଧୁ, ସାମାଜିକ କର୍ମକର୍ତ୍ତା ଚନ୍ଦନ କିସ୍କୁ,କଂଗ୍ରେସର ରାଜ୍ୟ ମିଡିଆ ସଂଯୋଜକ ଓବିସି ସେଲର ସୁକୁମାର ରଞ୍ଜନ ପ୍ରଧାନ, ରାଜ୍ୟ ଅନୁସୂଚିତ ଜାତି କଲ୍ ?ଯାଣ ସମିତିର ସମ୍ପାଦକ କରମଚାନ୍ଦ କାଳନ୍ଦି, ଅଦିମ କୁଡୁମି ସମାଜର ସଭାପତି ପଦ୍ମଲୋଚନ ମହାନ୍ତ, ଯାଦବ ସମାଜରୁ ପ୍ରତାପ ଚନ୍ଦ୍ର ମହାକୁଡ଼, କୁବେର ସମାଜରୁ ଭବନୀ ଶଙ୍କର ସାହୁ, କୁମ୍ଭକାର ସମାଜରୁ ନରେନ୍ଦ୍ର ବେହେରା, ନାପିତ ସମାଜରୁ କାଶୀନାଥ ମହାନା, ଆମ୍ବେଦକର ସୋସାଇଟୀର ସହ ସମ୍ପାଦକ ମହେଶ୍ୱର ସେଠୀ, ନିଆରୀ ସମାଜରୁ ଲିଙ୍ଗରାଜ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ ....

## ସଂଖ୍ୟା ଖେଳରେ...

ପାୱାରଙ୍କୁ ଏନସିପିର ୫୩ ବିଧାୟକଙ୍କ ମଧ୍ୟରୁ ୩୬ ଜଣଙ୍କ ସମର୍ଥନ ଆବଶ୍ୟକ। ଆଜି ଅଜିତ ପାୱାର ଡାକିଥିବା ବୈଠକରେ ପ୍ରାୟ ୩୦ ଜଣ ବିଧାୟକ ଯୋଗ ଦେଇଥିଲେ। ଆଗକୁ ଏହି ସଂଖ୍ୟା ବଢ଼ିବ ବୋଲି ଅଜିତ ପାୱାରଙ୍କ ଗୋଷ୍ଠୀ ଦାବି କରିଛି। ଏନସିପିର ୮ ବିଧାନ ପରିଷଦ ସଦସ୍ୟଙ୍କ ମଧ୍ୟରୁ ୫ ଜଣ ଆଜି ଅଜିତ ପାୱାରଙ୍କ ଗ୍ୟାଙ୍ଗରେ ନଜର ଆସିଛନ୍ତି। ଅଜିତ ପାୱାର କ୍ୟାମ୍ପର ପ୍ରମୁଖ ନେତା ଛଗନ ଭୁଜବଳ କହିଛନ୍ତି, ଆମ ସହ ୪୦ରୁ ଅଧିକ ବିଧାୟକ ଓ ବିଧାନ ପରିଷଦ ସଦସ୍ୟ ରହିଛନ୍ତି। ଏନସିପିର ସାଂସଦମାନେ ମଧ୍ୟ ଆମକୁ ସମର୍ଥନ କରିଛନ୍ତି। ଆମେ ଶପଥ ନେବା ପୂର୍ବରୁ ସବୁ କିଛି ନିଶ୍ଚିତ କରିଥିଲୁ। ଆମେ କିଛି ନ ଚିନ୍ତା କରି ଶପଥ ନେଇଥିବା ଭାବିବା ଭୁଲ ବୋଲି ସେ କହିଛନ୍ତି। ଅନ୍ୟପକ୍ଷରେ ୧୯୯୯ରେ ଏନସିପି ପ୍ରତିଷ୍ଠା କରିଥିବା ୮୩ ବର୍ଷୀୟ ଶରଦ ପାୱାର ମଧ୍ୟ ଆଜି ସମାନ୍ତରାଳ ଭାବେ ଦଳୀୟ ବିଧାୟକଙ୍କ ବୈଠକ ଡାକିଥିଲେ। ଯଶବନ୍ତରାଓ ଚୌହାନ କେନ୍ଦ୍ରରେ ଅନୁଷ୍ଠିତ ଏହି ବୈଠକରେ ମାତ୍ର ୧୪ ଜଣ ଏନସିପି ବିଧାୟକ ସାମିଲ ହୋଇଥିଲେ। ଏହାର ଅର୍ଥ ବାକି ବିଧାୟକ ଅଜିତ ପାୱାରଙ୍କୁ ସମର୍ଥନ କରିଛନ୍ତି। ଯଦି ଏପରି ହୁଏ, ତା'ହେଲେ ଅଜିତ ପାୱାର ଆଣ୍ଡ କୋଙ୍କ ଉପରେ ଦଳ ବଦଳ ଆଇନ ଲାଗୁ ହୋଇପାରିବ ନାହିଁ। ସେମାନଙ୍କୁ ପ୍ରକୃତ ଏନସିପି ନେତାର ମାନ୍ୟତା ମିଳିବ। ଶରଦ ପାୱାର ଡାକିଥିବା ବୈଠକରେ ସୁପ୍ରିୟା ସୁଲେ, ଅନୀଲ ଦେଶମୁଖ ଓ ଜୟନ୍ତ ପାଟିଲଙ୍କ ଭଳି ହେଭିୱେଟ ରହିଥିଲେ। ବୈଠକ ପୂର୍ବରୁ ସୁଲେ ସମସ୍ତ ଏନସିପି ବିଧାୟକଙ୍କୁ ଶରଦ ପାୱାରଙ୍କ ସହ ହାତ ମିଳାଇବାକୁ ଆହ୍ୱାନ ଦେଇଥିଲେ। କିନ୍ତୁ ଏହି ବୈଠକରେ କେବଳ ୧୪ ଜଣ ବିଧାୟକ ହିଁ ସାମିଲ ହୋଇଛନ୍ତି।

## ଏନସିପିର ଚିହ୍ନ ପାଇଁ ନିର୍ବାଚନ....

ଅଜିତ ପାୱାର ବିଦ୍ରୋହ କରିଥିବାରୁ ତାଙ୍କ ବିରୋଧରେ ଦଳ ବଦଳ ନିରୋଧ ଆଇନ ବଳରେ କାର୍ଯ୍ୟାନୁଷ୍ଠାନ ହୋଇପାରେ। କିନ୍ତୁ ସେ ଏହାକୁ ଅଟକାଇବା ପାଇଁ ୩୬ ଜଣ ବିଧାୟକଙ୍କ ସମର୍ଥନ ଚାହୁଁଛନ୍ତି। ଆଜି ସେ ଡାକିଥିବା ବୈଠକରେ ୩୦ ଜଣ ବିଧାୟକ ସାମିଲ ହୋଇଥିଲେ। ତଥାପି ସେ ୪୦ ବିଧାୟକଙ୍କ ସମର୍ଥନ ଥିବା ଦାବି କରି ଏନସିପିର ଦଳୀୟ ଚିହ୍ନ ଓ ନାଁ ପାଇଁ ଦାବି କରିଛନ୍ତି। ଏନସିପିରେ ସୃଷ୍ଟି ହୋଇଥିବା ବିଦ୍ରୋହ ଓ ପ୍ରକୃତରେ ଦଳୀୟ ନେତାଙ୍କ ସମର୍ଥନ କାହା ସପକ୍ଷରେ ରହିଛି, ତା'ର ବିଚାର ନିର୍ବାଚନ କମିଶନ କରିବେ। ଅଜିତ ପାୱାର ଦଳକୁ ଦଖଲ କରିବା ପାଇଁ ଦାବି କରିଥିବାରୁ ନିର୍ବାଚନ କମିଶନ ଶରଦ ପାୱାରଙ୍କୁ ନୋଟିସ କରିବେ। ଏହାପରେ ପରବର୍ତ୍ତୀ ପ୍ରକ୍ରିୟା ଆରମ୍ଭ କରାଯିବ। ଉଭୟ ପକ୍ଷଙ୍କୁ ନିର୍ବାଚନ କମିଶନ ଆବଶ୍ୟକ ଦସ୍ତାବିଜ ଦାଖଲ କରିବାକୁ ମଧ କହିବେ।

## ତାମୁଲିଆ ଓଭର ବ୍ରିଜ....

ସମସ୍ତଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସାମାନ୍ୟ ଆହତ ହୋଇଥିବା ଅଧିକାଂଶ ଯାତ୍ରୀ ଘରକୁ ଫେରି ଯାଇଥିବା ବେଳେ ଗୁରୁତର ଥିବା ଶ୍ରୀଅରବିନ୍ଦ ବସର ଡ୍ରାଇଭରଙ୍କ ଅବସ୍ଥାର ଉନ୍ନତି ପରିଲକ୍ଷିତ ହୋଇଛି। ତେବେ ଏହି ଦୁର୍ଘଟଣା ଯୋଗୁଁ ଦୀର୍ଘ ସମୟ ଧରି ଯାନବାହାନ ଚଳାଚଳ ବନ୍ଦ ରହିଥିଲା। ସଦର, ସହଦେବଖୁଣ୍ଟା ଓ ଶିଳ୍ପାଞ୍ଚଳ ଥାନା ପୁଲିସ ସମେତ ପରିବହନ ବିଭାଗ ଅଧିକାରୀ ଓ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଥିଲେ। ଦୁର୍ଘଟଣାଗ୍ରସ୍ତ ବସ ଦୁଇଟିକୁ ରାସ୍ତାରୁ ହଟାଇବା ପରେ ଯାନବାହାନ ଚଳାଚଳ ସ୍ୱାଭାବିକ ହୋଇଥିଲା ।ଏହି ଅଣଓସାରିଆ ବ୍ରିଜରେ ଏକାଧିକ ମୋଡ଼ ରହିବା ଫଳରେ ଗାଡ଼ିର ଡ୍ରାଇଭରଙ୍କୁ ଦୂରରୁ ସାମ୍ନା ପଟ ଦେଖିବାରେ ହେଉଥିବା ସମସ୍ୟା ଯୋଗୁଁ ଦୁର୍ଘଟଣା ଘଟିଥିବା ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

## ସାର୍ଟିଫିକେଟ ଦେବାକୁ ....

ପ୍ରଧାନଶିକ୍ଷକ ଟଙ୍କା ନେଉଥିବା ସମୟର ଦୃଶ୍ୟକୁ ଜଣେ ଛାତ୍ର ନିଜ ମୋବାଇଲରେ ଉତ୍ତୋଳନ କରି ସୋଶାଲ ମିଡିଆରେ ପୋଷ୍ଟ କରି ଦେଇଥିଲେ। ଭିଡିଓଟି ଭାଇରାଲ ହେବା ପରେ ପ୍ରଶାସନ ପାଖରେ ଖବର ପହଞ୍ଚିଲା। ଏହା ପରେ ଘଟଣାର ତଦନ୍ତ କରି ମାଲକାନଗିରି ଜିଲ୍ଲା ଶିକ୍ଷା ଅଧିକାରୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ ସ୍ୱରୂପ ପ୍ରଧାନଶିକ୍ଷକ ଜଳନ୍ଧର ବେହେରାଙ୍କୁ ନିଲମ୍ବନ କରିଛନ୍ତି।

# ବନମହୋତ୍ସବ ସପ୍ତାହ ପାଳିତ




ନୀଳଗିରି , ୦୫/୦୭ (ନି.ପ୍ର): ଔପଦକ୍ଷ ବ୍ଲକ୍ ଶ୍ୟାସୁନ୍ଦରପୁର ପଞ୍ଚାୟତ ଅଧୀନ ସବୁଜବନାନୀ ଘେରା ହାତୀଖୁଲିଆ ଉଚ୍ଚପ୍ରାଥମିକ ବିଦ୍ୟାଳୟ ପରିସରରେ ବୁଧବାର ଦିନ ୭୪ତମ ବନମହୋତ୍ସବ ସପ୍ତାହ ପାଳିତ ହୋଇଯାଇଛି। ଗତ ମଙ୍ଗଳବାର ଜଙ୍ଗଲ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୁଲ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶ୍ୟାସୁନ୍ଦରପୁର ଗ୍ରାମପଞ୍ଚାୟତର ସରପଞ୍ଚ ପୁରସ୍ତମ ସେଠୀ, କୁଳଡିହା ରେଞ୍ଜର ଅନନ୍ତ ଜେନା , ହାତୀଖୁଲିଆ ଫରେଷ୍ଟର ପଦ୍ମାବତୀ ବେହେରା, ଫରେଷ୍ଟ ଗାର୍ଡ ଜୟନ୍ତ ପ୍ରଧାନଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଉକ୍ତ ବିଦ୍ୟାଳୟର ପ୍ରଧାନଶିକ୍ଷକ ଙ୍କ ସହିତ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ, ବିଦ୍ୟାଳୟର ଛାତ୍ରଛାତ୍ରୀ ଏବଂ ଗ୍ରାମବାସୀ ମାନେ ଅଂଶ ଗ୍ରହଣ କରିଥିଲେ। ସମସ୍ତଙ୍କୁ ବୃକ୍ଷରୋପଣ, ପରିବେଶ ସୁରକ୍ଷା, ଓ ଜଙ୍ଗଲରକ୍ଷା ସମ୍ପର୍କରେ ବିଶେଷଭାବେ ଆଲୋଚନା କରାଯାଇ ଜଙ୍ଗଲ ସୁରକ୍ଷା କିପରି କରାଯାଇପାରିବ ସେ ବିଷୟରେ ସଚେତନ କରାଯାଇଥିଲା। ଅନ୍ୟତମ ଅତିଥିଭାବେ ପରିବେଶବିତ୍ ମନୋରଂଜନ ଦାସ ଯୋଗଦେଇ ଜୀବଜଗତ ଓ ପରିବେଶ ସନ୍ତୁଳନ ରକ୍ଷା କରିବାକୁ ହେଲେ ବୃକ୍ଷ ରୋପଣ ନିହାତି ଜରୁରୀ ବୋଲି ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଦିଗଦର୍ଶନ ଦେଇଥିଲେ।

# ୩୧ ପର୍ଯ୍ୟନ୍ତ ସ୍ଥଗିତ ଅବସରପ୍ରାପ୍ତ ପୂର୍ତ୍ତ କର୍ମଚାରୀଙ୍କ ଧାରଣା

ବାଲେଶ୍ୱର, ୦୫/୦୭ (ନି.ପ୍ର): ପେନସନ ଦାବିରେ ଗତ ଜୁନ ୧ ତାରିଖରୁ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ଅବସରପ୍ରାପ୍ତ କର୍ମଚାରୀମାନେ ଶ୍ରମିକ ନେତାମାନଙ୍କ ପରାମର୍ଶ କ୍ରମେ ବୁଧବାର ଆନ୍ଦୋଳନରୁ ନିବୃତ୍ତ ହୋଇଛନ୍ତି। ବାଲେଶ୍ୱର ଶ୍ରମିକ ସଂଗଠନ ସମନ୍ୱୟ ସମିତି (ଟିୟୁଏସିସି)ର ଅଧ୍ୟକ୍ଷ ତଥା ପୂର୍ବତନ ବିଧାୟକ ପ୍ରଦୀପ୍ତ ପଣ୍ଡା, ସାଧାରଣ ସଂପାଦକ ଗୌରାଙ୍ଗ ପାଣିଗ୍ରାହୀ, ବରିଷ୍ଠ ନାଗରିକ ମଞ୍ଚର କର୍ମକର୍ତ୍ତା ସୀତାରାମ ପ୍ରଧାନ, ଇପିଏଫ ପେନସନର୍ସ ଆସୋସିଏସନ ଜିଲା ସଂପାଦକ ବିଷ୍ଣୁ ପ୍ରସାଦ ମହାନ୍ତି, ଆଇନଜୀବୀ ପଦ୍ମଲୋଚନ ପତି, ଏଆଇଟିୟୁସିର ଜିଲା ସଂପାଦକ ଶ୍ୟାମସୁନ୍ଦର ଜେନା ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ସାମୟିକ ଭାବେ ଆନ୍ଦୋଳନକୁ ସ୍ଥଗିତ ରଖିବାକୁ ପରାମର୍ଶ ଦେଇଥିଲେ। ଶ୍ରମିକ ନେତାଙ୍କ ପରାମର୍ଶକୁ ଗ୍ରହଣ କରି ଚଳିତ ଜୁଲାଇମାସ ୩୧ ତାରିଖ ପର୍ଯ୍ୟନ୍ତ ଆନ୍ଦୋଳନକୁ ସ୍ଥଗିତ ରଖିବାକୁ ସହମତି ପ୍ରକାଶ ସହ ସେମାନେ ଧାରଣା ପ୍ରତ୍ୟାହାର କରିଛନ୍ତି। ଯଦି ଚଳିତ ମାସ ଶେଷ ସୁଦ୍ଧା ସେମାନଙ୍କ ଦାବି ପୂରଣ ଦିଗରେ କର୍ତ୍ତୃପକ୍ଷ ଆବଶ୍ୟକୀୟ କାର୍ଯ୍ୟପନ୍ଥା ଗ୍ରହଣ ନ କରନ୍ତି ତେବେ ଆସନ୍ତା ଅଗଷ୍ଟ ପ୍ରଥମ ସପ୍ତାହରେ ସେମାନେ ଆମରଣ ଅନଶନରେ ବସିବେ ବୋଲି ଚେତାବନୀ ଦେଇଛନ୍ତି। ଏହି କର୍ମଚାରୀ ମାନଙ୍କର ଆଇନଗତ ଦାବିକୁ ଗୁରୁତ୍ୱ ଦେଇ ନିର୍ଦ୍ଦିଷ୍ଟ ସମୟସୀମା ପୂର୍ବରୁ ପୂର୍ତ୍ତ ଡିଭିଜନ୍ କର୍ତ୍ତୃପକ୍ଷ ଉଚିତ ପଦକ୍ଷେପ ନେବେ ବୋଲି ଧାରଣାସ୍ଥଳରେ ଉପସ୍ଥିତ ଥିବା ବିଭିନ୍ନ ସଂଗଠନର ନେତୃବୃନ୍ଦ ଆଶା ପ୍ରକାଶ କରିଛନ୍ତି। ଦୀର୍ଘ ୩୫ଦିନ ଧରି ଗଣଧାରଣାରେ ବସିଥିବା ଅବସରପ୍ରାପ୍ତ କର୍ମଚାରୀ ସୁଧାଂଶୁବାଳା ମହାପାତ୍ର, ଅନ୍ନପୂର୍ଣ୍ଣା ମହାଳିକ, ଅନିରୁଦ୍ଧ ବାରିକ, ରାମଚନ୍ଦ୍ର ଜେନା, ପୂର୍ଣ୍ଣଚନ୍ଦ୍ର ପରିଡ଼ା, ଅନାମ ଚନ୍ଦ୍ର ରାଉତ, ଗୋବର୍ଦ୍ଧନ ପରିଡ଼ା, ଉଗ୍ରସେନ ବାରିକ, ଗଜେନ୍ଦ୍ର ନାୟକ, ଫୁଲମଣି ଦଳାଇ, ସୁକାନ୍ତି ପରିଡ଼ା, ଲକ୍ଷ୍ମଣ ମୁର୍ମୁ, ଦଇତାରୀ ପରିଡ଼ା, ବନମାଳୀ ପାତ୍ର, ସନାତନ ବେହେରା ଓ ଲକ୍ଷ୍ମଣ ଭୂୟାଁ ପ୍ରମୁଖ ଏହି ନିଷ୍ପତ୍ତି ବେଳେ ଉପସ୍ଥିତ ଥିଲେ। ପୂର୍ତ୍ତ ବିଭାଗରେ ଦୀର୍ଘବର୍ଷ ଧରି ସୁଚାରୁ ରୂପେ କାର୍ଯ୍ୟ କରି ଅବସର ଗ୍ରହଣ କରିଥିବା ଡିଏଲ୍ଆର ଓ ୱାର୍କଚାର୍ଜଡ୍ କର୍ମଚାରୀମାନେ ଇପିଏଫ୍ ସଂସ୍ଥାରୁ ପେନ୍ସନ୍ ଦାବି କରି ଗତ ଜୁନ୍ ୧ ତାରିଖ ଠାରୁ ଦୀର୍ଘ ୩୫ ଦିନ ଧରି ପ୍ରବଳ ଗ୍ରୀଷ୍ମ ଓ ବର୍ଷାରେ ଗଣଧାରଣାରେ ବସିବାକୁ ବାଧ୍ୟ ହୋଇଛନ୍ତି। ଏହି କର୍ମଚାରୀମାନଙ୍କ ପେନ୍ସନ୍ ପାଇଁ ଆବଶ୍ୟକୀୟ ତଥ୍ୟ ଓ କାଗଜପତ୍ର ଇପିଏଫ୍ କମିଶନରଙ୍କୁ ଡିଭିଜନ୍ କର୍ତ୍ତୃପକ୍ଷ ପ୍ରଦାନ କରୁନଥିବାରୁ ସେମାନେ ଅବସରପରେ ଅଦ୍ୟାବଧି ପେନସନ ପାଇବାରୁ ବଞ୍ଚିତ ହୋଇଚାଲିଛନ୍ତି।

# ପୋଖରୀରେ ପଡ଼ି ୪ବର୍ଷର ଶିଶୁପୁତ୍ର ମୃତ

ନୀଳଗିରି, ୦୫/୦୭ (ନି.ପ୍ର): ଦୁଇଦିନ ପୂର୍ବରୁ ଘରେ ହସ ଖୁସିର ମାହୋଲ ଥିଲା। ପୁଅର ଜନ୍ମଦିନରେ କେକ୍ କାଟି ଆନନ୍ଦ ଉଲ୍ଲାସରେ ପାଳିତ ହୋଇଥିଲା ଜନ୍ମଦିନ। ମାତ୍ର କାହାର ନଜର ପଡିଗଲା ଯେ ହସଖୁସି ପରିବାରରେ ହଠାତ୍ ସବୁ ଖୁସି ପାଣିରେ ମିଳାଇଗଲା। ସୂଚନା ଅନୁଯାଇ ନୀଳଗିରି ବ୍ଲକ୍ ସିଆଡିମାଳ ପଞ୍ଚାୟତ ଅଧୀନ ଚତରସାହି ଗ୍ରାମର ଦିବ୍ୟରଞ୍ଜନ ମେଦିନୀରାୟ ଙ୍କ ୪ ବର୍ଷ ଶିଶୁପୁତ୍ର ଅନିଶ ମେଦିନୀରାୟଙ୍କ ପୋଖରୀରେ ପଡ଼ି ମୃତ୍ୟୁ ହୋଇଛି। ବୁଧବାର ଅପରାହ୍ନ ପ୍ରାୟ ୫ଘଟିକା ସମୟରେ ଘର ବାହାରକୁ ନିଜ ବୁଢୀମା ସହିତ ଖେଳିବାକୁ ଆସି ଥିବା ବେଳେ ବୁଢି ମା ଙ୍କ ଅନ୍ୟମନସ୍କ ଯୋଗୁଁ ଖେଳୁ ଥିବା ସମୟରେ ଅନିସ ପାଖରେ ଥିବା ଏକ ପୋଖରି ରେ ପଡିଯାଇଥିଲା। ଅନିସକୁ ଆଖି ସାମ୍ନାରେ ନ ପାଇ ବୁଢ଼ିମା ଖୋଜିଥିଲେ ଏବଂ ପାଖରେ ଥିବା ପୋଖରି ରେ ଅନିଶ କୁ ଦେଖି ଚିତ୍କାର କରିଥିଲେ । ଚିତ୍କାର ଶୁଣି ଘରଲୋକେଘଟଣା ସ୍ଥଳରେ ପହଞ୍ଚି ଥିଲେ। ହେଲେ ସେତେବେଳକୁ ବହୁତ ବିଳମ୍ବ ହୋଇଯାଇଥିଲା । ଅନିଶ୍ କୁ ତୁରନ୍ତ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ ।ହେଲେ ଡାକ୍ତର ଅନିସ କୁ ମୃତ ଘଷଣା କରିଥିଲେ। ତେବେ ଅନିସ ର ମୃତ୍ୟୁ କୁ ନେଇ ସମଗ୍ର ସିଆଡିମାଳ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

# ରଜିଆ ପଂଚାୟତ କାର୍ଯ୍ୟାଳୟରେ ୭୪ତମ ବନ ମହୋତ୍ସବ

ଚମ୍ପୁଆ, ୦୫/୦୭ (ନି.ପ୍ର): କେନ୍ଦୁଝର ବନଖଣ୍ଡ ଅନ୍ତର୍ଗତ ଚମ୍ପୁଆ ବନାଂଚଳ ଆନୁକୂଲ୍ୟରେ ଆଜି ରଜିଆ ପଂଚାୟତ କାର୍ଯ୍ୟାଳୟ ଠାରେ ୭୪ତମ ବନ ମହୋତ୍ସବ ସପ୍ତାହ ପାଳିତ ହୋଇ ଯାଇଛି। ବନପାଳ କାଳନ୍ଦୀ ସାମଲଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଚମ୍ପୁଆ ବିଧାୟିକା ଶ୍ରୀମତୀ ମିନାକ୍ଷୀ ମହାନ୍ତ, ଏସିଏଫ୍ ଅକ୍ଷୟ ଛତ୍ରୀୟା, ଏସିଏଫ ଅଶୋକ କୁମାର ଦାସ ଯୋଗ ଦେଇଥିବାବେଳେ ସମ୍ମାନୀୟ ଅତିଥି ଭାବେ ରଜିଆ ସରପଂଚ ସନ୍ତୋଷ ନାଏକ, ବନରକ୍ଷୀ ଶ୍ରାବଣୀ ମହାନ୍ତ ପ୍ରମୁଖ ଯୋଗ ଦେଇ ବନ ମହୋତ୍ସବର ତାତ୍ପର୍ଯ୍ୟ ଓ ବୃକ୍ଷ ରୋପଣର ଆବଶ୍ୟକତା ଉପରେ ଆଲୋଚନା କରି ଜୀବନ ଚକ୍ରରେ ଜୀବଜଗତ ପାଇଁ ପ୍ରତି ମୁହୂର୍ତ୍ତରେ ବୃକ୍ଷର ଆବଶ୍ୟକତା ପଡୁ ଥିବାରୁ ପରିବାରର ସମସ୍ତ ସଦସ୍ୟ ଗଛଟିଏ ଲଗାଇ ତାର ଯତ୍ନ ନେବାକୁ ଦିଗଦର୍ଶନ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସମସ୍ତ ଅତିଥି ମାନଙ୍କ ସହିତ ପଂଚାୟତର ବିଶିଷ୍ଟ ସ୍ୱୟଂସହାୟିକା ଗୋଷ୍ଠିର ସଦସ୍ୟା ମାନେ ଯୋଗ ଦେଇ ପଂଚାୟତ କାର୍ଯ୍ୟାଳୟ ପରିସରରେ ସମସ୍ତେ ଚାରା ରୋପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ସ୍ଥାନୀୟ ଯୁବ ସ୍ୱେଚ୍ଛାସେବୀ ମାନେ ପରିଚାଳନା କରିଥିଲେ।

# କେନ୍ଦ୍ରାପଡ଼ା ବ୍ଲକର ଦ୍ୱିତୀୟ ସାଧାରଣ ବୈଠକ

କେନ୍ଦ୍ରାପଡ଼ା, ୦୫/୦୭ (ନି.ପ୍ର): କେନ୍ଦ୍ରାପଡ଼ା ପଂଚାୟତ ସମିତିର ଦ୍ୱିତୀୟ ସାଧାରଣ ପରିଷଦ ଅଧିବେଶନ କେନ୍ଦ୍ରାପଡ଼ା ବ୍ଲକ ସଭାଗୃହ ମଧରେ ଅନୁଷ୍ଠିତ ହୋଇଯାଇଛି। ଏହି ସାଧାରଣ ପରିଷଦ ବୈଠକରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ବିଧାୟକ ଶଶୀଭୂଷଣ ବେହେରା ଯୋଗ ଦେଇଥିଲେ ।ଏହି ବୈଠକରେ ବ୍ଲକ ଉନ୍ନୟନ ଅଧିକାରୀ ଶ୍ରୀମତୀ ବନ୍ଦନା ଖଟୁଆ,ସହକାରୀ ବିଡ଼ିଓ ଅନିରୁଦ୍ଧ ବେହେରା ଓ ଅଧକ୍ଷା ରଶ୍ମିତା ସେଠି, ଉପାଧକ୍ଷ ପ୍ରତାପ ନାରାୟଣ ମହାପାତ୍ର ପ୍ରମୁଖ ମଂଚାସିନ ଅତିଥି ଭାବେ ଯୋଗ ଦେଇଥିଲେ। କେନ୍ଦ୍ରାପଡ଼ା ବ୍ଲକ ଅଧୀନରେ ଥିବା ୨୭ଟି ପଂଚାୟତର ସରପଂଚ ଓ ସମିତିସଭ୍ୟ ସଭ୍ୟାମାନେ ଯୋଗ ଦେଇଥିଲା ବେଳେ ଜିଲ୍ଲାପରିଷଦ ସଭ୍ୟା ମଧୁଛନ୍ଦା ମାହାନ୍ତି, ନିର୍ମଳା ମହାନ୍ତି ଓ ରଶ୍ମିରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ସରପଂଚ ସଙ୍ଘର ସଭାପତି ଅଶ୍ୱିନୀ କୁମାର ପାତ୍ର ବୈଠକ ଆରମ୍ଭରେ ପଂଚାୟତମାନଙ୍କରେ ଥିବା ସମସ୍ୟାର ସମାଧାନ ପାଇଁ ଆଲୋଚନା କରିଥିଲେ। ପଂଚାୟତମାନଙ୍କରେ ମନେରେଗା କାର୍ଯ୍ୟ, ଆବାସ ଯୋଜନା, ରାସନ କାର୍ଡ, ଭତା ଓ ପଂଚାୟତମାନଙ୍କରେ ଦେଖା ଯାଉଥିବା ପାନୀୟ ଜଳ ସମସ୍ୟା,ଆଲୋକୀ କରଣ ସମସ୍ୟାକୁ ସମାଧାନ କରିବା ପାଁଇ ବିଧାୟକ ଓ ବ୍ଲକ ଉନୟନ ଅଧିକାରୀଙ୍କ ନିକଟରେ ଦାବୀ କରିଥିଲେ। ଘାଗରା ପଂଚାୟତର ଘାଗରା ଡିହା ଗ୍ରାମରେ କୁମ୍ଭୀର ଅଘଟଣ ପାଁଇ ସରକାରୀ ଡ଼ଙ୍ଗା ଯୋଗାଇ ଦେବା ପାଁଇ ଆଲୋଚନା ରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା।

ଗୁରୁବାର, ଜୁଲାଇ ୦୬, ୨୦୨୩

ଧ୍ୱନି ପ୍ରତିଧ୍ୱନି

# ପ୍ରଧାନ ଶିକ୍ଷୟତ୍ରୀ ଆରତିବାଳା କରଙ୍କ ବିଦାୟକାଳୀନ ସମ୍ବର୍ଦ୍ଧନା

ଜଳେଶ୍ୱର ୫/୭(ନି.ପ୍ର): ଜଳେଶ୍ୱର ପୌରପାଳିକାର ନହଞ୍ଚରାସ୍ଥିତ ଗୟାସୁର ସରକାରୀ ଉପ୍ରା ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟତ୍ରୀ ଆରତୀବାଳା କରଙ୍କ ଅବସରକାଳୀନ ସମ୍ବର୍ଦ୍ଧନାସଭା ଅନୁଷ୍ଠିତ ହୋଇ ଯାଇଛି । ପରିଚଳନା କମିଟି ସଭାପତି ମାନସ କୁମାର ଦାସ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥିଭାବେ ବିଆର୍‌ସିସି ସୁଶାନ୍ତ କୁମାର ଜେନା, ସମ୍ମାନୀତ ଅତିଥିଭାବେ ଜ୍ୟୋସ୍ନାରାଣୀ ପ୍ରଧାନ ଓ ମୁଖ୍ୟବକ୍ତାଭାବେ ଏବିଇଓ ଅଜୟ କୁମାର ଜେନା ଯୋଗ ଦେଇ ଜଣେ ଶିକ୍ଷକ ଏକ ସୁସ୍ଥ ସମାଜ ଓ ରାଷ୍ଟ୍ର ଗଠନ କରିପାରେ ବୋଲି କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସିଆର୍‌ସିସି ମାଖନଲାଲ ବେରା, ସ୍ୱନ୍ଦିତା ଜେନା, ପୂର୍ଣ୍ଣିମା ମହାପାତ୍ର, ପ୍ରଜ୍ଞାରାଣୀ ଜେନା, ରାସମଣି ଜେନା ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଶେଷରେ କାର୍ଯ୍ୟରତ ପ୍ରଧାନ ଶିକ୍ଷୟତ୍ରୀ ମେରୀ ହେମ୍ବ୍ରମ ଧନ୍ୟବାଦ ପ୍ରଦାନ କରିଥିଲେ ।



# ପୋଲିସ୍ ହେପାଜତରୁ ଅଟକଥିବା ଯୁବକ ହସ୍ପିଟାଲ ପାଇଖାନାଘରୁ ଫେରାର



ନୀଳଗିରି , ୦୫/୦୭ (ନି.ପ୍ର): ପୋଲିସ ହେପାଜତରେ ଅଟକ ଥିବାବେଳେ ଜଣେ ଯୁବକ ଫେରାର ହେବା ଘଟଣା ନୀଳଗିରିରେ ଚର୍ଚ୍ଚାର ବିଷୟ ପାଲଟିଛି । ସୂଚନା ଅନୁଯାଇ ନୀଳଗିରି ଥାନା ଅଧୀନସ୍ଥ ବାଲିଗୋହିରି ଗ୍ରାମର ଜଣେ ନାବାଳିକା ଅପହରଣ ନେଇ ନାବାଳିକାର ବାପା ନୀଳଗିରି ଥାନାରେ ଅଭିଯୋଗ ପରେ ପୋଲିସ୍ ଉଭୟ ଯୁବକ ଏବଂ ନାବାଳିକାକୁ ବାଲେଶ୍ୱର ରେଳ ଷ୍ଟେସନରୁ ଉଦ୍ଧାର କରି ମଙ୍ଗଳବାର ଥାନାକୁ ଆଣିଥିଲା । ରାତିରେ ଯୁବକର ଦେହ ଅସୁସ୍ଥ ହେବାରୁ ବୁଧବାର ସକାଳେ ନୀଳଗିରି ପୋଲିସ୍ ଚିକିତ୍ସା ପାଇଁ ନୀଳଗିରି ହସ୍ପିଟାଲ ଆଣିଥିଲେ । ଯୁବକ ଜଣକ ଝାଡ଼ା ଯିବାପାଇଁ ବାହାନା କରି ହସ୍ପିଟାଲ ପରିସରରେ ଥିବା ଡାଇରିଆ ୱାର୍ଡ ପାଇଖାନାକୁ ଯାଇଥିଲା । ପାଇଖାନା ଘରେ କବାଟ ବନ୍ଦ କରି ଭିତରେ ଥିବା ପାଣିଟ୍ୟାପ ଖୋଲି ପାଇଖନାଘରେ ଥିବା ଝରକାକୁ ଭାଙ୍ଗି ପାଚେରୀ ଡେଇଁ ପଳାଇ ଯାଇଥିବାରେ ସକ୍ଷମ ହୋଇଥିଲା । ଅବାଜ୍ ଶୁଣି ପାଖରେ ଥିବା ୨ଜଣଏପିଆର ପାଇଖାନା ପଛପଟକୁ ଯାଇ ଦେଖିଲା ବେଳକୁ ଅଟକ ଯୁବକ ଜଣକ ପାଇଖାନା ଘରେ ନଥିଲା । ତାପରେ ଆଖପାଖ ଅଞ୍ଚଳରେ ପୋଲିସ ଫେରାର ଯୁବକକୁ ବହୁ ଖୋଜାଖୋଜି କଲାପରେ ମଧ୍ୟ ତାର କୌଣସି ସନ୍ଧାନ ମିଳିନଥିଲା । ଏହି ଖବର ନୀଳଗିରି ଆଇ ଆଇ ସି ଗୋପାଳ ଚନ୍ଦ୍ର କର୍ଣ୍ଣ ଜାଣିବା ପରେ ୨ଟି ଟିମ୍ ଗଠନ କରି ଫେରାର ଥିବା ଯୁବକକୁ ଧରିବା ପାଇଁ ଜାଲ ବିଛାଇଥିବା ବିଶେଷ ସୂତ୍ରର ଖବର ମିଳିଛି ।

# ସିଂଲାରେ ୬ କୁଖ୍ୟାତ ଡକାୟତ ଗିରଫ: ବିଫଳ ହେଲା ଲୁଟ ଯୋଜନା

ବସ୍ତା,୫ ।୭(ନିପ୍ର):ବାଲେଶ୍ୱର ଜିଲ୍ଲା ସିଂଲା ପୁଲିସ କୁ ମିଳିଛି ବଡ ସଫଳତା ।ବିଳମ୍ବିତ ରାତି ରେ ଡକାୟତି ଯୋଜନା କରୁଥିବା ବେଳେ ୬ ଜଣ କୁଖ୍ୟାତ ଡକାୟତ କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ଗୋଟିଏ ହ୍ୟୁଣ୍ଡାଇ କାର , ଦୁଇଟି ବାଇକ, ୫ ଟି ମୋବାଇଲ ସମେତ ବିଭିନ୍ନ ମାରଣାସ୍ତ୍ର ଜବତ କରିଛି ସିଂଲା ପୁଲିସ ।ମଙ୍ଗଳବାର ବିଳମ୍ବିତ ରାତି ରେ ସିଂଲା ଥାନା ଅନ୍ତର୍ଗତ ପାଉଂଶକୁଲି ଫୁଟବଲ ପଡିଆ ନିକଟରେ ୭ ଜଣ ଡକାୟତ ମିଶି ଡକାୟତି ପାଇଁ ଯୋଜନା କରୁଥିବା ବେଳେ କୌଣସି ସୂତ୍ରରୁ ଖବର ପାଇ ସିଂଲା ପୁଲିସ ର ଏକ ସ୍ୱତନ୍ତ୍ର ଟିମ୍ ଚଢଉ କରିଥିଲା ।ପୁଲିସ ଚଢଉ ସମୟରେ ଜଣେ ଡକାୟତ ଚମ୍ପଟ ମାରିଥିବା ବେଳେ ଅନ୍ୟ ୬ ଜଣଙ୍କୁ ଗିରିଫ କରିବା ସହ ସେମାନଙ୍କ ନିକଟରୁ ବିଭିନ୍ନ ମାରଣାସ୍ତ୍ର ଜବତ କରିବା ସହ ଗୋଟିଏ କାର ଏବଂ ଦୁଇଟି ବାଇକ ମଧ୍ୟ ଜବତ ହୋଇଛି । , ଗିରଫ ହୋଇଥିବା ସମସ୍ତ ଙ୍କ ଘର ସିଂଲା ଥାନା ଅନ୍ତର୍ଗତ ବିଭିନ୍ନ ଅଞ୍ଚଳ ର ବୋଲି ଜଣା ପଡିଛି । ଏମାନେ ପୂର୍ବରୁ ବିଭିନ୍ନ ଚୋରି ଏବଂ ଡକାୟତି ରେ ସମ୍ପୃକ୍ତ ଥିବା ବେଳେ ବିଭିନ୍ନ ଥାନା ରେ ଏମାନଙ୍କ ନାମରେ ଏକାଧିକ ମାମଲା ଥିବା ନେଇ ସିଂଲା ଥାନା ପରିସର ରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଛନ୍ତି ବସ୍ତା ଏସ ଡି ପି ଓ ଜଳନ୍ଧର ଜାଲି ଓ ଥାନା ଅଧିକାରୀ ଶିବ ପ୍ରସାଦ ଭଦ୍ର ।



# ଶ୍ରୀରାମ ଚନ୍ଦ୍ର ଭଞ୍ଜ ଡିଗ୍ରୀ ମହାବିଦ୍ୟାଳୟରେ ଆଇନ ସଚେତନତା କାର୍ଯ୍ୟକ୍ରମ




ବାରିପଦା , ୦୫/୦୭ (ନି.ପ୍ର): ବାରିପଦା ନିକଟସ୍ଥ ରାଷ୍ଠା ଠାରେ ଥିବା ଶ୍ରୀରାମ ଚନ୍ଦ୍ର ଭଞ୍ଜ ଡିଗ୍ରୀ ମହାବିଦ୍ୟାଳୟରେ ଜିଲ୍ଲା ଆଇନ ସେବା ପ୍ରାଧିକରଣ ମୟୂରଭଞ୍ଜ ଆନୁକୁଲ୍ୟରେ ଏକ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଶ୍ରୀରାମଚନ୍ଦ୍ର ଭଞ୍ଜ ଡିଗ୍ରୀ ମହାବିଦ୍ୟାଳୟର ଅଧକ୍ଷା ଡକ୍ଟର ଅସୀମା ସାହୁଙ୍କ ସଭାପତିତ୍ୱରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ବରିଷ୍ଠ ଦେୱାନି ଜଜ ତଥା ଡିଏଲଏସଏର ସଂପାଦିକା ଶ୍ରୀମତୀ ଶିବାନୀ, ଡିଏସପି ସବିତା ମାଝୀ, ଏସସିବି ହାୟାର ସେକେଣ୍ଡାରୀ ସ୍କୁଲର ଅଧକ୍ଷ ଅନନ୍ତ ନାରାୟଣ ମିଶ୍ର, ସରକାରୀ ଆଇନ୍ ବିଶାରଦ ପ୍ରଦୀପ ଜେନା ଓ ବାରିପଦା ପାରା ଲିଗାଲ ଭଲ୍ୟୁଣ୍ଟର ରବିନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ଛାତ୍ରାଛାତ୍ରୀ ମାନଙ୍କୁ ଅସହାୟ, ଗରିବ, ବିକଳାଙ୍ଗ ଓ ମହିଳାମାନେ, ସରକାରଙ୍କ ତରଫରୁ କିଭଳି ମାଗଣାରେ ଆଇନର ସହାୟତା ନେଇପାରିବେ ଏବଂ ସରକାର ସମ୍ବିଧାନ ସଂଶୋଧନ କରି ଏହି ଆଇନକୁ ୨୦୦୯ ମସିହାରୁ ମୌଳିକ ଅଧିକାର ଧାରା ୨୧(କ)ରେ ଯୋଗ କରି ୬ ବର୍ଷରୁ ୧୪ ବର୍ଷ ମଧ୍ୟରେ ଥିବା କୌଣସି ପିଲା ଏଥିରୁ ଯେମିତି ବଞ୍ଚିତ ନହୁଅନ୍ତି ସେବିଷୟରେ ତଥ୍ୟ ରଖିଥିଲେ । ମହାବିଦ୍ୟାଳୟର ରାଜନୀତି ବିଭାଗର ଅଧ୍ୟାପକ ଗୋପାଳ କୃଷ୍ଣ ମହାନ୍ତ ଉଦଘାଟନୀ ଅଭିଭାଷଣ ପ୍ରଦାନ କରିଥିବା ବେଳେ ଶେଷରେ ଅର୍ଥନୀତି ବିଭାଗର ଅଧ୍ୟାପିକା ସରିତା ପୃଷ୍ଟି ଧନ୍ୟବାଦ ଅର୍ପଣ କରିଥିଲେ ।

# ଟ୍ରକ ଧକ୍କାରେ ସ୍ୱାମୀ ସ୍ତ୍ରୀ ଗୁରୁତର

ଖଇରା, ୦୫/୦୭ (ନି.ପ୍ର): ସୋର-କୁପାରୀ ରାସ୍ତାର ଖଇରା ଥାନା ଅଧୀନ ଦେଉଳି ଛକ ନିକଟରେ ଏକ ଟ୍ରକ ଧକ୍କାରେ ସ୍ୱାମୀ ସ୍ତ୍ରୀ ଗୁରୁତର ଆହତ ହୋଇଛନ୍ତି । ଚିକିତ୍ସାପାଇଁ ତାଙ୍କୁ ଭବନେଶ୍ୱରରେ ଏକ ଘରୋଇ ହସପିଟାଲରେ ଭର୍ତ୍ତି କରାଯାଇଛି । ଆହତ ଦ୍ୱୟ ହେଲେ କୁରୁଣ୍ଟା ଗ୍ରାମର ଗଜେନ୍ଦ୍ର ପ୍ରସାଦ ପାଢୀ ଓ ତାଙ୍କ ସ୍ତ୍ରୀ ଲକ୍ଷ୍ମୀପ୍ରିୟା ପାଢୀ । ଗତ ୩ତାରିଖ ଅପରାହ୍ନରେ ଔପଦା ଦନ୍ତୁର ଗ୍ରାମରୁ ବାଇକରେ କୁରୁଣ୍ଟା ଫେରୁଥିବା ବେଳେ ଦେଉଳିଛକ ନିକଟରେ ଏକ ଟ୍ରକ ବିନା ସିଗନାଲ ରେ ନିକଟସ୍ଥ ମିଲଭିତରକୁ ଲେଫ୍ଟ ଟର୍ଣ୍ଣ ନେଇ ଚାଲିଯିବା ରୁ ଗଜେନ୍ଦ୍ର ଭାରସାମ୍ୟ ହରାଇ ଟ୍ରକରେ ବାଡେଇ ହୋଇ ଯାଇଥିଲେ ।

# ଘରୋଇ ଜମିକୁ କେନ୍ଦ୍ର କରି ହଣାକଟା : ବାପା ଓ ଦିବ୍ୟାଙ୍ଗ ପୁତ୍ର ଗୁରୁତର, କଟକ ସ୍ଥାନାନ୍ତର

ଜଳେଶ୍ୱର ୫/୭(ନି.ପ୍ର): ରାଇବଣିଆ ଥାନା ଅନ୍ତର୍ଗତ ମାଗୁଣିଆପଡା ଗାଁରେ ଏକ ଅଭାବନୀୟ ଘଟଣା ଘଟିଛି । ଘୋଷ ପରିବାରରେ ଜମିଜମାକୁ କେନ୍ଦ୍ର କରି ୫ ଭାଇଙ୍କ ମଧ୍ୟରେ ଦୀର୍ଘବର୍ଷ ଧରି ଗଣ୍ଡଗୋଳ ଚଳି ଆସୁଥିଲା । କିନ୍ତୁ ଗତ ୪ ତାରିଖ ସକାଳେ ସୁଜନ ଘୋଷଙ୍କ ସ୍ତ୍ରୀ ମାଧୁରୀ ଘୋଷ ଓ ପୁଅ ବନ୍ଦନ ଘୋଷ, ମଦନ ଘୋଷଙ୍କ ପୁଅ ଜାଗ୍ରତ ଘୋଷ, ବିଜୟ ଘୋଷକଙ୍କ ପୁଅ ବିଷ୍ଣୁପଦ ଘୋଷ ସଦଳବଳେ ପୂର୍ଣ୍ଣଚନ୍ଦ୍ର ଘୋଷ, ସ୍ତ୍ରୀ ଅର୍ଚ୍ଚନା ଘୋଷ ଓ ସାନପୁଅ ବିକାଶ ଘୋଷଙ୍କୁ ମରଣାନ୍ତକ ଆକ୍ରମଣ କରିଛନ୍ତି । ପ୍ରକାଶଯୋଗ୍ୟ ଅଂଜନା ଘୋଷ ଓ ବିକାଶ ଘୋଷ ଦୁଇଜଣ ଭିନ୍ନକ୍ଷମ ବ୍ୟକ୍ତି ହୋଇଥିଲେ ମଧ୍ୟ ଆକ୍ରମଣକାରୀମାନେ ସେମାନଙ୍କୁ ଛାଡି ନାହାନ୍ତି । ଏଥିରେ ୩ଜଣଙ୍କ ମୁଣ୍ଡରେ ଶକ୍ତ ଆଘାତ ହୋଇଥିବାରୁ ଚେତା ହରାଇଥିଲେ । ସେମାନଙ୍କୁ ପ୍ରଥମେ ହାତୀଗଡ ସ୍ୱାସ୍ଥ୍ୟକେନ୍ଦ୍ର, ସେଠାରୁ ବାଲେଶ୍ୱର ଓ ପରେ କଟକ ବଡ ଡାକ୍ତରଖାନାକୁ ପଠାଯାଇଥିବା ଜଣାଯାଇଛି । ଏ ସଂପର୍କରେ ପୂର୍ଣ୍ଣ ଘୋଷଙ୍କ ପୁଅ ସାଗର ଘୋଷ ରାଇବଣିଆ ଥାନାରେ ଅଭିଯୋଗ କରିଛନ୍ତି ।

# ବିଦ୍ୟୁତ ବିଭାଗର ଖାମଖିଆଲି ନୀତି ପାଇଁ ସଟ୍ ସର୍କିଟ ଯୋଗୁଁ ଲକ୍ଷାଧିକ ଟଙ୍କାର ସାମଗ୍ରୀ ନଷ୍ଟ

ଲଙ୍ଗଳେଶ୍ୱର , ୦୫/୦୭ (ନି.ପ୍ର): ଟାଟା ପାୱାର ବିଦ୍ୟୁତ କମ୍ପାନିର କର୍ମଚାରୀ ଙ୍କ ବେପାରୁଆ ମନୋଭାବ ଯୋଗୁଁ ମଙ୍ଗଳବାର ଦିନ ଲଙ୍ଗଳେଶ୍ୱର ବଜାରରେ ୧୦ ଟି ଛୋଟ ବଡ଼ ଦୋକାନ ରେ ବିଦ୍ୟୁତ ସଟ ସର୍କିଟ ଯୋଗୁଁ ଫେନ, କମ୍ପ୍ୟୁଟର, ଭଳି ବହୁତ ସାମଗ୍ରୀ ପୋଡ଼ି ଯାଇଛି ଫଳରେ ଦୋକାନୀ ମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ସମବାର ରାତ୍ରି ରେ କୌଣସି କାରଣରୁ ଫରଫଟି ହୋଇଥିଲା । ମଙ୍ଗଳବାର ସକାଳୁ ବିଦ୍ୟୁତ ବିଭାଗକୁ ଘଟଣା ସମ୍ପର୍କରେ ଲୋକମାନେ ଖବର ଦେଇଥିଲେ । ତଦନୁଯାୟୀ ବିଭାଗର କର୍ମଚାରୀ ମାନେ କୌଣସି ତୃଟି କୁ ନଦେଖି ପୂର୍ଣ୍ଣରବାର ବିଦ୍ୟୁତ ସଂଯୋଗ କରିଦେଇଥିଲେ ମାତ୍ର ହଠାତ୍ ଚାରିଆଡ଼େ ତାର ପୋଡ଼ି ଯିବା ସହିତ ବହୁ ସାମଗ୍ରୀ ନଷ୍ଟ ହୋଇଯାଇଛି ।

# ଶିଶୁ ଯତ୍ନ ସମ୍ପର୍କିତ କର୍ମଶାଳା 'ମିଶନ ବାତ୍ସଲ୍ୟ'

ବାଲେଶ୍ୱର, ୦୫/୦୭ (ନି.ପ୍ର): ରାଜ୍ୟ ମହିଳା ଓ ଶିଶୁ ବିକାଶ ବିଭାଗ ଆନୁକୂଲ୍ୟରେ ତଥା ଜିଲା ଶିଶୁ ସୁରକ୍ଷା ବିଭାଗ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଦିନିକିଆ ଜିଲାସ୍ତରୀୟ ଶିଶୁ ଯତ୍ନ ପ୍ରତିଷ୍ଠାନ କର୍ମଚାରୀ ପ୍ରଶିକ୍ଷଣ କର୍ମଶାଳା 'ମିଶନ ବାତ୍ସଲ୍ୟ'ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦ ଅଧକ୍ଷ ନାରାୟଣ ପ୍ରଧାନ ଏଥିରେ ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଉଦଘାଟନ ସହିତ ଶିଶୁ ଯତ୍ନ ପ୍ରତିଷ୍ଠାନଗୁଡ଼ିକର ସଫଳ ପରିଚାଳନାରେ କର୍ମଚାରୀଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ । ଅତିରିକ୍ତ ଜିଲାପାଳ ସୁଧାକର ନାୟକ ଏଥିରେ ସମ୍ମାନିତ ଅତିଥିଭାବେ ଯୋଗଦେଇ ଶିଶୁ ଯତ୍ନ ଅନୁଷ୍ଠାନ କର୍ମଚାରୀଙ୍କ ପାଇଁ ଏହି ଭଳି ତାଲିମ କାର୍ଯ୍ୟକ୍ରମର ଆବଶ୍ୟକତା ଓ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ । ବିଶେଷ କରି ଯତ୍ନ କେନ୍ଦ୍ରରେ ଶିଶୁଙ୍କ ଉତ୍ତମ ଲାଳନପାଳନ ପାଇଁ ଆବଶ୍ୟକ ଜ୍ଞାନ କୌଶଳ ଓ ସମସ୍ତ ପ୍ରକାରର ସୁବିଧା ଜିଲା ପ୍ରଶାସନ ପକ୍ଷରୁ ଉପଲବ୍ଧ ହେବ ବୋଲି ଅତିରିକ୍ତ ଜିଲାପାଳ ଶ୍ରୀ ନାୟକ କହିଥିଲେ । ଅନ୍ୟମାନଙ୍କ ମଧରେ ଶିଶୁ କଲ୍ୟାଣ କମିଟି ଅଧକ୍ଷ ପ୍ରଣବ ପଣ୍ଡା, ଶିଶୁ କଲ୍ୟାଣ କମିଟି ସଦସ୍ୟ ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ଫକୀର ମୋହନ ସ୍ୱୟଂଶାସିତ ମହାବିଦ୍ୟାଳୟ ସାଇକୋଲୋଜି ବିଭାଗ ମୁଖ୍ୟ ଡ. ଜୟଶ୍ରୀ ମିଶ୍ର ପ୍ରମୁଖ ଏଥିରେ ଅତିଥିବକ୍ତା ଭାବେ ଯୋଗଦେଇ ଶିଶୁଙ୍କ ଭାବପ୍ରବଣ ଏବଂ ମାନସିକ ସ୍ଥିତିକୁ ଦୃଷ୍ଟି ହେବା ସମ୍ପର୍କରେ ଆଲୋଚନା କରିଥିଲେ । ଶିଶୁ ଯତ୍ନ ଅନୁଷ୍ଠାନରେ ରହୁଥିବା ସମସ୍ତ ଶିଶୁଙ୍କମୌଳିକ ଅଧିକାର ସୁରକ୍ଷା ପ୍ରତି ଯତ୍ନବାନ ହେବା ଉପରେ ସେମାନ ଗୁରୁତ୍ୱାରୋପ କରିଥିଲେ । ଭାରପ୍ରାପ୍ତ ଜିଲା ଶିଶୁ ସୁରକ୍ଷା ଅଧିକାରୀ ସ୍ୱାଗତିକା ଦାସ, ବିଶିଷ୍ଟ ଶିଶୁରୋଗ ବିଶେଷଜ୍ଞ ଡାକ୍ତର ମୀନାକ୍ଷୀ ରାୟ, ଜିଲା ସମାଜ ମଙ୍ଗଳ ଅଧିକାରିଣୀ କୁନ୍ତଳା କୁମାରୀ ମଲ୍ଲିକ ଏଥିରେ ଉପସ୍ଥିତ ଥିବାବେଳେ ସଂଯୁକ୍ତା ରାଉତ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ ।

# ଖଇରାରୁ ୨ଜଣଙ୍କୁ ମିଳିଲା ଜୁଏଲ ଅଫ ଓଡିଶା ସମ୍ମାନ




ଖଇରା, ୦୫/୦୭ (ନି.ପ୍ର): ବାଲେଶ୍ୱର ଜିଲା ଖଇରା ବ୍ଲକର ବିଶିଷ୍ଟ ଯୁବ ଉଦ୍ୟୋଗପତି ଇଂ ରାଜେଶ ମହାକୁଡ ଓ ସାମାଜିକ କର୍ମୀ ରାଜୀବ ଲୋଚନ ମହାପାତ୍ରଙ୍କୁ ଜୁଏଲ ଅଫ ଓଡିଶା ସମ୍ମାନ ପ୍ରଦାନ କରାଯାଇଛି । ରବିବାର ଦିନ ଭୁବନେଶ୍ୱର ଠାରେ କ୍ରିୟା ଫାଉଣ୍ଡେସନ ଆନୁକୁଲ୍ୟରେ ଏକ ହୋଟେଲରେ ଆୟୋଜିତ ବର୍ଣ୍ଣାଢ୍ୟ ସମାରୋହରେ ଉଭୟଙ୍କୁ ଉକ୍ତ ସମ୍ମାନ ପ୍ରଦାନ କରିବା ଅବସରରେ ବଲିଉଡ କଳାକାର ଅଫତାବ ସିବଦଶନୀଙ୍କ ଠାରୁ ମାନପତ୍ର ଓ ଫଳକ ପ୍ରଦାନ କରିଛନ୍ତି । ଇଂ ମହାକୁଡ ଖଇରାରେ ଛୋଟ ଛୋଟ ଶିଳ୍ପ ପ୍ରତିଷ୍ଠାନ ଗଢି ବହୁ ଯୁବକଯୁବତୀଙ୍କୁ ନିଯୁକ୍ତି ପ୍ରଦାନ କରି ପରିଚିତ ହୋଇ ସାରିଛନ୍ତି । ସେହିଭଳି ଶ୍ରୀ ମହାପାତ୍ର ଜନସେବକ ଯୁବକ ସଂଘରେ ଜଣେ ସ୍ୱେଚ୍ଛାସେବୀ ଭାବେ ନିଜର ମଣିଷପଣିଆ ପ୍ରତିପାଦିତ କରିଛନ୍ତି ।

# ବେଗୁନିଆ ୟୁପି ସ୍କୁଲର ବନମହୋତ୍ସବ

ଖଇରା,୫ ।୭ବାଲେଶ୍ୱର ଜିଲା ଖଇରା ବ୍ଲକ ମାଣିତ୍ରୀ ଗ୍ରାମ ପଞ୍ଚାୟତ ଅଧୀନ ବେଗୁନିଆ ସରକାରୀ ୟୁପି ସ୍କୁଲରେ ବନମହୋତ୍ସବ ପାଳିତ ହୋଇ ଯାଇଛି । ପ୍ରଧାନଶିକ୍ଷକ ମୁକେଶ କୁମାର ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପିଲାମାନେ ଶଙ୍ଖ କେନ୍ଦରା ବଜାଇ ଗ୍ରାମ ପରିକ୍ରମା କରିବା ସହ ପରିବେଶ ସମ୍ପର୍କରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଥିଲେ । ଶେଷରେ ଗ୍ରାମ ମନ୍ଦିର ପଛ ପାର୍ଶ୍ୱରେ ବଉଳ, ଲିମ୍ବ, ଦେବଦାରୁ ଇତ୍ୟାଦି ଚାରା ରୋପଣ କରିଥିଲେ । ପ୍ରକୃତିବନ୍ଧୁ ପୁରସ୍କାର ପ୍ରାପ୍ତ ପରିବେଶବିତ ପୂର୍ଣ୍ଣଚନ୍ଦ୍ର ସେଣ୍ଠ ଓ ପରିଚାଳନା କମିଟି ସଭାପତି ସମସେର ଶାହା ଉପସ୍ଥିତ ରହି ପିଲା ମାନଙ୍କୁ ଉତ୍ସାହିତ କରିଥିଲେ ।

# ନୀଳଗିରିରେ ବଢ଼ିଚାଲିଛି ବାଇକ୍ ଲୁଟେରାଙ୍କ ଦୌରାତ୍ମ୍ୟ

ନୀଳଗିରି , ୦୫/୦୭ (ନି.ପ୍ର): ନୀଳଗିରି ସହର ତଥା ଏହାର ଆଖପାଖ ଅଞ୍ଚଳରେ ଦିନକୁ ଦିନ ବୃଦ୍ଧି ପାଇଛି ବାଇକ୍ ଲୁଟେରାଙ୍କ ପ୍ରାଦୁର୍ଭାବ । କିଛିଦିନ ଅନ୍ତରାଳରେ ବାଇକ୍ ଲୁଟ୍ ହେଉଥିବା ଖବର ମିଳିବାରେ ଲାଗିଛି । ଗତ ମଙ୍ଗଳବାର ସନ୍ଧ୍ୟାରେ ନୀଳଗିରି ହାଟଛକ ନିକଟସ୍ଥ ମଙ୍ଗଳା ମନ୍ଦିର ନିକଟରେ ଦୋକାନ କରିଥିବା ଘାଟଘର ସାହି ଅଞ୍ଚଳର ଶରତ ସାହୁଙ୍କ ପୁଅ ନିଶିକାନ୍ତ ନିଜ ହୋଣ୍ଡାସାଇନ୍ ମୋଟର ସାଇକେଲ ନମ୍ବର ଓଡ଼୦୧ଖ,-୧୧୬୩ ଗାଡ଼ିକୁ କେହି ଦୁର୍ବୃତ୍ତ ଚୋରୀ କରି ଫେରାର ହୋଇ ଯିବାରେ ସକ୍ଷମ ହୋଇଛି । ସଙ୍ଗେ ସଙ୍ଗେ ନିଶିକାନ୍ତ ସିସିଟିଭି ଫୁଟେଜ ଆଧାରରେ ଖୋଜାଖୋଜି କରିଥିଲେ । ଏନେଇ ନୀଳଗିରି ଥାନାରେ ଏତଲା ଦେବାପରେ ପୋଲିସ୍ ତଦନ୍ତ ଆରମ୍ଭ କରିଛି ।

# କୃଷି କ୍ରାନ୍ତି ପାଇଁ ଜନଜାଗୃତି ମଂଚର ପ୍ରସ୍ତୁତି

ଉଦଳା , ୦୫/୦୭ (ନି.ପ୍ର): 'କୃଷି କ୍ରାନ୍ତି' ଯୋଜନାକୁ ସଫଳ କରିବା ପାଇଁ ମୟୂରଭ ଜିଲ୍ଲାରେ ସ୍ୱେଚ୍ଛାସେବି ସଂଗଠନ 'ଜନଜାଗୃତି ମଂଚ' ପ୍ରସ୍ତୁତି ପର୍ବ ଆରମ୍ଭ କରିଛି । ଯେଉଁ ଜମିରେ ବର୍ଷରେ ଗୋଟିଏ ଫସଲ ଅମଳ ହେଉଥିଲା, ସେଠାରୁ କିପରି ଦୁଇଟି ଫସଲ ଅମଳ ହେବ ସେଥିପାଇଁ ଏକ ଅଭିନବ ଉପାୟ କୃଷି କ୍ରାନ୍ତି ଯୋଜନା ବାହାର କରିଛି । କୃଷକ ମାନଙ୍କୁ ଏ ସମ୍ପର୍କରେ ଅବଗତ କରାଇବା ପାଇଁ ମଂଚର ସ୍ୱେଚ୍ଛାସେବୀ ମାନେ ଦାୟିତ୍ୱ ନେଇଛନ୍ତି । ମଂଚର ଟିମ ଲିଡ଼ର ଗଦାଧର ଦାଶଙ୍କ ଅଧକ୍ଷତାରେ ଆଜି ଜୁଲାଇ ୫ ତାରିଖ ବୁଧବାର ଦିନ ଉଦଳାସ୍ଥିତ କାର୍ଯ୍ୟାଳୟ ପରିସରରେ କେଉଁ ବ୍ଲକ ଦାୟିତ୍ୱରେ କେଉଁ ସ୍ୱେଚ୍ଛାସେବି ରହିବେ ଓ ପରସ୍ପରକୁ କିପରି ସହଯୋଗ କରିବେ ସେ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଛି । ଉଦଳା, କପ୍ତିପଦା, ଖୁଂଟା, ଗୋପବନ୍ଧୁନଗର, ବାରିପଦା, ଶ୍ୟାମାଖୁଂଟା, ବେତନଟୀ ପ୍ରଭୃତି ବ୍ଲକ ମାନଙ୍କରେ ଏହି ଯୋଜନା କାର୍ଯ୍ୟକାରୀ ହେବ ବୋଲି ମଂଚ ତରଫରୁ ନିଷ୍ପତି ନିଆଯାଇଛି । ଏ ସମ୍ପର୍କରେ ସ୍ୱେଚ୍ଛାସେବୀ ମାନଙ୍କୁ ଆନୁସଙ୍ଗିକ ତାଲିମ ମଧ୍ୟ ପ୍ରଦାନ କରାଯାଇଛି । ଆଜିର ବୈଠକକୁ ସଫଳ କରିବା ପାଇଁ ଲାଲ ମୋହନ, କାପାଲ, ରୁପାଏ, ରାମଚନ୍ଦ୍ର, ଆରତୀ, ହରପ୍ରୀୟା, ଗୌତମ, ରାମାୟ, ସୁମତୀ, ନିରୁପମା, କାରୁକର, ସସ୍ମିତା, ଅଭିଲିପ୍ସା, ଅବନ୍ତି, ଭାରତୀ, ରବିନ୍ଦ୍ର ପ୍ରମୁଖ ଉପସ୍ଥିତ ଥିଲେ । ଯୋଜନାବଦ୍ଧ ଭାବରେ ଆରମ୍ଭ ହୋଇଥିବା ଏହି କ୍ରାନ୍ତି ଯୋଜନା ଆସନ୍ତା ଅଗଷ୍ଟ ୧୪ ତାରିଖ ଦିନ ଉଦ୍‌ଯାପିତ ହେବାର କାର୍ଯ୍ୟକ୍ରମ ରହିଛି ।



# ଜାମଶୂଳୀ କଲେଜରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା




ଲଙ୍ଗଳେଶ୍ୱର , ୦୫/୦୭ (ନି.ପ୍ର): ଜାମଶୂଳୀ ସ୍ଥିତ ଲକ୍ଷ୍ମୀ ନାରାୟଣ କଲେଜରେ ବୁଧବାର ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀ ରବୀନ୍ଦ୍ର କୁମାର ମହାନ୍ତିଙ୍କ ଉଦ୍ଦେଶ୍ୟରେ ବିଦାୟ କାଳୀନ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି ।କଲେଜ ଅଧକ୍ଷ ପ୍ରାଧ୍ୟାପକ ଉମେଶ ଚନ୍ଦ୍ର ପ୍ରଧାନଙ୍କ ପୌରହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ପରିଚାଳନା କମିଟି ସଭାପତି ସୃଷ୍ଟିଧର ପାତ୍ର ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଉତ୍ସବର ମହତ୍ତ୍ୱ ସମ୍ପର୍କରେ ଆଲୋଚନା କରିଥିଲେ । କର୍ମଚାରୀ ସଂଘ ସମ୍ପାଦକ ପ୍ରାଧ୍ୟାପକ ଦିବ୍ୟ ଇନ୍ଦୁ ଗିରି ,ଉଦ୍ଭିଦ ବିଜ୍ଞାନ ମୁଖ୍ୟ ଡ଼ଃ ଶିବ ନାରାୟଣ ମହାପାତ୍ର ସମ୍ମାନିତ ଅତିଥି ଭାବରେ ଯୋଗ ଦେଇ ଶ୍ରୀ ମହାନ୍ତିଙ୍କ କର୍ମମୟ ଜୀବନ ସମ୍ପର୍କରେ କହିଥିଲେ । ଗଣିତ ବିଭାଗ ମୁଖ୍ୟ ଅଧ୍ୟାପକ ଡ଼ଃ ସୁକାନ୍ତ କୁମାର ଗିରି ,ଇତିହାସ ବିଭାଗ ମୁଖ୍ୟ ଅଧ୍ୟାପକ ପି ଏନ ମହାନ୍ତି ,ପ୍ରାଧ୍ୟାପକ ସଂଗ୍ରାମ କେଶରୀ ନାୟକ,ଅଜିତ କୁମାର ଭୂୟାଁ, ନଗେନ୍ଦ୍ର ନାଥ ପାତ୍ର ,ସୁଧାକର ଦାସ ପ୍ରମୁଖ ମଧ ବକ୍ତବ୍ୟ ପ୍ରଦାନ କରିଥିଲେ ।ପରିଚାଳନା କମିଟି ସଦସ୍ୟ ଗୌରାଙ୍ଗ ବିଶ୍ୱାଳ, ନାରାୟଣ ଜେନା, ନୀଳମ୍ବର ପ୍ରଧାନ , ସକିଲୁଦ୍ଦିନ ଖାଁ ,ଅଧ୍ୟାପକ ତାପସ ତନୟ ନନ୍ଦୀ, ବିଶ୍ୱ ରଞ୍ଜନ ପରିଡା ପ୍ରମୁଖ ଉପସ୍ଥିତ ଥିଲେ ।ଅତିଥିମାନେ ବିଦାୟୀ ରବୀନ୍ଦ୍ର କୁମାର ମହାନ୍ତିଙ୍କୁ ଉପଢୌକନ ,ଉପାୟନ ,ମାନପତ୍ର ଆଦି ଦେଇ ସମ୍ବର୍ଦ୍ଧିତ କରିଥିଲେ । ଶେଷରେ ପଦାର୍ଥ ବିଜ୍ଞାନ ବିଭାଗ ଅଧ୍ୟାପକ ପ୍ରଭାତ ରଞ୍ଜନ ଦାସ ସମସ୍ତ ଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ।

❐ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❐ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❐ Managing & Executive Editor : Srustidhar Parida
❐ Editor: Sairindhree Sahoo